# ମାଧ୍ୟମିକ

SA-II

# ପରୀକ୍ଷା ପ୍ରଦୀପ




ଅଶୋକ ଦାସ ଫାଉଣ୍ଡେସନ୍



# ମାଧମିକ ଶିକ୍ଷା ପ୍ରଦୀପ

(୨୦୨୨-୨୦୨୩ ଶିକ୍ଷାବର୍ଷରେ ମ୍ୟାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ)

## SA-II

ସମୀକ୍ଷକ
**ପଣ୍ଡିତ ଭୁପତି ଭୁଷଣ ମିଶ୍ର**

ପ୍ରକାଶକ
**ଅଶୋକ ଦାସ ଫାଉଣ୍ଡେସନ, ଯାଜପୁର**

# ପ୍ରକାଶନ ସମ୍ବନ୍ଧରେ ପଦେ

ଅଶୋକ ଦାସ ଫାଉଣ୍ଡେସନ ଏକ ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ, ଯାଜପୁରର ପ୍ରବାଦ ପୁରୁଷ ସ୍ୱର୍ଗତ ଅଶୋକ ଦାସଙ୍କ ପୂଣ୍ୟ ସ୍ମୃତିରେ ଜନସାଧାରଣଙ୍କ ସେବା ଓ ସହଯୋଗ ପାଇଁ ଏହି ସଂଗଠନ ଅଙ୍ଗୀକାରବଦ୍ଧ । ରକ୍ତଦାନ, ସ୍ୱାସ୍ଥ୍ୟଶିବିର ଆଦି କାର୍ଯ୍ୟକ୍ରମ ସହିତ ଶୈକ୍ଷିକ ବିକାଶ ପାଇଁ ସଂଗଠନ ମଧ୍ୟ ପ୍ରୟାସ କରିଛି ।

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆନ୍ତରିକ ଉଦ୍ୟମ ଫଳରେ ଓଡିଶାର ସମଗ୍ର ଉଚ୍ଚବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଚାଲିଛି । ଏହି ଅବସରରେ ଯାଜପୁରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସ ବିଦ୍ୟାଳୟମାନଙ୍କରେ ଶୈକ୍ଷିକ ପରିବେଶକୁ ଅଧିକ ରୁଚିସମ୍ପନ୍ନ ଓ ପ୍ରତିଭାଶାଳୀ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ତାଙ୍କର ଇଚ୍ଛାକୁ ସାକାର ରୂପ ଦେବାପାଇଁ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଚଳିତ ବର୍ଷ ୨୦୨୨-୨୩ ଶିକ୍ଷା ବର୍ଷରେ ମ୍ୟାଟ୍ରିକ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ମାଧ୍ୟମିକ 'ପରୀକ୍ଷା ପ୍ରଦୀପ' ପୁସ୍ତକର ଦ୍ୱିତୀୟ ଭାଗଟିକୁ ଉପହାର ଦେବାକୁ ସଂକଳ୍ପ ଗ୍ରହଣ କରାଯାଇଛି ।

ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ନାଗରିକ ଓ ବର୍ତ୍ତମାନର ମାନବ ସମ୍ପଦ । ସେମାନଙ୍କ ଜୀବନର ଭିତ୍ତିଭୂମି ଠିକ୍ ଭାବରେ ଗଠିତ ହେଲେ ଭବିଷ୍ୟତର ଆଶା ଓ ଆକାଙ୍କ୍ଷା ସଫଳ ହୋଇପାରିବ । ଏହି ଲକ୍ଷ୍ୟରେ ଫାଉଣ୍ଡେସନ୍ ପକ୍ଷରୁ ବିଭିନ୍ନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏଥିପାଇଁ ସମ୍ମାନନୀୟ ଅଭିଭାବକ, ପୂଜ୍ୟଶିକ୍ଷକ ଓ ଶ୍ରଦ୍ଧେୟ ଛାତ୍ରଛାତ୍ରୀମାନଙ୍କର ସହଯୋଗ କାମନା କରୁଛୁ ।

ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ 'ପରୀକ୍ଷା ପ୍ରଦୀପ' ପ୍ରକାଶ ପାଉଛି । ଏହି ବର୍ଷ ଏହା ଦୁଇଟି ପର୍ଯ୍ୟାୟରେ ପ୍ରକାଶ ପାଇବାର ବ୍ୟବସ୍ଥା କରାଯାଇଛି । ପ୍ରଥମ ସମାପ୍ତି ସୂଚକ ମୂଲ୍ୟାୟନ ପୂର୍ବରୁ ପ୍ରଥମ ଭାଗ ଓ ଦ୍ୱିତୀୟ ସମାପ୍ତି ସୂଚକ ମୂଲ୍ୟାୟନ ପୂର୍ବରୁ ଦ୍ୱିତୀୟ ଭାଗ ପୂର୍ଣ୍ଣାଙ୍ଗ ରୂପରେ ପ୍ରକାଶ ପାଇବା ପାଇଁ ସୁବନ୍ଦୋବସ୍ତ କରାଯାଇଛି । ପ୍ରଥମ ଭାଗ ପ୍ରକାଶ ପାଇବା ସହ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବଣ୍ଟନ କାର୍ଯ୍ୟ ଯଥା ସମୟରେ ସମାପନ ହୋଇଛି । ଏହାର ଦ୍ୱିତୀୟ ଭାଗଟି ଖୁବ୍ ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି । ଏହି ମହତ୍ କାର୍ଯ୍ୟଟିର ସଫଳତା ପଛରେ ଖୋର୍ଦ୍ଧା ଏବଂ ଯାଜପୁର ଜିଲ୍ଲାର ଅଭିଜ୍ଞ ସମ୍ବଳ ଶିକ୍ଷକଙ୍କ କଠିନ ପରିଶ୍ରମ ଏବଂ ନିରନ୍ତର ଗବେଷଣା ପ୍ରଶଂସାଯୋଗ୍ୟ । ଏହି ବିଷୟରେ ଆପଣମାନଙ୍କର ଗଠନ ମୂଳକ ମତାମତ ଓ ପରାମର୍ଶକୁ ଆମ୍ଭେ ସାଦରେ ଗ୍ରହଣ କରିବୁ । ପ୍ରିୟ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷାରେ ସଫଳତା ପାଇଁ ଶୁଭେଚ୍ଛା କାମନା କରି ମା' ବିରଜାଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ ।

**ଶ୍ରୀ ଭବ ପ୍ରସାଦ ଦାସ**
ମୁଖ୍ୟସଚିବ

**ଶ୍ରୀ ସବ୍ୟସାଚୀ ମହାପାତ୍ର**
ସଭାପତି
ଅଶୋକ ଦାସ ଫାଉଣ୍ଡେସନ୍, ଜହ୍ନବଗିଚା, ଯାଜପୁର
ମୋ - ୯୯୩୮୨୫୦୩୯୦

# ମାଧ୍ୟମିକ ଶିକ୍ଷା ପ୍ରଦୀପ

# SCIENCE
# (SCP)

PUBLISHER

**ASHOK DAS FOUNDATION, JAJPUR**

# ସୂଚୀ

| | | |
|---|---|---|
| ୧. | ଆଲୋକ-ପ୍ରତିଫଳନ ଓ ପ୍ରତିସରଣ | ୩୭୫ |
| ୨. | ମାନବ ଚକ୍ଷୁ ଓ ବର୍ଣ୍ଣ ଜଗତ | ୩୮୬ |
| ୩. | ବିଦ୍ୟୁତ୍ | ୩୯୮ |
| ୪. | ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ | ୪୧୪ |
| ୫. | **MODEL QUESTIONS** | ୪୨୪ |

# ଆଲୋକ - ପ୍ରତିଫଳନ ଓ ପ୍ରତିସରଣ

**୧. ଆଲୋକ କେଉଁ ଗୁଣ ପ୍ରଦର୍ଶନ କରେ ?**

a. କେବଳ ତରଙ୍ଗ b. କେବଳ କଣିକା c. ଉଭୟ କାଣିକା ଓ ତରଙ୍ଗ d. କୌଣସିଟି ନୁହେଁ

**୨. ଆଲୋକର ପ୍ରତିଫଳନ ବେଳେ ଆପତନ କୋଣ ଓ ପ୍ରତିଫଳନ କୋଣ ମଧ୍ୟରେ କି ସମ୍ପର୍କ ଥାଏ ?**

a. $i > r$ b. $i > r$ c. $i = r$ d. ସମସ୍ତ

**୩. ଆଲୋକର ଗତିପଥରେ ଅସ୍ୱଚ୍ଛ ବସ୍ତୁ ଯୋଗୁ ଗତିପଥ ବଙ୍କେଇ ଯିବାକୁ କ'ଣ କୁହାଯାଏ ।**

a. ପ୍ରତିଫଳନ b. ପ୍ରତିସରଣ c. ବିକୀର୍ଣ୍ଣନ d. ପ୍ରକୀର୍ଣ୍ଣନ

**୪. ସମତଳ ଦର୍ପଣରେ ଗଠିତ ପ୍ରତିବିମ୍ବର ପ୍ରକୃତି କିପରି ହୋଇଥାଏ ?**

a. ସଳଖ ଓ ବାସ୍ତବ b. ସଳଖ ଓ ଆଭାସୀ c. ଓଲଟା ଓ ବାସ୍ତବ d. ଓଲଟା ଓ ଆଭାସୀ

**୫. ସମତଳ ଦର୍ପଣରେ ଗଠିତ ପ୍ରତିବିମ୍ବରେ ବସ୍ତୁ ତୁଳନାରେ ପ୍ରତିବିମ୍ବର କ'ଣ ପରିବର୍ତ୍ତନ ହୁଏ ?**

a. ଉଚ୍ଚତା b. ଦୂରତା c. ପାର୍ଶ୍ୱ d. ଉଚ୍ଚତା ଓ ଦୂରତା

**୬. ବର୍ତ୍ତୁଳାକାର ଦର୍ପଣ ଯେଉଁ ଗୋଲକର ଅଂଶ ହୋଇଥାଏ, ସେହି ଗୋଲକର କେନ୍ଦ୍ରକୁ କ'ଣ କୁହାଯାଏ ?**

a. ଫୋକସ୍ b. ପୋଲ c. ବକ୍ରତା କେନ୍ଦ୍ର d. ଆଲୋକ କେନ୍ଦ୍ର

**୭. ଅବତଳ ଦର୍ପଣର ବକ୍ରତା କେନ୍ଦ୍ର ଦର୍ପଣର କେଉଁ ଠାରେ ରହେ ?**

a. ପୃଷ୍ଠରେ b. ଆଗପଟେ c. ପଛପଟେ d. କହିହେବ ନାହିଁ

**୮. ଉତ୍ତଳ ଦର୍ପଣର ବକ୍ରତା କେନ୍ଦ୍ର ଦର୍ପଣର କେଉଁ ଠାରେ ଅବସ୍ଥାନ କରେ ?**

a. ପୃଷ୍ଠରେ b. ଆଗପଟେ c. ପଛପଟେ d. କହିହେବ ନାହିଁ

**୯. ଯେଉଁ ସରଳରେଖା ବର୍ତ୍ତୁଳାକାର ଦର୍ପଣର ପୋଲ୍ ଓ ବକ୍ରତା କେନ୍ଦ୍ରକୁ ଯୋଗ କରୁଥାଏ, ତାକୁ କ'ଣ କୁହାଯାଏ ?**

a. ପ୍ରମୁଖ ଅକ୍ଷ b. ବକ୍ରତା ବ୍ୟାସାର୍ଦ୍ଧ c. ଫୋକସ୍ ଦୂରତା d. କେଉଁଟି ନୁହେଁ

**୧୦. ଏକ କ୍ଷୁଦ୍ର ଦ୍ୱାରକ ବିଶିଷ୍ଟ ବର୍ତ୍ତୁଳାକାର ଦର୍ପଣର ବକ୍ରତା ବ୍ୟାସାର୍ଦ୍ଧ ଓ ଫୋକସ୍ ଦୂରତା ମଧ୍ୟରେ ସମ୍ପର୍କ କ'ଣ ?**

a. $f = 2R$ b. $R = 2f$ c. $\frac{1}{R} = \frac{1}{F}$ d. $\frac{1}{R} = \frac{1}{F} = 1$

**୧୧. ଅବତଳ ଦର୍ପଣରେ ବସ୍ତୁଟି ଅନନ୍ତ ଦୂରତାରେ ରହିଲେ ପ୍ରତିବିମ୍ବ କେଉଁ ଠାରେ ସୃଷ୍ଟି ହୁଏ ?**

a. f ଓ c ମଧ୍ୟରେ b. ଅନନ୍ତ ଦୂରତାରେ c. f ଠାରେ d. c ପରେ

**୧୨. ଅବତଳ ଦର୍ପଣରେ ବସ୍ତୁ କେଉଁଠି ରହିଲେ ପ୍ରତିବିମ୍ବ c ଠାରେ ସୃଷ୍ଟି ହୁଏ ?**

a. c ଓ f ମଧ୍ୟରେ b. e ଠାରେ c. f ଠାରେ d. p ଓ f ମଧ୍ୟରେ

**୧୩. ଅବତଳ ଦର୍ପଣରେ ବସ୍ତୁ କେଉଁଠି ରହିଲେ ପ୍ରତିବିମ୍ବ ଆଭାସୀ ଓ ସଳଖ ସୃଷ୍ଟି ହୁଏ ?**

a. c ଠାରେ b. c ଓ f ମଧ୍ୟରେ c. f ଠାରେ d. p ଓ f ମଧ୍ୟରେ

**୧୪. ଅବତଳ ଦର୍ପଣରେ ବସ୍ତୁ P ଓ F ମଧ୍ୟରେ ରହିଲେ ପ୍ରତିବିମ୍ବ କେଉଁଠି ସୃଷ୍ଟି ହୁଏ ?**

a. c ଠାରେ b. ଦର୍ପଣ ପଛପଟେ c. f ଓ c ମଧ୍ୟରେ d. ଅନନ୍ତ ଦୂରରେ

୧୫. ଅବତଳ ଦର୍ପଣରେ ମୁଖ୍ୟ ଅକ୍ଷ ସହ ସମାନ୍ତର ହୋଇ ଆସୁଥିବା ଗୋଟିଏ ରଶ୍ମି ପ୍ରତିଫଳିତ ହୋଇ କାହା ମଧ୍ୟ ଦେଇ ଗତି କରେ ?

a. C  b. F  c. R  d. P

୧୬. ଟର୍ଚ୍ଚ ଓ ସନ୍ଧାନୀ ଆଲୋକରେ କେଉଁ ଦର୍ପଣ ବ୍ୟବହାର କରାଯାଏ ?

a. ଉତ୍ତଳ  b. ଅବତଳ  c. ସମତଳ  d. କେଉଁଟି ନୁହେଁ

୧୭. ସୌରଚୁଲାରେ ସୂର୍ଯ୍ୟାଲୋକକୁ କେନ୍ଦ୍ରୀଭୂତ କରିବା ପାଇଁ କେଉଁ ଦର୍ପଣ ବ୍ୟବହାର କରାଯାଏ ?

a. ଉତ୍ତଳ  b. ଅବତଳ  c. ସମତଳ  d. କେଉଁଟି ନୁହେଁ

୧୮. ଉତ୍ତଳ ଦର୍ପଣରେ ବସ୍ତୁ ଅନନ୍ତ ଦୂରତାରେ ଥିଲେ ପ୍ରତିବିମ୍ବ କେଉଁ ଠାରେ ସୃଷ୍ଟି ହୁଏ ?

a. ଦର୍ପଣର ଆଗପଟେ  b. ଦର୍ପଣ ପଛପଟେ  c. f ଠାରେ  d. f ଠାରେ ଓ ଦର୍ପଣର ପଛପଟେ

୧୯. ଉତ୍ତଳ ଦର୍ପଣରେ ବସ୍ତୁ ଅନନ୍ତ ଦୂରତାରେ ଥିଲେ ପ୍ରତିବିମ୍ବର ପ୍ରକୃତି କ'ଣ ହେବ ?

a. କ୍ଷୁଦ୍ର, ବାସ୍ତବ, ସଳଖ  b. ବିଲସମ, ଆଭାସୀ, ସଳଖ  c. ବିଲସମ, ବାସ୍ତବ, ଓଲଟା  d. କ୍ଷୁଦ୍ର, ଆଭାସୀ, ସଳଖ

୨୦. ଆଗ୍ରା ଦୁର୍ଗର କାନ୍ଥରେ କେଉଁ ପ୍ରକାରର ଦର୍ପଣ ବ୍ୟବହୃତ ହୋଇଛି ?

a. ଉତ୍ତଳ  b. ଅବତଳ  c. ସମତଳ  d. କହିହେବ ନାହିଁ

୨୧. ଯାନବାହାନରେ ପଛ ପାଖ ଦେଖିବା ପାଇଁ କେଉଁ ଦର୍ପଣ ବ୍ୟବହାର ହୁଏ ?

a. ଉତ୍ତଳ  b. ଅବତଳ  c. ସମତଳ  d. କହିହେବ ନାହିଁ

୨୨. କାର୍ଟେସିଆନ୍ ପ୍ରଥା ଅନୁସାରେ କାହାକୁ ମୂଳ ବିନ୍ଦୁ ରୂପେ ନିଆଯାଏ ?

a. P  b. O  c. F  d. E

୨୩. କାର୍ଟେସିଆନ୍ ପ୍ରଥା ଅନୁସାରେ ଦର୍ପଣର ପ୍ରମୁଖ ଅକ୍ଷକୁ କେଉଁ ଅକ୍ଷ ରୂପେ ନିଆଯାଏ ?

a. x - ଅକ୍ଷ  b. y - ଅକ୍ଷ  c. z - ଅକ୍ଷ  d. d - ଅକ୍ଷ

୨୪. ବର୍ତ୍ତୁଳାକାର ଦର୍ପଣରେ **p** ଠାରୁ ବସ୍ତୁର ଦୂରତାରୁ କେଉଁ ଅକ୍ଷର ନିଆଯାଏ ?

a. u  b. v  c. f  d. r

୨୫. ବର୍ତ୍ତୁଳାକାର ଦର୍ପଣରେ **p** ଠାରୁ ପତିବିମ୍ବର ଦୂରତାକୁ କେଉଁ ଅକ୍ଷର ନିଆଯାଏ ?

a. u  b. v  c. f  d. r

୨୬. ବର୍ତ୍ତୁଳାକାର ଦର୍ପଣର ଫୋକସ୍ ଦୂରତା, ବସ୍ତୁ ଦୂରତା, ପ୍ରତିବିମ୍ବ ଦୂରତା ମଧ୍ୟରେ ଥିବା ସମ୍ପର୍କଟି କ'ଣ ?

a. $\frac{1}{f}+\frac{1}{v}=\frac{1}{u}$  b. $\frac{1}{v}+\frac{1}{u}=\frac{1}{f}$  c. v + u = f  d. $\frac{1}{v}-\frac{1}{u}=\frac{1}{f}$

୨୭. ପରିବର୍ଦ୍ଧନକୁ କାହାର ଅନୁପାତ ରୂପେ ପ୍ରକାଶ କରାଯାଏ ?

a. $\frac{u}{v}$  b. $\frac{-u}{v}$  c. $\frac{v}{u}$  d. $\frac{-v}{u}$

୨୮. ବସ୍ତୁ ପ୍ରମୁଖ ଅକ୍ଷର ଉପର ଆଡ଼କୁ ରହିଥିଲେ ବସ୍ତୁ ଉଚ୍ଚତା କ'ଣ ହୋଇଥାଏ ?

a. +  b. -  c. +  d. କେଉଁଟି ନୁହେଁ

୨୯. ବାସ୍ତବ ପ୍ରତିବିମ୍ବ ପାଇଁ ଉଚ୍ଚତା କ'ଣ ହୋଇଥାଏ ?

a. +  b. -  c. o  d. କହିହେବ ନାହିଁ

୩୦. ଆଭାସୀ ପ୍ରତିବିମ୍ବ ପାଇଁ ଉଚ୍ଚତା କ'ଣ ହୋଇଥାଏ ?

a. + b. - c. o d. କହିହେବ ନାହିଁ

୩୧. ଆଲୋକ ତୀର୍ଯ୍ୟକ୍ ଭାବରେ ଗୋଟିଏ ମାଧ୍ୟମରୁ ଅନ୍ୟ ଏକ ମାଧ୍ୟମକୁ ପ୍ରବେଶ କଲେ ତା'ର ସଞ୍ଚାରଣ ଦିଗ ଦ୍ୱିତୀୟ ମଧାମରେ ବଦଳିଯାଏ । ଏହାକୁ କ'ଣ କୁହାଯାଏ ?

a. ପ୍ରତିଫଳନ b. ପ୍ରତିସରଣ c. ବିକୀର୍ଣ୍ଣନ d. ପ୍ରକୀର୍ଣ୍ଣନ

୩୨. ପ୍ରତିସରଣାଙ୍କ = ?

a. $\frac{\sin i}{\sin r}$ b. sin i . sin r c. $\frac{\sin r}{\sin i}$ d. sin i + sin r

୩୩. ଦୁଇଟି ନିର୍ଦ୍ଦିଷ୍ଟ ମାଧ୍ୟମ ପାଇଁ ଦିଗ ପରିବର୍ତ୍ତନ କାହା ଉପରେ ନିର୍ଭର କରେ ?

a. ଆଲୋକର ବର୍ଣ୍ଣ b. ପ୍ରତିସରଣାଙ୍କ c. ଉଭୟ d. କହିହେବ ନାହିଁ

୩୪. ସମତଳ ଦର୍ପଣର ପରିବର୍ଦ୍ଧନ କ୍ଷମତା କେତେ ?

a. 0 b. + 1 c. 2 d. - 1

୩୫. ମୁଖ୍ୟ ଅକ୍ଷ ସହ ସମାନ୍ତର ଆଲୋକ ରଶ୍ମି ପ୍ରତିଫଳନ ପରେ ପରସ୍ପରକୁ ଯେଉଁ ବିନ୍ଦୁରେ ଛେଦ କରନ୍ତି, ସେ ବିନ୍ଦୁକୁ କ'ଣ କୁହାଯାଏ ?

a. ପୋଲ୍ b. ବକ୍ରତା କେନ୍ଦ୍ର c. ଆଲୋକ କେନ୍ଦ୍ର d. ଫୋକସ୍

୩୬. ଅବତଳ ଦର୍ପଣର ଫୋକସ୍ ଦେଇ ଗତି କରୁଥିବା ରଶ୍ମି କିପରି ପ୍ରତିଫଳିତ ହୋଇଥାଏ ?

a. ବକ୍ରତା କେନ୍ଦ୍ର ଦେଇ b. ମୁଖ୍ୟ ଅକ୍ଷ ସହ ସମାନ୍ତର ହୋଇ c. ଫୋକସ୍ ଦେଇ d. ଦ୍ୱାରକ ସହ ଲମ୍ବ ହୋଇ

୩୭. ଏକ ଦର୍ପଣର ପୋକସ୍ ଦୂରତା 1.5 ମି. ହେଲେ ବକ୍ରତା ବ୍ୟାସାର୍ଦ୍ଧ କେତେ ?

a. 2m b. 3m c. 2.5m d. 1.5m

୩୮. ଆଲୋକ ରଶ୍ମି ଲଘୁ ମାଧ୍ୟମରୁ ଘନ ମାଧ୍ୟମକୁ ଗଲେ କ'ଣ ପରିବର୍ତ୍ତନ ହୁଏ ?

a. ଅଭିଲମ୍ବ ଆଡ଼କୁ ବଙ୍କାଇବା b. ଅଭିଲମ୍ବରୁ ଦୂରେଇବ c. ସରଳ ରେଖାରେ ଗତିକରେ d. କହିହେବ ନାହିଁ

୩୯. କୌଣସି ମାଧ୍ୟମର ପରମ ପ୍ରତିସରଣାଙ୍କ $n_{21}$ ର ମାନ କେତେ ?

a. $\frac{v_2}{v_1}$ b. $\frac{v_1}{v_2}$ c. $\frac{c}{v}$ d. $\frac{v}{c}$

୪୦. ଉତ୍ତଳ ଲେନ୍ସର କେଉଁ ବିନ୍ଦୁ ଦେଇ ଆଲୋକ ରଶ୍ମି ଗତି କଲେ ବିପଥନ ହୁଏ ନାହିଁ ।

a. ବକ୍ରତା କେନ୍ଦ୍ର b. ଫୋକସ୍ ବିନ୍ଦୁ c. ଆଲୋକ କେନ୍ଦ୍ର d. ଦ୍ୱାରକ

୪୧. କେଉଁ ଲେନ୍ସ ସର୍ବଦା ସଳଖ ଓ ଆଭାସୀ ପ୍ରତିବିମ୍ବ ସୃଷ୍ଟି କରେ ?

a. ଉତ୍ତଳ b. ଅବତଳ c. ସମତଳ d. କୌଣସିଟି ନୁହେଁ

୪୨. ଲେନ୍ସ ସୂତ୍ରଟି କ'ଣ ?

a. $\frac{1}{v}+\frac{1}{u}=\frac{1}{f}$ b. $\frac{1}{v}-\frac{1}{u}=\frac{1}{f}$ c. $\frac{1}{u}-\frac{1}{v}=\frac{1}{f}$ d. $\frac{1}{f}+\frac{1}{v}=\frac{1}{u}$

**୪୩. ଲେନ୍ସର ପାୱାର P = ?**

a. $\frac{1}{f}$ ମି.$^{-1}$ b. $\frac{1}{f}$ ସେ.ମି.$^{-1}$ c. $\frac{f}{2}$ d. $\frac{r}{2}$

**୪୪. SI ପଦ୍ଧତିରେ ଲେନ୍ସର ପାୱାରର ଏକକ କ'ଣ ?**

a. ହର୍ଜ b. ଡେସିବେଲ c. ଡାୟାପ୍ଟର d. ମିଟର

**୪୫. ଗୋଟିଏ ଲେନ୍ସର ପାୱାର +2.0 D ହେଲେ ଏହା କି ପ୍ରକାରର ଲେନ୍ସ ?**

a. ଉତ୍ତଳ b. ଅବତଳ c. ସମତଳ d. କୌଣସିଟି ନୁହେଁ

**୪୬. ଜଳରେ ନିମଜ୍ଜିତ ମୁଦ୍ରା ଆଲୋକର କେଉଁ ପ୍ରକ୍ରିୟା ଯୋଗୁ ଉପରକୁ ଉଠିଲା ପରି ଦେଖାଯାଏ ?**

a. ପ୍ରତିଫଳନ b. ପ୍ରତିସରଣ c. ବିକୀର୍ଣ୍ଣନ d. ଆପତନ

**୪୭. ଗୋଟିଏ ଲେନ୍ସର ପାୱାର +2.0 D ହେଲେ ଏହାର ଫୋକସ୍ ଦୂରତା କେତେ ?**

a. 2m b. 4m c. 0.5.m d. 1m

**୪୮. କେଉଁ ଲେନ୍ସକୁ ଅଭିସାରୀ ଲେନ୍ସ କୁହାଯାଏ ?**

a. ଉତ୍ତଳ b. ଅବତଳ c. ସ୍ତମ୍ଭାକା d. କେଉଁଟି ନୁହେଁ

**୪୯. କେଉଁ ଲେନ୍ସକୁ ଅପସାରୀ ଲେନ୍ସ କୁହାଯାଏ ?**

a. ଉତ୍ତଳ b. ଅବତଳ c. ସ୍ତମ୍ଭାକାର d. କେଉଁଟି ନୁହେଁ

**୫୦. ଜଳର ପ୍ରତିସରଣାଙ୍କ କେତେ ?**

a. 1.33 b. 2.33 c. 1.31 d. 1.46

**୫୧. ନିମ୍ନଲିଖିତ ମଧ୍ୟରୁ କେଉଁଟି ଲେନ୍ସ ତିଆରିରେ ବ୍ୟବହାର କରାଯାଇପାରିବ ନାହିଁ ?**

a. ଜଳ b. ମାଟି c. କାଚ d. ପ୍ଲାଷ୍ଟିକ୍

**୫୨. ନିମ୍ନସ୍ଥ ମଧ୍ୟରୁ କାହାର ବସ୍ତୁତ୍ୱ ଘନତା ଜଳ ଠାରୁ କମ୍ ମାତ୍ର ପ୍ରତିସରଣାଙ୍କ ଅଧିକ ?**

a. ରୁବି b. ହୀରା c. କିରୋସିନ୍ d. ବାୟୁ

## ANSWER

| | | | | | |
|---|---|---|---|---|---|
| 1.c | 2.c | 3.c | 4.b | 5.c | 6.c |
| 7.b | 8.c | 9.a | 10.b | 11.c | 12.b |
| 13.d | 14.b | 15.b | 16.b | 17.b | 18d |
| 19.b | 20.a | 21.a | 22.a | 23.a | 24.a |
| 25.b | 26.a | 27.d | 28.a | 29.b | 30.a |
| 31.b | 32.a | 33.b | 34.b | 35.d | 36.b |
| 37.b | 38.a | 39.b | 40.c | 41.b | 42.b |
| 43.a | 44.c | 45.a | 46.b | 47.c | 48.a |
| 49.b | 50.a | 51.b | 52.c | | |

# ଆଲୋକ - ପ୍ରତିଫଳନ ଓ ପ୍ରତିସରଣ

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର (୨ ନମ୍ବର)

**Q.1 ଆଲୋକର ଦ୍ୱୈତ ପ୍ରକୃତି କାହାକୁ କୁହାଯାଏ ?**

ଉ : i. ଆଧୁନିକ କ୍ୱାଣ୍ଟମ ତତ୍ତ୍ୱ ଅନୁସାରେ ଆଲୋକ କେବଳ ତରଙ୍ଗ ନୁହେଁ କି କେବଳ କଣିକା ନୁହେଁ ।

ii. ଆଲୋକ ତରଙ୍ଗ ଓ କଣିକା ଉଭୟର ଗୁଣ ପ୍ରଦର୍ଶନ କରେ । ଏହାକୁ ଆଲୋକର ଦ୍ୱୈତ ପ୍ରକୃତି କୁହାଯାଏ ।

**Q.2 ବର୍ତ୍ତୁଳାକାର ଦର୍ପଣର ବକ୍ରତା କେନ୍ଦ୍ର କହିଲେ କ'ଣ ବୁଝ ?**

ଉ : i. ବର୍ତ୍ତୁଳାକାର ଦର୍ପଣର ପ୍ରତିଫଳନ ପୃଷ୍ଠ ଗୋଲକ ପୃଷ୍ଠର ଏକ ଅଂଶ ଅଟେ । ବର୍ତ୍ତୁଳାକାର ଦର୍ପଣ ଯେଉଁ ଗୋଲକର ଅଂଶ ହୋଇଥାଏ ସେହି ଗୋଲକର କେନ୍ଦ୍ରକୁ ବର୍ତ୍ତୁଳାକାର ଦର୍ପଣର ବକ୍ରତା କେନ୍ଦ୍ର କୁହାଯାଏ ।

ii. ଏହାକୁ ସାଧାରଣତଃ (C) ଅକ୍ଷର ଦ୍ୱାରା ଚିହ୍ନିତ କରାଯାଏ । ବକ୍ରତା କେନ୍ଦ୍ର ଦର୍ପଣ ଉପରେ ନଥାଇ ଏହା ଦର୍ପଣର ବାହାରେ ଥାଏ ।

**Q.3 ଦର୍ପଣର ବକ୍ରତା ବ୍ୟାସାର୍ଦ୍ଧ ଓ ଫୋକସ୍ ଦୂରତା କାହାକୁ କୁହାଯାଏ ? ଏମାନଙ୍କ ମଧ୍ୟରେ ସମ୍ପର୍କ କ'ଣ ?**

ଉ : i. ଦର୍ପଣ ଯେଉଁ ଗୋଲକର ଅଂଶ ହୋଇଥାଏ, ସେହି ଗୋଲକର ବ୍ୟାସାର୍ଦ୍ଧକୁ ବକ୍ରତା ବ୍ୟାସାର୍ଦ୍ଧ କୁହାଯାଏ କିନ୍ତୁ ଦର୍ପଣର ପୋଲ୍ ଓ ଫୋକସ୍ ମଧ୍ୟରେ ଥିବା ଦୂରତାକୁ ଫୋକସ୍ ଦୂରତା କୁହାଯାଏ ।

ii. ଦର୍ପଣରେ ବକ୍ରତା ବ୍ୟାସାର୍ଦ୍ଧ ଏହାର ଫୋକସ୍ ଦୂରତାର ଦୁଇଗୁଣ ଅଟେ । ଅର୍ଥାତ୍ $\mathbf{R = 2f}$

**Q.4 ଯାନଗୁଡ଼ିକରେ ସାମନାପଟେ ଗୋଟିଏ କଡ଼କୁ ଉତ୍ତଳ ଦର୍ପଣ କାହିଁକି ବ୍ୟବହାର କରାଯାଏ ?**

ଉ : i. ଯାନଗୁଡ଼ିକରେ ସାମନାପଟେ ଗୋଟିଏ କଡ଼କୁ ଉତ୍ତଳ ଦର୍ପଣ ଲାଗିଥାଏ । ଏହାଦ୍ୱାରା ଗାଡ଼ିଚାଳକ ତା'ର ପଛରୁ ଆସୁଥିବ ଅନ୍ୟ ଯାନ ଗୁଡ଼ିକୁ ଦେଖିପାରେ ଓ ସେହି ଅନୁସାରେ ନିରାପଦ ଭାବେ ନିଜ ଗାଡ଼ି ଚଲାଏ ।

ii. ଉତ୍ତଳ ଦର୍ପଣରେ ସର୍ବଦା ସଳଖ ଓ ଛୋଟ ପ୍ରତିବିମ୍ବ ସୃଷ୍ଟି ହୋଇଥାଏ ।

**Q.5 ପରିବର୍ଦ୍ଧନ କହିଲେ କ'ଣ ବୁଝ ?**

ଉ : i. ବର୍ତ୍ତୁଳାକାର ଦର୍ପଣରେ ବସ୍ତୁର ପ୍ରତିବିମ୍ବ ସୃଷ୍ଟି ହୋଇଥିଲା ବେଳେ ବସ୍ତୁର ଆକାର ତୁଳନାରେ ପ୍ରତିବିମ୍ବ କେତେ ପରିମାଣର ବର୍ଦ୍ଧିତ ହୋଇଛି, ତାହାକୁ ବର୍ତ୍ତୁଳାକାର ଦର୍ପଣ ଦ୍ୱାରା ସୃଷ୍ଟି ହୋଇଥିବା ପରିବର୍ଦ୍ଧନ କୁହାଯାଏ ।

ii. ପରିବର୍ଦ୍ଧନକୁ 'm' ଅକ୍ଷର ଦ୍ୱାରା ଚିହ୍ନିତ କରାଯାଏ । ଏହାକୁ ପ୍ରତିବିମ୍ବର ଉଚ୍ଚତା ଓ ବସ୍ତୁର ଉଚ୍ଚତାର ଅନୁପାତ ଦ୍ୱାରା ପ୍ରକାଶ କରାଯାଏ ।

**Q.6 ଆଲୋକର ପ୍ରତିସରଣର ଦୁଇଟି ନିୟମ କ'ଣ ?**

ଉ : i. ଆପତିତ ରଶ୍ମି, ପ୍ରତିସୃତ ରଶ୍ମି ଓ ଆପତନ ବିନ୍ଦୁ ଠାରେ ଦୁଇଟି ସ୍ୱଚ୍ଛ ମାଧ୍ୟମର ବ୍ୟବଧାନ ପୃଷ୍ଠ ପ୍ରତି ଅଙ୍କିତ ଅଭିଲମ୍ବ ଗୋଟିଏ ସମତଳରେ ରହେ ।

ii. ଦୁଇଟି ନିର୍ଦ୍ଦିଷ୍ଟ ମାଧ୍ୟମ ଓ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଣ୍ଣର ଆଲୋକ ପାଇଁ ଆପତନ କୋଣର ସାଇନ୍ ଓ ପ୍ରତିସରଣ କୋଣର ସାଇନର ଅନୁପାତ ଏକ ସ୍ଥିରାଙ୍କ ।

ବା $\frac{\sin i}{\sin r} = \text{ସ୍ଥିରାଙ୍କ}$

**Q.7 ଉତ୍ତଳ ଲେନ୍ସରେ ବସ୍ତୁ ଆଲୋକ କେନ୍ଦ୍ର ଓ ଫୋକାସ୍ ମଧ୍ୟରେ ରହିଲେ ପ୍ରତିବିମ୍ବ କେଉଁ ଠାରେ ସୃଷ୍ଟି ହୁଏ ଓ ଏହାର ଆକାର, ପ୍ରକୃତି କ'ଣ ହେବ ?**

ଉ : i. ଉତ୍ତଳ ଲେନ୍ସରେ ବସ୍ତୁଟି ଆଲୋକକେନ୍ଦ୍ର ଓ ଫୋକସ୍ ମଧ୍ୟରେ ରହିଲେ ପ୍ରତିବିମ୍ବଟି ବସ୍ତୁ ଯେଉଁ ପାର୍ଶ୍ୱରେ ରହିଛି ସେହି ପାର୍ଶ୍ୱରେ ସୃଷ୍ଟି ହେବ ।

ii. ଏହି ପ୍ରତିବିମ୍ବଟି ବର୍ଦ୍ଧିତ, ଆଭାସୀ ଓ ସଳଖ ହେବ ।

**Q.8 ଲେନ୍ସର ପାୱାର କହିଲେ କ'ଣ ବୁଝ ? ଯେତେବେଳେ ଦୁଇ କିମ୍ବା ଅଧିକ ଲେନ୍ସକୁ ଏକାଠି ରଖାଯାଏ ତେବେ ମିଳିତ ପାୱାର କେତେ ହେବ ?**

ଉ : i. ଲେନ୍ସର ଆଲୋକ ରଶ୍ମିକୁ ଅପସାରଣ ବା ଅଭିସାରଣ କରିବାର ମାତ୍ରା ବା କ୍ଷମତାକୁ ଲେନ୍ସର ପାୱାର କୁହାଯାଏ । ତେଣୁ $P = \frac{1}{f}$ (ଏଠାରେ = ଫୋକସ୍ ଦୂରତା P = ଲେନ୍ସର ପାୱାର)

ii. SI ଏକକରେ ଲେନ୍ସର ପାୱାର ଡାୟପଟର୍ ଯଦି $P_1$, $P_2$ ଓ $P_3$ ପାୱାର ହୁଏ, ତେବେ ସମୂହ ପାୱାର $P = P_1, + P_2 + P_3$ ହେବ ।

**Q.9 ଦୁଇଟି ଲେନ୍ସର ପାୱାର ଯଥାକ୍ରମେ 3.5D ଓ 2.5D । ଲେନ୍ସକୁ ପରସ୍ପର ଲଗାଇ ରଖିଲେ ପାୱାର ଓ ଫୋକସ୍ ଦୈର୍ଘ୍ୟ କେତେ ହେବ ?**

ଉ : i. ଲେନ୍ସର ସମୂହ ପାୱାର $P = P_1 + P_2 + P_{3.}$ 5D + (-2.5D) = + 1 D

ii. $f = \frac{1}{p} = \frac{1}{1} = 1$ ମି.

ଏଠାରେ ମିଶ୍ରିତ ଲେନ୍ସ ଉତ୍ତଳ ଲେନ୍ସ ପରି କାମ କରିବ ।

**Q.10 ଏକ ସମତଳ ଦର୍ପଣରେ ପରିବର୍ଦ୍ଧନ m = + 1 ଅଟେ ଏହାର ଅର୍ଥ କ'ଣ ?**

ଉ : i. m = + 1 ର ଅର୍ଥ, ପ୍ରତିବିମ୍ବର ଉଚ୍ଚତା ବସ୍ତୁର ଉଚ୍ଚତା ସହ ସମାନ ।

ii. ଯୁକ୍ତ ଚିହ୍ନଟିରୁ ଜଣାଯାଏ, ପ୍ରତିବିମ୍ବ ସଳଖ ଓ ଆଭାସୀ ହେବ ।

**Q.11 ଏକ ଅବତଳ ଓ ଉତ୍ତଳ ଲେନ୍ସକୁ ଜଳ ମଧ୍ୟରେ ରଖିଲେ ସେଗୁଡ଼ିକର ଫୋକସ୍ ଦୈର୍ଘ୍ୟରେ କି ପରିବର୍ତ୍ତନ ଘଟିବ ?**

ଉ : i. ଦର୍ପଣର ଫୋକସ ଦୈର୍ଘ୍ୟ ମାଧ୍ୟମର ପ୍ରକୃତି ଉପରେ ନିର୍ଭର କରେ ନାହିଁ । ତେଣୁ ପାଣି ଭିତରେ ଅବତଳ ଫୋକସ୍ ଦୈର୍ଘ୍ୟ ଅପରିବର୍ତ୍ତିତ ରହିବ ।

ii. କିନ୍ତୁ ଲେନ୍ସର ଫୋକସ୍ ଦୈର୍ଘ୍ୟ ମାଧ୍ୟମର ପ୍ରକୃତି ଉପରେ ନିର୍ଭର କରୁଥିବାରୁ ପାଣି ଭିତରେ ଉତ୍ତଳ ଲେନ୍ସର ଫୋକସ୍ ଦୈର୍ଘ୍ୟ ବଦଳିବ ।

**Q.12 ଗୋଟିଏ ଲେନ୍ସର ପାୱାର +2.5 D । ଏହାର ଫୋକସ୍ ଦୂରତା କେତେ ? ଏହା କି ପ୍ରକାରର ଲେନ୍ସ ?**

ଉ : i. P = +2.5 D $P = \frac{1}{f} \Rightarrow f = \frac{1}{p} = \frac{1}{2.5} m = \frac{1000}{25}$ ସେ.ମି. = ୪୦ ସେ.ମି

ii. ଯେହେତୁ ଲେନ୍ସର ପାୱାର ଯୁକ୍ତାତ୍ମକ ତେଣୁ ଏହା ଏକ ଅଭିସାରୀ ଲେନ୍ସ ।

# ଆଲୋକ - ପ୍ରତିଫଳନ ଓ ପ୍ରତିସରଣ

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର (୩ ନମ୍ବର)

**Q.1 ବର୍ତ୍ତୁଳାକାର ଦର୍ପଣରେ ପ୍ରତିଫଳନରେ ପ୍ରଚଳିତ ସଂକେତ ଗୁଡ଼ିକୁ ଉଲ୍ଲେଖ କର ?**

ଉ : i. ବସ୍ତୁକୁ ସର୍ବଦା ଦର୍ପଣର ବାମପାର୍ଶ୍ୱରେ ରଖାଯାଏ । ପ୍ରମୁଖ ଅକ୍ଷ ସହିତ ସମାନ୍ତର ରହିଥିବା ଦୂରତା ଗୁଡ଼ିକୁ ଦର୍ପଣର ପୋଲ୍ ଠାରୁ ମପାଯାଏ ।

ii. ଯେଉଁ ଦୂରତାକୁ ମୂଳବିନ୍ଦୁର ଡାହାଣ ଆଡ଼କୁ ଅକ୍ଷ ଦିଗରେ ମପାଯାଏ, ତାହାକୁ ଯୁକ୍ତାତ୍ମକ ଓ ଯାହା ମୂଳ ବିନ୍ଦୁର ବାମ ଆଡ଼କୁ ଅକ୍ଷ ଦିଗରେ ମପାଯାଏ ତାହାକୁ ବିଯୁକ୍ତାତ୍ମକ ନିଆଯାଏ ।

iii. ପ୍ରମୁଖ ଅକ୍ଷର ଉପର ଆଡ଼କୁ ଅକ୍ଷରେ ଲମ୍ବ ଭାବରେ ଯେଉଁ ଦୂରତା ବା ଉଚ୍ଚତା ମପାଯାଏ ତାହାକୁ ଯୁକ୍ତାତ୍ମକ ଓ ପ୍ରମୁଖ ଅକ୍ଷର ତଳ ଆଡ଼କୁ ଅକ୍ଷ ଦିଗରେ ଲମ୍ବ ଭାବରେ ଯେଉଁ ଦୂରତା ମପାଯାଏ, ତାହାକୁ ବିଯୁକ୍ତାତ୍ମକ ନିଆଯାଏ ।

**Q.2 . ଗୋଟିଏ ଅବତଳ ଦର୍ପଣର ଫୋକସ୍ ଦୂରତା ୩୦ ସେ.ମି । ବସ୍ତୁଟି ଦର୍ପଣ ସମ୍ମୁଖରେ କେଉଁ ଠାରେ ରହିଲେ ପ୍ରତିବିମ୍ବର ଆକାର ବସ୍ତୁର ଆକାରର ୩ ଗୁଣ ହେବ ?**

ଉ : i. ଯଦି ବସ୍ତୁଟିର ପ୍ରତିବିମ୍ବ ବାସ୍ତବ ଓ ଓଲଟା ହୁଏ,

$$m = \frac{-v}{u} = -3,\ v = 3u,\ f = -30 \text{ ସେ.ମି.}$$

$$\frac{1}{v} + \frac{1}{u} = \frac{1}{f} \Rightarrow \frac{1}{3u} + \frac{1}{u} = \frac{1}{-30}$$

$$\Rightarrow \frac{4}{3u} = \frac{1}{-30} \Rightarrow u = -40 \text{ ସେ.ମି.}$$

$$\frac{3-1}{3u} = \frac{-1}{30}$$

∴ ବସ୍ତୁଟି ଦର୍ପଣ ସମ୍ମୁଖରେ ୪୦ ସେ.ମି. ଦୂରରେ ରହିବ ।

ii. ଯଦି ପ୍ରତିବିମ୍ବ ସଳଖ ଓ ଆଭାସୀ ହୁଏ,

$$m = \frac{-v}{u} = 3 \quad \therefore v = -3u$$

$$\therefore \quad \frac{1}{v} + \frac{1}{u} = \frac{1}{f}$$

$$\Rightarrow \quad \frac{1}{u} + \frac{1}{-3u} = \frac{1}{-30}$$

$$\Rightarrow \quad \frac{1}{u} - \frac{1}{3u} = \frac{-1}{30}$$

$$\Rightarrow$$

$$\Rightarrow \quad \frac{2}{3u} = \frac{-1}{30}$$

$$\Rightarrow \quad u = -20 \text{ ସେ.ମି.}$$

∴ ବସ୍ତୁଟି ଦର୍ପଣ ସମ୍ମୁଖରେ ୨୦ ସେ.ମି. ଦୂରେ ରହିବା ଆବଶ୍ୟକ ।

**Q.3 ୧୮ ସେ.ମି. ଫୋକସ୍ ଦୂରତା ବିଶିଷ୍ଟ ଏକ ଅବତଳ ଦର୍ପଣର ୨୭ ସେ.ମି. ସମ୍ମୁଖରେ ୭ ସେ.ମି. ଆକାରର ବସ୍ତୁ ରଖାଯାଇଛି । ଦର୍ପଣ ଠାରୁ କେତେ ଦୂରରେ ଏକ ପରଦା ରଖିଲେ ତାହା ଉପରେ ଫୋକସ୍ ହୋଇଥିବା ଏକ ତୀକ୍ଷ୍ଣ ପ୍ରତିବିମ୍ବ ସୃଷ୍ଟି ହେବ ? ଏଠାରେ ପ୍ରତିବିମ୍ବର ଆକାର ଓ ପ୍ରକୃତି କ'ଣ ହେବ ?**

ଉ : ଏଠାରେ $h = 7$ ସେ.ମି., $u = -27$ ସେ.ମି., $f = -18$ ସେ.ମି.

ଦର୍ପଣ ସୂତ୍ର ଅନୁଯାୟୀ

$$\Rightarrow \quad \frac{1}{v}=\frac{1}{f}-\frac{1}{u}=\frac{1}{-18}-\frac{1}{-27}=\frac{-1}{18}+\frac{1}{27}=\frac{-3+2}{54}=\frac{-1}{54}$$

$\therefore \quad v = -54$ ସେ.ମି.

ଦର୍ପଣ ସମ୍ମୁଖରେ ୫୪ ସେ.ମି. ଦୂରତାର ପ୍ରତିବିମ୍ବ ଗଠିତ ହେବ । ତେଣୁ ପରଦାକୁ ଦର୍ପଣ ଠାରୁ ୫୪ ସେ.ମି. ଦୂରତାରେ ରଖିବା ଉଚିତ ।

ଏଠାରେ ପ୍ରତିବିମ୍ବ ବାସ୍ତବ ଓ ଓଲଟା ହେବ ।

ପୁନଶ୍ଚ, $m=\frac{h'}{h}=\frac{-v}{u} \Rightarrow h'=\frac{-vh}{u}=\frac{-(-54)\times 7}{-27}=-14$ ସେ.ମି.

ଏଠାରେ ପ୍ରତିବିମ୍ବର ଆକାର ବସ୍ତୁର ଆକାର ଠାରୁ ବଡ଼ ହେବ ।

**Q.4 ୧୦ସେ.ମି ଫୋକସ୍ ଦୂରତା ବିଶିଷ୍ଟ ଏକ ଉତ୍ତଳ ଦର୍ପଣ ଠାରୁ ୧୫ ସେ.ମି. ଦୂରରେ ଗୋଟିଏ ବସ୍ତୁ ଅଛି । ଏହାର ପ୍ରତିବିମ୍ବର ସ୍ଥିତି ଓ ପ୍ରକୃତି ନିର୍ଣ୍ଣୟ କର ।**

ଉ : i. ଏଠାରେ $u = -15$ ସେ.ମି., $f = 10$ ସେ.ମି.

ଦର୍ପଣ ସୂତ୍ର ଅନୁଯାୟୀ $\quad \frac{1}{f}=\frac{1}{u}+\frac{1}{v}$

$$\Rightarrow \frac{1}{v}=\frac{1}{f}-\frac{1}{u}=\frac{1}{10}-\frac{1}{-15}=\frac{1}{10}+\frac{1}{15}=\frac{3+2}{30}=\frac{5}{30}$$

$$\Rightarrow \frac{1}{v}=\frac{5}{30}=\frac{1}{6}$$

$\Rightarrow v = 6$ ସେ.ମି.

ii. ପ୍ରତିବିମ୍ବ ଦର୍ପଣ ପଛପଟେ ୬ ସେ.ମି. ଦୂରତାରେ ଗଠିତ ହେବ । ଏହା ଆଭାସୀ, ସଳଖ ଓ ବସ୍ତୁ ଠାରୁ ସାନ ହେବ ।

**Q.5 ବାସ୍ତବ ପ୍ରତିବିମ୍ବ ଓ ଆଭାସୀ ପ୍ରତିବିମ୍ବ ମଧ୍ୟରେ ୩ଟି ପାର୍ଥକ୍ୟ ଲେଖ ।**

ଉ :

| **ବାସ୍ତବ ପ୍ରତିବିମ୍ବ** | **ଆଭାସୀ ପ୍ରତିବିମ୍ବ** |
|---|---|
| i. ଆଲୋକ ରଶ୍ମି ପ୍ରତିଫଳନ କିମ୍ବା ପ୍ରତିସରଣ ପରେ ଗୋଟିଏ ବିନ୍ଦୁରେ ମିଳିତ ହେଲେ ବାସ୍ତବ ପ୍ରତିବିମ୍ବ ଗଠିତ ହୁଏ । | i. ଆଲୋକ ରଶ୍ମି ପ୍ରତିଫଳନ କିମ୍ବା ପ୍ରତିସରଣ ପରେ ଗୋଟିଏ ବିନ୍ଦୁରେ ମିଳିତ ହେଲା ପରି ଦେଖାଗଲେ ଆଭାସୀ ପ୍ରତିବିମ୍ବ ଗଠିତ ହୁଏ । |
| ii. ଏହାକୁ ପରଦାରେ ଧରି ହୁଏ | ii. ଏହାକୁ ପରଦାରେ ଧରି ହୁଏ ନାହିଁ |
| iii. ଏହା ସର୍ବଦା ଓଲଟା ହୋଇଥାଏ । | iii. ଏହା ସର୍ବଦା ସଳଖ ହୋଇଥାଏ । |

**Q.6 ଅବତଳ ଦର୍ପଣ ଓ ଉତ୍ତଳ ଦର୍ପଣ ମଧ୍ୟରେ ପାର୍ଥକ୍ୟ ଲେଖ ।**

**ଉ :**

| **ଅବତଳ ଦର୍ପଣ** | **ଉତ୍ତଳ ଦର୍ପଣ** |
| --- | --- |
| i. ଏଥିରେ ପ୍ରତିଫଳନ ଅବତଳ ପୃଷ୍ଠରେ ଘଟିଥାଏ । | i. ଏଥିରେ ପ୍ରତିପଳନ ଉତ୍ତଳ ପୃଷ୍ଠରେ ଘଟିଥାଏ । |
| ii. ଦର୍ପଣ ଉପରେ ପଡୁଥିବା ସମାନ୍ତର ଆଲୋକ ଗୁଚ୍ଛ ପ୍ରତିଫଳିତ ହୋଇ ଦର୍ପଣ ସମ୍ମୁଖରେ ଗୋଟିଏ ବିନ୍ଦୁରେ ମିଳିତ ହୁଅନ୍ତି । | ii. ଦର୍ପଣ ଉପରେ ପଡୁଥିବା ସମାନ୍ତର ଆଲୋକ ଗୁଚ୍ଛ ପ୍ରତିଫଳିତ ହୋଇ ଦର୍ପଣର ପଛ ପଟେ ଗୋଟିଏ ବିନ୍ଦୁରୁ ବାହାରିବା ପରି ଜଣା ପଡ଼େ । |
| iii. ଏହା ଅଭିସାରୀ ଦର୍ପଣ | iii. ଏହା ଅପସାରୀ ଦର୍ପଣ । |
| iv. ଏହାର ବାସ୍ତବ ଫୋକସ୍ ଥାଏ | iv. ଏହାର ଆଭାସୀ ଫୋକସ୍ ଥାଏ |

**Q.7 ଅବତଳ ଲେନ୍‌ସ ଓ ଉତ୍ତଳ ଲେନ୍‌ସ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

**ଉ :**

| **ଅବତଳ ଲେନ୍‌ସ** | **ଉତ୍ତଳ ଲେନ୍‌ସ** |
| --- | --- |
| i. ଏହି ଲେନ୍‌ସର ମଧ୍ୟଭାଗ ସରୁ | i. ଏହି ଲେନ୍‌ସର ମଧ୍ୟଭାଗ ମୋଟା । |
| ii. ଏଥିରେ ଆଲୋକ ରଶ୍ମି ପ୍ରତିସୃତି ହୋଇ ଗୋଟିଏ ବିନ୍ଦୁରୁ ଦୂରେଇ ଗଲାପରି ଦେଖାଯାଏ । | ii. ଏଥିରେ ଆଲୋକ ରଶ୍ମି ପ୍ରତିସୃତି ହୋଇ ଗୋଟିଏ ବିନ୍ଦୁରେ ମିଳିତ ହୁଅନ୍ତି । |
| iii. ଏହାର ଏକ ଅପସାରୀ ଲେନ୍‌ସ । | iii. ଏହା ଏକ ଅଭିସାରୀ ଲେନ୍‌ସ । |
| iv. ଏହାର ଫୋକସ୍ ଆଭାସୀ । | iv. ଏହାର ଫୋକସ ବାସ୍ତବ । |

**Q.8 ଅବତଳ ଦର୍ପଣଗୁଡ଼ିକର ବ୍ୟବହାର ଲେଖ ?**

ଉ : i. ଟର୍ଚ୍ଚ, ସନ୍ଧାନୀ ଆଲୋକ ଓ ଯାନ ଗୁଡ଼ିକର ଶୀର୍ଷ ଆଲୋକରୁ ଶକ୍ତିଶାଳୀ ସମାନ୍ତର ଆଲୋକ ଗୁଚ୍ଛ ପାଇବା ପାଇଁ ଅବତଳ ଦର୍ପଣ ବ୍ୟବହାର କରାଯାଏ ।

ii. ଦାଢ଼ି କାଟିଲା ବେଳେ ମୁହଁର ବଡ଼ ପ୍ରତିବିମ୍ବ ଦେଖିବା ପାଇଁ ମଧ୍ୟ ଅବତଳ ଦର୍ପଣ ବ୍ୟବହାର କରାଯାଏ ।

iii. ଦନ୍ତ ଚିକିତ୍ସକ ମାନେ ରୋଗୀର ଦାନ୍ତର ବଡ଼ ପ୍ରତିବିମ୍ବ ଦେଖିବା ପାଇଁ ଏହି ଦର୍ପଣକୁ ବ୍ୟବହାର କରନ୍ତି ।

iv. ସୌର ଚୁଲ୍ଲାରେ ସୂର୍ଯ୍ୟାଲୋକକୁ କେନ୍ଦ୍ରୀ ଭୂତ କରାଇ ତାପ ସୃଷ୍ଟି କରିବା ପାଇଁ ବଡ଼ ବଡ଼ ଅବତଳ ଦର୍ପଣ ବ୍ୟବହାର କରାଯାଏ ।

# ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନୋତ୍ତର

**Q.1 ପାର୍ଶ୍ୱ ବିସ୍ଥାପନ କ'ଣ ? ଏହାକୁ ଚିତ୍ର ମାଧ୍ୟମରେ ବୁଝାଅ ?**




ଉ : PQRS = ଏକ କାଚ ସ୍ଲାବ୍

AB ରଶ୍ମି = ଆପତିତ ରଶ୍ମି

BC ରଶ୍ମି = ପ୍ରତିସୃତ ରଶ୍ମି

CD ରଶ୍ମି = ନିର୍ଗତ ରଶ୍ମି

i. ଯେତେବେଳେ ଆଲୋକ ରଶ୍ମି ବାୟୁ ମାଧ୍ୟମରୁ କାଚ ସ୍ଲାବ୍‌ରେ ପ୍ରବେଶ କରେ, ଏହା ପ୍ରତିସୃତ ହୋଇ ଅଭିଲମ୍ବର ନିକଟବର୍ତ୍ତୀ ହୁଏ ।

ii. ପୁନଶ୍ଚ ଏହି ପ୍ରତିସୃତ ରଶ୍ମି କାଚଗ୍ଲାସ ଅପର ପାର୍ଶ୍ୱରୁ ନିର୍ଗତ ହୁଏ । ଅର୍ଥାତ୍ ଏହା ଆଲୋକୀୟ ଘନ ମାଧ୍ୟମରୁ ଆଲୋକୀୟ ଲଘୁ ମାଧ୍ୟମରେ ପ୍ରବେଶ କରୁଥିବାରୁ ଅଭିଲମ୍ବ ଠାର ଦୂରେଇ ଯାଏ ।

iii. ଆପତିତ ରଶ୍ମି ଓ ନିର୍ଗତ ରଶ୍ମି ଏକ ରେଖାରେ ନ ଥାନ୍ତି । ନିର୍ଗତ ରଶ୍ମି, ଆପତିତ ରଶ୍ମି ତୁଳନାରେ ବିସ୍ଥାପିତ ହୋଇଥିବାର ଦେଖାଯାଏ ।

iv. ଆପତିତ ରଶ୍ମି ଓ ନିର୍ଗତ ରଶ୍ମି ସମାନ୍ତର ହୋଇଥାନ୍ତି । ତେଣୁ ଆପତିତ ରଶ୍ମି ଓ ନିର୍ଗତ ରଶ୍ମି ମଧ୍ୟରେ ଥିବା ବ୍ୟବଧାନକୁ ପାର୍ଶ୍ୱ ବିସ୍ଥାପନ କୁହାଯାଏ ।

**Q.2 ଗୋଟିଏ ଅବତଳ ଦର୍ପଣରେ ବସ୍ତୁ ଅନନ୍ତ ଦୂରତାରୁ ପୋଲ ଆଡ଼କୁ ଗତି କଲେ ବିଭିନ୍ନ ଅବସ୍ଥାନରେ ଗଠିତ ପ୍ରତିବିମ୍ବର ପ୍ରକୃତି ଆଲୋଚନା କର ।**

ଉ : i. ଯେତେବେଳେ ବସ୍ତୁ ଅନନ୍ତ ଦୂରତାରୁ ଅବତଳ ଦର୍ପଣର ପୋଲ୍ ଆଡ଼କୁ ଅଗ୍ରସର ହୁଏ, ଏହାର ପ୍ରତିବିମ୍ବ ଫୋକସ୍ ଠାରୁ ଅନନ୍ତ ଦୂରତା ଆଡ଼କୁ ଅଗ୍ରସର ହୁଏ ।

ii. ବସ୍ତୁଟି ଅନନ୍ତ ଦୂରତାରେ ଥିଲେ ଏହାର ପ୍ରତିବିମ୍ବ ଫୋକସ୍ ଠାରେ ଗଠିତ ହୁଏ । ଏହାର ଆକାର ଅତିକ୍ଷୁଦ୍ର ବିନ୍ଦୁସମ ହୋଇଥାଏ ।

iii. ବସ୍ତୁଟି ଅନନ୍ତ ଦୂରତାରୁ ଆସି ବକ୍ରତା କେନ୍ଦ୍ର ବାହାରେ ରହିଲେ ଏହାର ଏକ ବାସ୍ତବ, ଓଲଟା ଓ କ୍ଷୁଦ୍ର ପ୍ରତିବିମ୍ବ ଫୋକସ୍ ଓ ବକ୍ରତା କେନ୍ଦ୍ର ମଧ୍ୟରେ ଗଠିତ ହୋଇଥାଏ ।

iv. ବସ୍ତୁଟି ଆସି ବକ୍ରତା କେନ୍ଦ୍ର ଠାରେ ଅବସ୍ଥାନ କଲେ ଏହାର ଏକ ବାସ୍ତବ, ଓଲଟା ଓ ବସ୍ତୁ ସହ ସମାନ ଆକୃତିର ପ୍ରତିବିମ୍ବ ବକ୍ରତା କେନ୍ଦ୍ର ଠାରେ ଗଠିତ ହୁଏ ।

v. ପୁନଶ୍ଚ ବସ୍ତୁଟି ଆସି ବକ୍ରତା କେନ୍ଦ୍ର ଓ ଫୋକସ୍ ମଧ୍ୟରେ ରହିଲେ ଏହାର ଏକ ବାସ୍ତବ, ଓଲଟା ଓ ବର୍ଦ୍ଧିତ ପ୍ରତିବିମ୍ବ ବକ୍ରତା କେନ୍ଦ୍ର ବାହାରେ ଗଠିତ ହୁଏ ।

vi. ବସ୍ତୁ ଫୋକସ୍ ଠାରେ ଅବସ୍ଥାନ କଲେ, ଏହାର ଏକ ବାସ୍ତବ, ଓଲଟା ଓ ଅତିଶୟ ବଡ଼ ପ୍ରତିବିମ୍ବ ଅନନ୍ତ ଦୂରତା ଠାରେ ଗଠିତ ହୁଏ ।

vii. ବସ୍ତୁ ଫୋକସ୍ ଓ ପୋଲ୍ ମଧ୍ୟରେ ରହିଲେ ଏହାର ଏକ ଆଭାସୀ, ସଳଖ ଓ ବଡ଼ ପ୍ରତିବିମ୍ବ ଦର୍ପଣର ପଛପଟେ ଗଠିତ ହୁଏ ।

**Q.3 ପ୍ରତିସରଣାଙ୍କ କାହାକୁ କୁହାଯାଏ ? ବିଭିନ୍ନ ମାଧ୍ୟମରେ ପ୍ରତିସରଣାଙ୍କ କିପରି ଭିନ୍ନ ଭିନ୍ନ ହୁଏ ବୁଝାଇ ଲେଖ ।**

ଉ : i. ଆପତନ କୋଣ ‘i’ ଓ ପ୍ରତିସରଣ କୋଣ ‘r’ ହେଲେ ସ୍ନେଲ୍‌ଙ୍କ ନିୟମାନୁସାରେ $\frac{\sin i}{\sin r}$ = ସ୍ଥିରାଙ୍କ । ଏହି ସ୍ଥିରାଙ୍କକୁ ପ୍ରଥମ ମାଧ୍ୟମ ତୁଳନାରେ ଦ୍ୱିତୀୟ ମାଧ୍ୟମର ପ୍ରତିସରଣାଙ୍କ କୁହାଯାଏ ।

ii. ଯଦି ଆଲୋକ ରଶ୍ମି ବାୟୁରୁ କାଚ ମାଧ୍ୟମରେ ପ୍ରବେଶ କରେ, ତେବେ $\frac{\sin i}{\sin r}$ କୁ ବାୟୁ ତୁଳନାରେ କାଚର ପ୍ରତିସରଣାଙ୍କ କୁହାଯାଏ ।

$\therefore \frac{\sin i}{\sin r} =$ ବାୟୁ $\mu$ କାଚ

iii. ଯଦି ଆଲୋକ ରଶ୍ମି ଶୂନ୍ୟରୁ କାଚ ମାଧ୍ୟମରେ ପ୍ରବେଶ କରେ, ତେବେ $\frac{\sin i}{\sin r}$ କୁ ଶୂନ୍ୟ ତୁଳନାରେ କାଚର ପ୍ରତିସରଣାଙ୍କ କୁହାଯାଏ ।

$\therefore \frac{\sin i}{\sin r} =$ ଶୂନ୍ୟ $\mu$ କାଚ

iv. ଯଦି ଆଲୋକ ରଶ୍ମି କାଚରୁ ବାୟୁ ମାଧ୍ୟମକୁ ପ୍ରବେଶ କରେ, ତେବେ $\frac{\sin i}{\sin r}$ କୁ କାଚ ତୁଳନାରେ ବାୟୁର ପ୍ରତିସରଣାଙ୍କ କୁହାଯାଏ ।

$\therefore \frac{\sin i}{\sin r} =$ କାଚ $\mu$ ବାୟୁ

(ପ୍ରତିସରଣାଙ୍କ ଏକକ ବିହୀନ ଅଟେ ।)

## ଆଲୋକ - ପ୍ରତିଫଳନ ଓ ପ୍ରତିସରଣ

**Q.4 ରଶ୍ମିଚିତ୍ର ସାହାଯ୍ୟର ଉତ୍ତଳ ଦର୍ପଣ ଦ୍ୱାରା ଗଠିତ ପ୍ରତିବିମ୍ବର ପ୍ରକୃତି ସମ୍ବନ୍ଧରେ ଆଲୋଚନା କର ।**

ଉ : ୧.




ଗୋଟିଏ ବସ୍ତୁ ଉତ୍ତଳ ଦର୍ପଣରେ ଫୋକସ୍ (f) ବାହାରେ ରହିଲେ ଏହାର ପ୍ରତିବିମ୍ବ ପୋଲ୍ (P) ଓ ଫୋକସ୍ (F) ମଧ୍ୟରେ ଦର୍ପଣ ପଛ ପଟେ ଗଠିତ ହୁଏ । ପ୍ରତିବିମ୍ବ ଆଭାସୀ ଓ ସଳଖ ହୋଇଥାଏ ଏବଂ ଏହା ଅତି କ୍ଷୁଦ୍ର ହୋଇଥାଏ ।

୨.




ଗୋଟିଏ ବସ୍ତୁ ଦର୍ପଣର ଫୋକସ୍ (F) ଠାରେ ରହିଲେ ଏହାର ପ୍ରତିବିମ୍ବ ଦର୍ପଣର ପଛପଟେ ପୋଲ (P) ଓ ଫୋକସ୍ ମଧ୍ୟରେ ଗଠିତ ହୁଏ । ପ୍ରତିବିମ୍ବ ଆଭାସୀ ଓ ସଳଖ ହୋଇଥାଏ ଏବଂ ଏହାର ଆକାର ବସ୍ତୁ ଠାରୁ ସାନ ହୋଇଥାଏ ।

୩. ଗୋଟିଏ ବସ୍ତୁ ଦର୍ପଣର ଫୋକସ୍ (F) ଓ ପୋଲ୍ (P) ମଧ୍ୟରେ ରହିଲେ ଏହାର ପ୍ରତିବିମ୍ବ ପୋଲ (P) ଓ (F) ଫୋକସ୍ ମଧ୍ୟରେ ଗଠିତ ହୁଏ । ପ୍ରତିବିମ୍ବ ଆଭାସୀ ଓ ସଳଖ ହୋଇଥାଏ ଏବଂ ଏହାର ଆକାର ସାନ ହୋଇଥାଏ ।




୪. ଗୋଟିଏ ବସ୍ତୁ ଦର୍ପଣ ଠାରୁ ଅନନ୍ତ ଦୂରତାରେ ରହିଲେ ଏହାର ପ୍ରତିବିମ୍ବ ଦର୍ପଣ ପଛ ପଟେ ଫୋକସ୍ (F) ଠାରେ ଗଠିତ ହୁଏ । ପ୍ରତିବିମ୍ବ ଆଭାସୀ ଓ ସଳଖ ହୋଇଥାଏ ଏବଂ ଏହାର ଆକାର ଅତି କ୍ଷୁଦ୍ର (ବିନ୍ଦୁସମ) ହୋଇଥାଏ ।

# ମାନବ ଚକ୍ଷୁ ଓ ବର୍ଣ୍ଣ ଜଗତ

୧. ମାନବ ଚକ୍ଷୁ ଗୋଲକର ବ୍ୟାସ ପ୍ରାୟ କେତେ ସେ.ମି. ?

a. 1.3 b. 2.3 c. 3.3 d. 4.3

୨. ମାନବ ଚକ୍ଷୁରେ ପ୍ରତିବିମ୍ବ କାହା ଉପରେ ଗଠିତ ହୁଏ ?

a. ସ୍ୱଚ୍ଛ ପଟଳ b. ଚକ୍ଷୁ ଲେନ୍ସ c. କନୀନିକା d. ମୁକୁରିକା

୩. ନେତ୍ର ପିତୁଳାର ଆକାରକୁ ନିୟନ୍ତ୍ରଣ କରି ଚକ୍ଷୁ ମଧ୍ୟକୁ ଆବଶ୍ୟକ ପରିମାଣର ଆଲୋକ କିଏ ପଠାଇଥାଏ ?

a. ସ୍ୱଚ୍ଛପଟଳ b. କନୀନିକା c. ମୁକୁରିକା d. ଚକ୍ଷୁଲେନ୍ସ

୪. ଚକ୍ଷୁ ଲେନ୍ସରେ ସୃଷ୍ଟ ପ୍ରତିବିମ୍ବର ପ୍ରକୃତି କ'ଣ ?

a. ବାସ୍ତବ, ଓଲଟା b. ଆଭାସୀ, ସଳଖ c. ଆଭାସୀ, ଓଲଟା d. ବାସ୍ତବ, ସଳଖ

୫. ଚକ୍ଷୁରୁ ମସ୍ତିଷ୍କକୁ କାହା ମାଧ୍ୟମରେ ବିଦ୍ୟୁତ୍ ସଂକେତ ଯାଏ ?

a. ଚିତ୍ର ସ୍ନାୟୁ b. ସଂବେଦୀ ସ୍ନାୟୁ c. ନେତ୍ର ସ୍ନାୟୁ d. ତନ୍ତୁ ସ୍ନାୟୁ

୬. ସିଲିଆରୀ ମାଂସପେଶୀ ଦ୍ୱାରା ଚକ୍ଷୁ ଲେନ୍ସର ବକ୍ରତା ତଥା ଫୋକସ୍ ଦୂରତାକୁ ବଦଳାଇ ଏକ ବିନ୍ଦୁରେ କେନ୍ଦ୍ରୀଭୂତ କରିବା ପ୍ରକ୍ରିୟାକୁ କ'ଣ କୁହାଯାଏ ?

a. ସମାୟୋଜନ b. ପ୍ରକୀର୍ଣ୍ଣନ c. ପ୍ରତିସରଣ d. ଦୃଷ୍ଟି ଚଳନ

୭. ସୁସ୍ଥ ଲୋକର ସ୍ୱଷ୍ଟ ଦର୍ଶନର ସର୍ବନିମ୍ନ ଦୂରତା କେତେ ?

a. 25 CM b. 25 M c. 2.5 M d. 2.5 CM

୮. ସାଧାରଣ ଚକ୍ଷୁ ପାଇଁ ଦୂର ବିନ୍ଦୁ କେଉଁଟି ?

a. 25 CM b. 25 କି.ମି c. ଅନନ୍ତ ଦୂରତା d. 25 M.

୯. ମୋତିଆବିନ୍ଦୁ ହେଲେ ଚକ୍ଷୁ ଲେନ୍ସର ରଙ୍ଗ କ'ଣ ହୋଇଯାଏ ?

a. ଧଳା b. କଳା c. ନୀଳ d. କହିହେବ ନାହିଁ

୧୦. ଚକ୍ଷୁ ଲେନ୍ସ ମୋଟା ହୋଇ ଗଲେ ଫୋକସ୍ ଦୂରତାରେ କି ପରିବର୍ତ୍ତନ ହୁଏ ?

a. ବଢ଼ିଯାଏ b. କମିଯାଏ c. ସ୍ଥିର ରହେ d. କହିହେବ ନାହିଁ

୧୧. ଫୋକସ୍ ଦୂରତା ବଢ଼ିଲେ ଚକ୍ଷୁ ଲେନ୍ସରେ କି ପରିବର୍ତ୍ତନ ହୁଏ ?

a. ସରୁ ହୋଇଯାଏ b. ମୋଟା ହୋଇଯାଏ c. ସ୍ଥିର ରହେ d. କହିହେବ ନାହିଁ

୧୨. ଜଣେ ଗୋଟିଏ ଚକ୍ଷୁରେ ଭୂସମାନ୍ତର ଅଞ୍ଚଳର କେଉଁ ପରିମାଣ କୋଣରେ ଦେଖିପାରେ ?

a. $120^0$ b $180^0$ c. $150^0$ d. $90^0$

୧୩. ଜଣେ ଦୁଇଟି ଚକ୍ଷୁରେ କେଉଁ ପରିମାଣର କୋଣରେ ଥିବା ଅଞ୍ଚଳ ଦେଖିପାରେ ?

a. $150^0$ b. $180^0$ c $120^0$ d. $90^0$

୧୪. ଦୂର ବସ୍ତୁ ସ୍ୱଷ୍ଟ ଦେଖି ନ ପାରିବାକୁ କ'ଣ କୁହାଯାଏ ?

a. ସମୀପ ଦୃଷ୍ଟି b. ଦୂର ଦୃଷ୍ଟି c ଚାଳିଶା d. କେଉଁଟି ନୁହେଁ

୧୫. ସମୀପ ଦୃଷ୍ଟି ହେଲେ ଚକ୍ଷୁ ଲେନ୍ସର କି ପରିବର୍ତ୍ତନ ହୁଏ ?

a. ମୋଟା ହୋଇଯାଏ b. ସରୁ ହୋଇଯାଏ c ବକ୍ର ହୋଇଯାଏ d. କଣା ହୋଇଯାଏ

୧୬. ସମୀପ ଦୃଷ୍ଟି ହେଲେ ବସ୍ତୁର ପ୍ରତିବିମ୍ବ କେଉଁ ଠାରେ ସୃଷ୍ଟି ହୁଏ ?

a. ମୁକୁରିକାରେ b. ମୁକୁରିକା ପଛରେ c. ମୁକୁରିକା ଆଗରେ d. ଜଳାଭରସରେ

୧୭. ସମୀପ ଦୃଷ୍ଟିର ସଂଶୋଧନ ପାଇଁ କି ପ୍ରକାର ଲେନ୍ସର ଚଶମା ବ୍ୟବହାର କରାଯାଏ ?

a. ଉତ୍ତଳ b. ସ୍ତମ୍ଭକର c. ଅବତଳ d. ଉତ୍ତଳ - ଅବତଳ

୧୮. ସମୀପ ଦୃଷ୍ଟିରେ ଅବତଳ ଲେନ୍ସ ବ୍ୟବହାର କଲେ ପାୱାରର ସମାହାର ରୋଗୀର ଚକ୍ଷୁ ଲେନ୍ସର ପାୱାର ଠାରୁ କ'ଣ ହୁଏ ?

a. ବଢ଼ି ଯାଏ b. କମି ଯାଏ c. ସ୍ଥିର ରହେ d. କହିହେବ ନାହିଁ

୧୯. ଦୂର ଦୃଷ୍ଟି ହେଲେ ବସ୍ତୁର ପ୍ରତିବିମ୍ବ କେଉଁ ଠାରେ ସୃଷ୍ଟି ହୁଏ ?

a. ମୁକୁରିବା ପଛରେ b. ମୁକୁରିକା ଉପରେ c. ମୁକୁରିକା ଆଗରେ d. କାଚଭରସରେ

୨୦. ପାଖ ବସ୍ତୁ ସ୍ପଷ୍ଟ ଦେଖି ନ ପାଇବାକୁ କ'ଣ କୁହାଯାଏ ?

a. ସମୀପ ଦୃଷ୍ଟି b. ଦୂର ଦୃଷ୍ଟି c. ଋଳିଶା d. କେଉଁଟି ନୁହେଁ

୨୧. ଦୂର ଦୃଷ୍ଟି ହେଲେ ଚକ୍ଷୁ ଲେନ୍ସର କି ପରିବର୍ତ୍ତନ ହୁଏ ?

a. ମୋଟା ହୋଇଯାଏ b. ସରୁ ହୋଇଯାଏ c. ବକ୍ର ହୋଇଯାଏ d. କଣା ହୋଇଯାଏ

୨୨. ଦୂର ଦୃଷ୍ଟିର ସଂଶୋଧନ ପାଇଁ କି ପ୍ରକାର ଲେନ୍ସର ଚଶମା ବ୍ୟବହାର କରାଯାଏ ?

a. ଉତ୍ତଳ b. ଅବତଳ c. ଉତ୍ତଳ - ଅବତଳ d. କେଉଁଟି ନୁହେଁ

୨୩. ଦୂର ଦୃଷ୍ଟିରେ ଉତ୍ତଳ ଲେନ୍ସ ବ୍ୟବହାର କଲେ ସମୂହ ଫୋକସ୍ ଦୂରତାରେ କି ପରିବର୍ତ୍ତନ ହୁଏ ?

a. ବଢ଼ିଯାଏ b. ସ୍ଥିର ରହେ c. କମିଯାଏ d. କହିହେବ ନାହିଁ

୨୪. ବ୍ୟକ୍ତିର ଉଭୟ ସମୀପ ଦୃଷ୍ଟି ଓ ଦୂରଦୃଷ୍ଟି ରହିଥିଲେ କେଉଁ ପ୍ରକାର ଚଷମା ବ୍ୟବହାର କରାଯାଏ ?

a. କଳା b. ଦ୍ୱି-ଫୋକସୀ c. ଏକ ଫୋକସୀ d. କଳା-ଧଳା

୨୫. ତ୍ରିଭୁଜାକାର ପ୍ରିଜିମ୍‌ରେ ଧଳା ଆଲୋକର ପ୍ରତିସରଣ ବେଳେ ନିର୍ଗତ ରଶ୍ମି ଆପତନ ରଶ୍ମି ସହ କେଉଁ କୋଣ ସୃଷ୍ଟି କରେ ?

a. ପ୍ରତିଫଳନ କୋଣ b. ଆପତନ କୋଣ c. ନିର୍ଗତ କୋଣ d. ବିଚଳନ କୋଣ

୨୬. ପ୍ରିଜିମ୍‌ରେ ଧଳା ଆଲୋକର ପ୍ରତିସରଣରୁ ବର୍ଣ୍ଣାଳୀ ସୃଷ୍ଟି ହେବା ପ୍ରକ୍ରିୟାକୁ କ'ଣ କୁହାଯାଏ ?

a. ବିକୀର୍ଣ୍ଣନ b. ପ୍ରକୀର୍ଣ୍ଣନ c. ପ୍ରତିଫଳନ d. ସମାୟୋଜନ

୨୭. ପ୍ରିଜିମ୍‌ରେ ଧଳା ଆଲୋକର ପ୍ରତିସରଣ କରାଇ କେଉଁ ବୈଜ୍ଞାନିକ ପ୍ରଥମେ ବର୍ଣ୍ଣାଳୀ ସୃଷ୍ଟି କରାଇଥିଲେ ?

a. ଗାଲିଲିଓ b. ଆଇନ୍‌ଷ୍ଟାଇନ୍ c. କୋପରନିକସ୍ d. ସାର୍ ଆଇଜାକ୍ ନିଉଟନ୍

୨୮. ପ୍ରିଜିମ୍‌ରେ ସୃଷ୍ଟି ହେଉଥିବା ଧଳା ଆଲୋକର ବର୍ଣ୍ଣ ଅଂଶ ଗୁଡ଼ିକୁ କ'ଣ କୁହାଯାଏ ?

a. ବର୍ଣ୍ଣମାଳା b. ବର୍ଣ୍ଣସମୂହ c. ସପ୍ତବର୍ଣ୍ଣ d. ବର୍ଣ୍ଣାଳୀ

୨୯. ପ୍ରିଜିମ୍ ଦ୍ୱାରା ଧଳା ଆଲୋକ କେତୋଟି ବର୍ଣ୍ଣର ଆଲୋକରେ ବିଭକ୍ତ ହୁଏ ?

a. 5 b. 6 c. 7 d. 4

୩୦. ପ୍ରିଜିମ୍‌ରେ ଧଳା ଆଲୋକରୁ ବର୍ଣ୍ଣାଳୀ ସୃଷ୍ଟି ବେଳେ କେଉଁ ରଙ୍ଗର ଆଲୋକ ସର୍ବାଧିକ ବଙ୍କାଏ ?

a. ବାଇଗଣୀ b. ଲାଲ୍ c. ସବୁଜ d. ଘନନୀଳ

୩୧. ପ୍ରିଜିମ୍‌ରେ ଧଳା ଆଲୋକରୁ ବର୍ଣ୍ଣାଳୀ ସୃଷ୍ଟି ବେଳେ କେଉଁ ରଙ୍ଗର ଆଲୋକ ସର୍ବନିମ୍ନ ବଙ୍କାଏ ?

a. ବାଇଗଣୀ b. ଲାଲ୍ c. ସବୁଜ d. ଘନନୀଳ

**୩୨. ଲଳିଶା ସଂଶୋଧନ ପାଇଁ କେଉଁ ଚଷମା ବ୍ୟବହାର କରାଯାଏ ?**

a. ଅବତଳ ଲେନ୍ସ b. ଉତ୍ତଳ ଲେନ୍ସ c. ସ୍ତମ୍ଭାକାର ଲେନ୍ସ d. ଆୟତାକାର ଲେନ୍ସ

**୩୩. ବର୍ଷା ଦିନେ ଆକାଶରେ ସୂର୍ଯ୍ୟର କେଉଁ ଦିଗରେ ଇନ୍ଦ୍ରଧନୁ ଦେଖାଯାଏ ?**

a. ସମାନ b. ବିପରୀତ c. ଉଭୟ d. କେଉଁଟି ନୁହେଁ

**୩୪. ଜଳ କଣାରେ କେଉଁ ପ୍ରକ୍ରିୟା ଯୋଗୁଁ ଇନ୍ଦ୍ରଧନୁ ସୃଷ୍ଟି ହୁଏ ?**

a. ପ୍ରତିଫଳନ b. ପ୍ରକୀର୍ଣ୍ଣନ c. ପ୍ରକୀର୍ଣ୍ଣନ ଓ ଆଭ୍ୟନ୍ତରୀଣ ପ୍ରତିଫଳନ d. ବିଚ୍ଛୁରଣ

**୩୫. କେଉଁ ମାନେ ସ୍ଥିର ଆଲୋକ ପ୍ରଦାନ କରନ୍ତି ?**

a. ନକ୍ଷତ୍ର b. ଗ୍ରହ c. ମହାଜାଗତିକ ପିଣ୍ଡ d. ଉପରୋକ୍ତ ସମସ୍ତ

**୩୬. କେଉଁ ମାନେ ଦପ୍ ଦପ୍ ହୁଅନ୍ତି ?**

a. ନକ୍ଷତ୍ର b. ଗ୍ରହ c. ତାରା d. କେଉଁଟି ନୁହେଁ

**୩୭. ତାରା ମାନେ ଦପ୍ ଦପ୍ ହୁଅନ୍ତି । ଏଥି ପାଇଁ କେଉଁ ପ୍ରକ୍ରିୟା ଦାୟୀ ?**

a. ପ୍ରତିଫଳନ b. ପୂର୍ଣ୍ଣ ଆଭ୍ୟନ୍ତରୀଣ ପ୍ରତିଫଳନ c. ବାୟୁମଣ୍ଡଳୀୟ ପ୍ରତିସରଣ d. ବାୟୁମଣ୍ଡଳୀୟ ପ୍ରତିଫଳନ

**୩୮. ପ୍ରକୃତ ସୂର୍ଯ୍ୟାସ୍ତ ଓ ଆଭାସୀ ସୂର୍ଯ୍ୟାସ୍ତ ମଧ୍ୟରେ ସମୟ ବ୍ୟବଧାନ କେତେ ?**

a. 2 ମିନିଟ୍ b. 4 ମିନିଟ୍ c. 8 ମିନିଟ୍ d. 1 ମିନିଟ୍

**୩୯. କଲଏଡ଼ାଲ୍ ଦ୍ରବଣରେ ଆଲୋକର ଗତିପଥ କେଉଁ ପ୍ରକ୍ରିୟା ପାଇଁ ଦେଖାଯାଏ ?**

a. ପ୍ରତିଫଳନ b. ପ୍ରତିସରଣ c. ବିଚ୍ଛୁରଣ d. ବିକୀର୍ଣ୍ଣନ

**୪୦. କଲଏଡ଼ାଲ ଦ୍ରବଣରେ ଆଲୋକର ବିଚ୍ଛୁରଣକୁ କ'ଣ କୁହାଯାଏ ?**

a. ବସ୍ତୁତ୍ୱ ସିଦ୍ଧାନ୍ତ b. ଟିଣ୍ଡଲ ସିଦ୍ଧାନ୍ତ c. ନିଉଟନ୍ ସିଦ୍ଧାନ୍ତ d. କଣାଦ ସିଦ୍ଧାନ୍ତ

**୪୧. ଅତ୍ୟଧିକ କ୍ଷୁଦ୍ର କଣିକା କେଉଁ ରଙ୍ଗର ଆଲୋକ ବିଚ୍ଛୁରଣ କରେ ?**

a. ଲାଲ୍ b. ନୀଳ c. ସବୁଜ d. ଧଳା

**୪୨. ଅତ୍ୟଧିକ ବଡ଼ ଆକାରର କଣିକା କେଉଁ ଆଲୋକ ବିଚ୍ଛୁରଣ କରେ ?**

a. ଲାଲ୍ b. ନୀଳ c. ଧଳା d. ସବୁଜ

**୪୩. ଆକାଶର ବର୍ଣ୍ଣ କେଉଁ ପ୍ରକ୍ରିୟା ପାଇଁ ନୀଳ ଦେଖାଯାଏ ?**

a. ପ୍ରତିଫଳ b. ପ୍ରତିସରଣ c. ଆଭ୍ୟନ୍ତରୀଣ ପ୍ରତିଫଳନ d. ବିଚ୍ଛୁରଣ

**୪୪. ପୃଥିବୀ ଚାରିପଟେ ବାୟୁମଣ୍ଡଳ ନ ଥିଲେ ଆକାଶ କିପରି ହୋଇଥାନ୍ତା ?**

a. ଧଳା b. ଅନ୍ଧ କାରମୟ c. ଅଧିକ ନୀଳ d. ଲାଲ୍

**୪୫. କେଉଁ ବର୍ଣ୍ଣ ଆଲୋକକୁ ବିପଦ ସଂକେତ ରୂପେ ବ୍ୟବହାର କରାଯାଏ ?**

a. ନୀଳ b. କଳା c. ଧଳା d. ଲାଲ୍

**୪୬. କୌଣସି ବ୍ୟକ୍ତି ୫୦ ସେ.ମି. ଦୂରରୁ ବସ୍ତୁକୁ ସ୍ପଷ୍ଟ ଭାବେ ଦେଖିପାରେ ନାହିଁ ଏହି ଦୃଷ୍ଟିକୁ ସୁଧାରିବା**

a. +5D b. +0.5D c. +2D d. +0.5D

**୪୭. ପ୍ରିଜିମ୍‌ରେ ଧଳା ଆଲୋକର ପ୍ରକୀର୍ଣ୍ଣନରେ କେଉଁ ରଙ୍ଗ ପ୍ରିଜିମ୍ ଭୂମି ଆଡୁ ଦ୍ୱିତୀୟରେ ରହେ ?**

a. ନୀଳ b. ନାରଙ୍ଗୀ c. ଘନନୀଳ d. ହଳଦିଆ

**୪୮. ପ୍ରିଜିମ୍‌ରେ ଧଳା ଆଲୋକର ପ୍ରକୀର୍ଣ୍ଣନରେ ପିଜିମ୍‌ର ଭୂମି ଆଡୁ ପଞ୍ଚମରେ କେଉଁ ରଙ୍ଗ ରହେ ?**

a. ନୀଳ b. ନାରଙ୍ଗୀ c. ଘନନୀଳ d. ହଳଦିଆ

**୪୯. ସୂର୍ଯ୍ୟାସ୍ତ ସମୟରେ ନିମ୍ନସ୍ଥ କେଉଁ ରଙ୍ଗର ଆଲୋକ ବିଚ୍ଛୁରିତ ହୋଇଥାଏ ?**

a. ଧଳା b. ଲାଲ୍ c. ନୀଳ d. କହିହେବ ନାହିଁ

**୫୦. ମଧ୍ୟାହ୍ନ ସମୟରେ ସୂର୍ଯ୍ୟାଲୋକର ବର୍ଣ୍ଣ କ'ଣ ଥାଏ ?**

a. ହଳଦିଆ b. ଲାଲ୍ c. ଧଳା d. ନୀଳ

## ANSWER

| | | | | | | | |
|---|---|---|---|---|---|---|---|
| 1.b | 2.d | 3.b | 4.a | 5.c | 6.a | 7.a | 8.c |
| 9.a | 10.b | 11.a | 12.c | 13.b | 14.a | 15.a | 16c |
| 17.c | 18.b | 19.a | 20.b | 21.b | 22.a | 23.c | 24.b |
| 25.d | 26.b | 27.d | 28.d | 29.c | 30.a | 31.b | 32b |
| 33.b | 34.c | 35.d | 36.c | 37.c | 38a | 39.c | 40.b |
| 41.b | 42.c | 43.d | 44.b | 45.d | 46.b | 47.c | 48.d |
| 49.c | 50.c | | | | | | |

## 4 Marks

୧. ମାନବ ଚକ୍ଷୁର ନାମାଙ୍କିତ ଚିତ୍ର ସହ ଗଠନ ବର୍ଣ୍ଣନା କର ।

୨. ଦୃଷ୍ଟି ଦୋଷ କ'ଣ ? ସମୀପ ଦୃଷ୍ଟିର କାରଣ ଓ ପ୍ରତିକାର ଚିତ୍ର ସହ ବୁଝାଅ ।

୩. ଦୃଷ୍ଟି ଦୋଷ କ'ଣ ? ଦୂର ଦୃଷ୍ଟିର କାରଣ ଓ ପ୍ରତିକାର ଚିତ୍ର ସହ ବୁଝାଅ ।

୪. ଆଲୋକର ପ୍ରକୀର୍ଣ୍ଣନ କିପରି ହୁଏ, ଚିତ୍ର ସହ ବୁଝାଅ ।

୫. ପ୍ରିଜିମ୍ ମଧ୍ୟରେ ଆଲୋକର ପ୍ରତିସରଣ ଚିତ୍ର ସହ ବୁଝାଅ ।

୬. କଲଏଡ଼ାଲ ଦ୍ରବଣ ମଧ୍ୟରେ ଆଲୋକର ବିଚ୍ଛୁରଣ (ଚିତ୍ର ସହ) ପରୀକ୍ଷା ମାଧ୍ୟମରେ ବୁଝାଅ ।

## 3 Marks

୧ ସମାଯୋଜନ କ'ଣ ? ଚକ୍ଷୁ ଲେନ୍ସ କିପରି ଆବଶ୍ୟକତା ଅନୁଯାୟୀ ଫୋକସ ଦୂରତା ବଦଳାଏ, ବର୍ଣ୍ଣନା କର ।

୨. ଇନ୍ଦ୍ରଧନୁ କିପରି ସୃଷ୍ଟି ହୁଏ, ଏକ ସ୍ୱଷ୍ଟ ନାମାଙ୍କିତ ଚିତ୍ର ସାହାଯ୍ୟରେ ବୁଝାଅ ।

୩. ଟିଣ୍ଡଲ୍ ସିଦ୍ଧାନ୍ତ କ'ଣ, ଉଦାହରଣ ସହ ବୁଝାଅ ।

୪. ଦୂରଦୃଷ୍ଟି ଓ ସମୀପଦୃଷ୍ଟି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୫. ଦୂରଦୃଷ୍ଟି ଓ ଚାଳିଶା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୬. ଦୂରଦୃଷ୍ଟି ଯୁକ୍ତ ଚକ୍ଷୁର ନିକଟ ବିନ୍ଦୁ 1 m ହେଲେ ଏହି ଦୃଷ୍ଟିଦୋଷର ସଂଶୋଧନ ପାଇଁ କେତେ ପାୱାର ବିଶିଷ୍ଟ ଲେନ୍ସ ଆବଶ୍ୟକ ?

୭. ଦର୍ଶାଅ ଯେ ଧଳାବର୍ଣ୍ଣ ୭ଟି ବର୍ଣ୍ଣର ସମାହାରରେ ତିଆରି ।

୮. ଜଣେ ବ୍ୟକ୍ତିଙ୍କ ପାଇଁ ଦୂର ବିନ୍ଦୁ ହେଉଛି 60 ସେ.ମି । ତାଙ୍କର କେଉଁ ଦୃଷ୍ଟିକୋଣ ରହିଛି ? ଏହାର ନିରାକରଣ ପାଇଁ କେତେ ପାୱାର ବିଶିଷ୍ଟ ଓ କେଉଁ ଲେନ୍ସ ଆବଶ୍ୟକ ।

୯. ତାରା ମାନେ କାହିଁକି ଦପ୍ ଦପ୍ ହୁଅନ୍ତି ?

୧୦. ନିର୍ମଳ ଆକାଶର ବର୍ଣ୍ଣ କାହିଁକି ନୀଳ ?

୧୧. ଗ୍ରହ ମାନେ କାହିଁକି ଦପ୍ ଦପ୍ ହୁଅନ୍ତି ନାହିଁ ?

## 2 Marks

୧. ମହାକାଶଚାରୀ ମାନଙ୍କୁ କାହିଁକି ଆକାଶ ଅନ୍ଧକାରମୟ ଦେଖାଯାଏ ?

୨. ଲାଲ୍ ବର୍ଣ୍ଣକୁ କାହିଁକି ବିପଦ ସଂକେତ ରୂପେ ବ୍ୟବହାର କରାଯାଏ ?

୩. ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟ କାହିଁକି ଲାଲ୍ ଦେଖାଯାଏ ?

୪. ସ୍ୱାଭାବିକ ଚକ୍ଷୁର 25 ସେ.ମି.ରୁ କମ୍ ଦୂରତାରେ କୌଣସି ବସ୍ତୁକୁ ରଖିଲେ ଚକ୍ଷ ବସ୍ତୁଟିକୁ କାହିଁକି ଦେଖିପାରେ ନାହିଁ ?

୫. ସାଧାରଣ ଚକ୍ଷୁର ଦୂର-ବିନ୍ଦୁ ଓ ନିକଟ-ବନ୍ଦୁ କାହାକୁ କୁହାଯାଏ ?

୬. ମୋତିଆ ବିନ୍ଦୁ କ'ଣ ? ଏହାର କିପରି ପ୍ରତିକାର କରାଯାଏ ?

୭. ଦ୍ୱି-ଫୋକସୀ ଚଷମା କ'ଣ ? ଏହାକୁ କେଉଁ ମାନେ ବ୍ୟବହାର କରନ୍ତି ?

୮. ଆଲୋକ ସଂବେଦୀ ସେଲ୍ କ'ଣ ? ଏମାନଙ୍କର କାର୍ଯ୍ୟ କ'ଣ ?

୯. ସୂର୍ଯ୍ୟୋଦୟ ହେବାର 2 ମିନିଟ୍ ଆଗରୁ କାହିଁକି ଆମେ ସୂର୍ଯ୍ୟକୁ ଦେଖିପାରୁ ?

୧୦. ପ୍ରକୀର୍ଣ୍ଣନ କ'ଣ ? ପ୍ରିଜିମ୍ ଦ୍ୱାରା ଧଳା ଆଲୋକର ପ୍ରକୀର୍ଣ୍ଣନ ହେଲେ କେଉଁ କେଉଁ ବର୍ଣ୍ଣ ହୁଏ ସଜାଇ ଲେଖ ।

# ମାନବ ଚକ୍ଷୁ ଓ ବର୍ଣ୍ଣ ଜଗତ

## ୩ ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

**1. ଇନ୍ଦ୍ରଧନୁ କିପରି ସୃଷ୍ଟି ହୁଏ ଏକ ସ୍ୱଷ୍ଟ ନାମାଙ୍କିତ ଚିତ୍ର ସାହାଯ୍ୟରେ ବୁଝାଅ ।**

Ans : i. ବର୍ଷା ଦିନେ ଆକାଶରେ ସୂର୍ଯ୍ୟ ଯେଉଁ ଦିଗରେ ଥାଏ, ତାହାର ବିପରୀତ ଦିଗରେ ଇନ୍ଦ୍ରଧନୁ ସୃଷ୍ଟି ହୁଏ ।

ii. ମେଘରେ ଥିବା ଅସଂଖ୍ୟ କ୍ଷୁଦ୍ର ଜଳକଣା ଗୁଡ଼ିକ ଛୋଟ ଛୋଟ ପ୍ରିଜିମ୍ ପରି କାର୍ଯ୍ୟ କରନ୍ତି ।

iii. ଜଳକଣା ଗୁଡ଼ିକରେ ଆପତିତ ସୂର୍ଯ୍ୟଲୋକ ପ୍ରଥମେ ପ୍ରତିସୃତ ଓ ପ୍ରକୀର୍ଣ୍ଣିତ ହୁଏ ।

iv. ତା'ପରେ ଜଳକଣା ମଧ୍ୟରେ ଏହାର ଆଭ୍ୟନ୍ତରୀଣ ପ୍ରତିଫଳନ ହୁଏ ଓ ଶେଷରେ ଏହା ପ୍ରତିସୃତ ହୋଇ ଜଳକଣାରୁ ବାହାରି ଆସେ ।

v. ଆଲୋକର ପ୍ରକୀର୍ଣ୍ଣନ ଓ ଆଭ୍ୟନ୍ତରୀଣ ପ୍ରତିଫଳନ ଯୋଗୁଁ ଦଶକର ଚକ୍ଷୁରେ ଇନ୍ଦ୍ରଧନୁ ସୃଷ୍ଟି କରେ ।




**2. ଟିଣ୍ଡଲ୍ ସିଦ୍ଧାନ୍ତକୁ ଗୋଟିଏ ଉଦାହରଣ ଦେଇ ବୁଝାଅ ।**

Ans : i. ପୃଥିବୀର ବାୟୁମଣ୍ଡଳ କ୍ଷୁଦ୍ର ବିଷମଜାତୀୟ କଣିକା ଗୁଡ଼ିକର ସମାହାର ।

ii. ଏହି କଣିକା ଗୁଡ଼ିକ ହେଲା - ଧୂଆଁ, କ୍ଷୁଦ୍ର ଜଳକଣା ଓ ବାୟୁର ଅଣୁ ସମୂହ ।

iii. କୌଣସି ଆଲୋକଗୁଚ୍ଛ ଏହି ସୂକ୍ଷ୍ମ କଣିକା ଗୁଡ଼ିକ ଉପରେ ପଡ଼ିଲେ ଆଲୋକର ଗତିପଥ ଦୃଶ୍ୟମାନ ହୁଏ ।

iv. ଆଲୋକ ଏହି କ୍ଷୁଦ୍ରକଣିକା ଗୁଡ଼ିକ ଦ୍ୱାରା ବିଭିନ୍ନ ଆଡ଼କୁ ପ୍ରତିଫଳିତ ହୋଇ ଆମ ଚକ୍ଷୁ ନିକଟକୁ ଆସେ ।

v. କଲ୍ଏଡ଼ାଲ୍ କଣିକା ଗୁଡ଼ିକ ଦ୍ୱାରା ଆଲୋକର ଏପରି ବିଛୁରଣକୁ ଟିଣ୍ଡଲ୍ ସିଦ୍ଧାନ୍ତ କୁହାଯାଏ ।

**ଉଦାହରଣ :**

ଧୂଆଁପୂର୍ଣ୍ଣ ଏକ କୋଠରି ମଧ୍ୟକୁ ଏକ ସୂର୍ଯ୍ୟ ରନ୍ଧ୍ରବାଟେ ସୂର୍ଯ୍ୟାଲୋକ ପ୍ରବେଶ କରାଇଲେ ଆଲୋକର ଗତିପଥ ଦେଖି ହୁଏ । ଆଲୋକର ବିଚ୍ଛୁରଣ ହେତୁ କଣିକା ଗୁଡ଼ିକ ଦେଖାଯାଏ ।

**3. ତାରାଗୁଡ଼ିକ କାହିଁକି ଦପ୍ ଦପ୍ ହୁଏ ।**

Ans : i. ତାରାମାନଙ୍କ ଠାରୁ ଆସୁଥିବା ଆଲୋକ ବାୟୁମଣ୍ଡଳର ବିଭିନ୍ନ ସ୍ତର ଦେଇ ଗତିକଲା ବେଳେ କ୍ରମାଗତ ଭାବରେ ପ୍ରତିସୃତ ହୋଇ ପୃଥିବୀରେ ପହଞ୍ଚେ ।

ii. ପୃଥିବୀ ପୃଷ୍ଠରେ ବାୟୁମଣ୍ଡଳର କ୍ରମ ପରିବର୍ତ୍ତିତ ପ୍ରତିସରଣାଙ୍କ ଯୋଗୁଁ ଆଲୋକ ରଶ୍ମି ଅଭିଲମ୍ବ ଆଡ଼କୁ ଅନବରତ ବଙ୍କେଇ ହେଉଥାଏ ।

iii. ପଳରେ ତାରାର ଆଭାସୀ ଅବସ୍ଥାନ ତାହାର ପ୍ରକୃତ ଅବସ୍ଥାନ ଅପେକ୍ଷା ଭିନ୍ନ ହୋଇ ସାମାନ୍ୟ ଉପରକୁ ହୁଏ ।

iv. ବାୟୁ ସ୍ତରରେ ଅବସ୍ଥାରେ ପରିବର୍ତ୍ତନ ହେଉଥିବାରୁ ବହୁ ଦୂରରେ ବିନ୍ଦୁ ଉତ୍ସ ପ୍ରାୟ ତାରାର ବିନ୍ଦୁ ପ୍ରାୟ ଆଭାସୀ ଅବସ୍ଥାନ ସାମାନ୍ୟ ଉପରତଳ ହୋଇ ବଦଳି ଥାଏ ।

v. ଫଳରେ ତାରା ଗୁଡ଼ିକର ଉଜ୍ଜ୍ୱଳତା କମ୍ ବେଶୀ ହୋଇ ଦପ୍ ଦପ୍ ହେଲା ପରି ଦିଶେ ।

**4. ଆକାଶ କାହିଁକି ନୀଳ ଦେଖାଯାଏ ?**

Ans : i. ବାୟୁ ମଣ୍ଡଳରେ ଥିବା ବାୟୁର ଅଣୁ ଗୁଡ଼ିକ ଏବଂ ଅନ୍ୟ ସୂକ୍ଷ୍ମକଣିକା ଗୁଡ଼ିକ ରେ ଥିବା ଦୈର୍ଘ୍ୟ ଦୃଶ୍ୟମାନ ଆଲୋକର ତରଙ୍ଗ ଦୈର୍ଘ୍ୟ ଅପେକ୍ଷା କମ୍ ଅଟେ ।

ii. ସୂର୍ଯ୍ୟାଲୋକ ବାୟୁମଣ୍ଡଳ ଭିତରେ ଗତିକଲା ବେଳେ ଏହି ସୂକ୍ଷ୍ମ କଣିକା ଗୁଡ଼ିକ ଲାଲ୍ ଆଲୋକ ଅପେକ୍ଷା ନୀଳ ଆଲୋକକୁ ଅଧିକ ବିଚ୍ଛୁରଣ କରେ ।

iii. ଏହି ବିଚ୍ଛୁରିତ ନୀଳ ଆଲୋକ ଆମ ଚକ୍ଷୁରେ ପ୍ରବେଶ କରୁଥିବାରୁ ଆକାଶ ନୀଳ ଦେଖାଯାଏ ।

**5. ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟ କାହିଁକି ଗାଢ଼ ଲାଲ୍ ଦେଖାଯାଏ ?**

Ans : i. ସୂର୍ଯ୍ୟୋଦୟ ସମୟରେ ଦିଗ୍‌ବଳୟ ନିକଟରେ ସୂର୍ଯ୍ୟ ଥିବାରୁ ଅଧିକାଂଶ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଆଲୋକ ଏବଂ ବିଶେଷତଃ ନୀଳ ଆଲୋକର କ୍ଷୁଦ୍ରକଣିକା ଗୁଡ଼ିକ ଦ୍ୱାରା ବିଚ୍ଛୁରିତ ହୁଏ ।

ii. ଆଲୋକ କ୍ଷୁଦ୍ର କଣିକା ଗୁଡ଼ିକ ଦ୍ୱାରା ବିଚ୍ଛୁରିତ ହୋଇ ଯାଇଥିବାରୁ ଆମ ଚକ୍ଷୁ ନିକଟରେ ଅଧିକ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଲାଲ୍-ଆଲୋକ ପହଞ୍ଚିଥାଏ ।

iii. ଏହି କାରଣରୁ ସୂର୍ଯ୍ୟ ଲାଲ୍ ଦେଖାଯାଏ ।

**6. ମହାକାଶଚାରୀ ମାନଙ୍କୁ ଆକାଶ କାହିଁକି ନୀଳ ପରିବର୍ତ୍ତେ ଅନ୍ଧାରୁଆ ଜଣାଯାଏ ?**

Ans : i. ସୂର୍ଯ୍ୟାଲୋକ ବାୟୁମଣ୍ଡଳ ମଧ୍ୟରେ ଗତିକଲା ବେଳେ ବାୟୁରେ ଥିବା ସୂର୍ଯ୍ୟ କଣିକା ଗୁଡ଼ିକ ନୀଳ ଆଲୋକକୁ ବିଚ୍ଛୁରଣ କରୁଥିବାରୁ ଆକାଶ ନୀଳ ଦେଖାଯାଏ ।

ii. କିନ୍ତୁ ମହାକାଶରେ ବାୟୁମଣ୍ଡଳ ନ ଥିବାରୁ ସୂର୍ଯ୍ୟାଲୋକର ବିଚ୍ଛୁରଣ ଘଟେ ନାହିଁ ।

iii. ଏହି କାରଣରୁ ମହାକାଶଚାରୀ-ମାନଙ୍କୁ ଆକାଶ ନୀଳ ପରିବର୍ତ୍ତେ ଅନ୍ଧାରୁଆ ଦେଖାଯାଏ ।

## 4 ନମ୍ବର ସମ୍ବଳିତ

## ପ୍ରଶ୍ନୋତ୍ତର

**1. ଦର୍ଶାଅ ଯେ, ବିଭିନ୍ନ ବର୍ଣ୍ଣର ସମଷ୍ଟିରେ ଧଳାବର୍ଣ୍ଣ ସୃଷ୍ଟି ହୁଏ ।**

Ans : i. ନିଉଟନ୍ ସମାନ ପଦାର୍ଥରେ ନିର୍ମିତ ଓ ସମାନ ପ୍ରତିସରଣ କୋଣ ବିଶିଷ୍ଟ ଦୁଇଟି ପ୍ରିଜିମ୍ $P_1$ ଓ $P_2$ ନେଲେ ।

ii. ସେ ପ୍ରଥମେ ପ୍ରିଜିମ୍ $P_1$ ରେ ସୂର୍ଯ୍ୟଲୋକର ପ୍ରତିସରଣ କରାଇ ଧଳାପରଦାରେ ଏକ ବର୍ଣ୍ଣାଳୀ ସୃଷ୍ଟି କଲେ ।

iii. ତା'ପରେ ସେ ଧଳା ପରଦା ସ୍ଥାନରେ ପ୍ରିଜମ୍ $P_2$ କୁ ଓଲଟାଇ ରଖିଲେ ।

iv. ସେ ଲକ୍ଷ୍ୟ କଲେ ଯେ ପ୍ରିଜିମ୍ $P_2$ ରୁ ବାହାରୁଥିବା ଆଲୋକ ମୂଳ ଆଲୋକ ପରି ଧଳା ।




v. ଏହି ପରୀକ୍ଷାରୁ ପ୍ରମାଣିତ ହେଲା ଯେ, ସୂର୍ଯ୍ୟଲୋକ ସାତଟି ବର୍ଣ୍ଣର ଆଲୋକର ସମଷ୍ଟି ଏବଂ ପ୍ରିଜିମ୍ କେବଳ ବର୍ଣ୍ଣ ଗୁଡ଼ିକୁ ପୃଥକ୍ କରି ବର୍ଣ୍ଣାଳୀ ସୃଷ୍ଟିରେ ସହାୟକ ହୁଏ ।

# ମାନବ ଚକ୍ଷୁ ଓ ବର୍ଣ୍ଣଜଗତ

## ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର

**(୨ ନମ୍ବର)**

**1. ଆଲୋକ ସଂବେଦୀ ସେଲ୍ କ'ଣ ? ଏହାର କାର୍ଯ୍ୟ ଲେଖ ?**

Ans : i. ମୁକୁରିବାରେ ଥିବା ଅସଂଖ୍ୟ ଆଲୋକ ପ୍ରତି ସଂବେଦନଶୀଳ ସେଲ୍ ଗୁଡ଼ିକୁ ଆଲୋକ ସଂବେଦୀ ସେଲ୍ କୁହାଯାଏ ।

ii. ଆଲୋକ ମୁକୁରିକା ଉପରେ ପଡ଼ିଲେ ଆଲୋକ ସଂବେଦୀ ସେଲ୍ ଗୁଡ଼ିକ କ୍ରିୟାଶୀଳ ହୋଇ ବିଦ୍ୟୁତ୍ ସଂକେତ ପ୍ରେରଣ କରନ୍ତି ।

**2. ଚକ୍ଷୁର ସମାୟୋଜନ କ୍ଷମତା କ'ଣ ? ଏହା କିପରି ହୋଇଥାଏ ?**

Ans : i. ଚକ୍ଷୁ ଲେନସ୍ ଫୋକସ୍ ଦୂରତାକୁ ଆବଶ୍ୟକତା ଅନୁଯାୟୀ ବଦଳାଇବା ସାମର୍ଥ୍ୟକୁ ସମାୟୋଦନ କ୍ଷମତା କହନ୍ତି ।

ii. ସିଲିଆରୀ ମାଂସପେଶୀର ସଂକୋଚନ ପ୍ରସାରଣ ଫଳରେ ଚକ୍ଷୁ ଲେନ୍ସର ଫୋକସ୍ ଦୂରତା ବଦଳେ । ତେଣୁ ବସ୍ତୁର ପ୍ରତିବିମ୍ବ ସର୍ବଦା ମୁକୁରିକାରେ ପଡ଼େ ।

**୩. ମୋତିଆ ବିନ୍ଦୁ କ'ଣ ? ଏହାର ଚିକିତ୍ସା କିପରି କରାଯାଏ ?**

Ans : i. ବେଳେବେଳେ ବୟସ୍କ ବ୍ୟକ୍ତିଙ୍କ ଚକ୍ଷୁ ଲେନ୍ସ ଧଳା ଓ ଧୂସର ହୋଇଯାଏ । ଏହାଦ୍ୱାରା ବ୍ୟକ୍ତି ସମ୍ପୂର୍ଣ୍ଣ ବା ଆଂଶିକ ଭାବରେ ଦେଖିପାରନ୍ତି ନାହିଁ । ଚକ୍ଷୁ ଏହିପରି ଅବସ୍ଥାକୁ ମୋତିଆ ବିନ୍ଦୁ କୁହାଯାଏ ।

ii. ଶଲ୍ୟ ଚିକିତ୍ସା ଦ୍ୱାରା ମୋତିଆ ବିନ୍ଦୁର ଚିକିତ୍ସା କରାଯାଏ ।

**4 . ବାଇଫୋକାଲ୍ ଚଷମା କ'ଣ ?**

Ans : i. ସମୟେ ସମୟେ ଜଣେ ବ୍ୟକ୍ତିଙ୍କର ଉଭୟ ସମୀପ ଓ ଦୂରଦୃଷ୍ଟି ରହିଥାଏ ।

ii. ସେମାନଙ୍କ ଚଷମାରେ ଦୁଇ ପ୍ରକାରର ଲେନ୍‌ସ ଏକାଠି ରଖାଯାଇଥାଏ । ତଳ ଲେନ୍‌ସରେ ନିକଟ ବସ୍ତୁକୁ ଓ ଉପର ଲେନ୍‌ସରେ ଦୂରରେ ଥିବା ବସ୍ତୁକୁ ଦେଖନ୍ତି । ଏହି ପ୍ରକାରର ଚଷମାକୁ ବାଇଫୋକାଲ୍ ଚଷମା କୁହାଯାଏ ।

**5 . ସ୍ୱାଭାବିକ ଚକ୍ଷୁର ୨୫ ସେ.ମି.ରୁ କମ୍ ଦୂରତାରେ କୌଣସି ବସ୍ତୁକୁ ରଖିଲେ ଚକ୍ଷୁ ବସ୍ତୁଟିକୁ କାହିଁକି ଦେଖିପାରେ ନାହିଁ ?**

Ans : i. ସ୍ପଷ୍ଟ ଦର୍ଶନର ସର୍ବନିମ୍ନ ଦୂରତା ୨୫ ସେ.ମି. ଅଟେ । ଚକ୍ଷୁ ଠାରୁ ବସ୍ତୁର ଅବସ୍ଥାନ ୨୫ ସେ.ମି.ରୁ କମ୍ ହେଲେ ସିଲିଆରୀ ମାଂସପେଶୀ ଚକ୍ଷୁ ଲେନ୍‌ସର ବକ୍ର ପୃଷ୍ଠକୁ ଆଉ ଅଧିକ ବକ୍ର କରିପାରେ ନାହିଁ ।

ii. ଚକ୍ଷୁ ଲେନ୍‌ସର ଫୋକସ୍ ଦୂରତା ହ୍ରାସ ପାଏ ନାହିଁ ଆର୍ଥାତ୍ ସମାୟୋଜନ କ୍ଷମତା ହରାଏ । ତେଣୁ ବସ୍ତୁର ପ୍ରତିବିମ୍ବ ମୁକୁରିକାରେ ଗଠିତ ହୋଇପାରେ ନାହିଁ । ଫଳରେ ବସ୍ତୁର ପ୍ରତିବିମ୍ବ ଅସ୍ପଷ୍ଟ ଭାବରେ ଦେଖାଯାଏ ।

**6 . ଆଲୋକର ବିଭିନ୍ନ ବର୍ଣ୍ଣ ପାଇଁ କାଚର ପ୍ରତିସରଣାଙ୍କ ଭିନ୍ନ ହୁଏ କାହିଁକି ?**

Ans : i. ବିଭିନ୍ନ ବର୍ଣ୍ଣର ଆଲୋକ କାଚ ମଧ୍ୟରେ ଭିନ୍ନ ଭିନ୍ନ ବେଗରେ ଗତି କରିଥାଏ ।

ii. ତେଣୁ ଧଳା ଆଲୋକର ପ୍ରକୀର୍ଣ୍ଣନରେ ଭିନ୍ନ ଭିନ୍ନ ଆଲୋକର ବିଚ୍ୟୁତି ଭିନ୍ନ ଭିନ୍ନ ହୋଇଥାଏ । ତେଣୁ ବିଭିନ୍ନ ବର୍ଣ୍ଣ ପାଇଁ କାଚର ପ୍ରତିସରଣାଙ୍କ ଭିନ୍ନ ଭିନ୍ନ ହୋଇଥାଏ ।

**7 . ଲାଲ ବର୍ଣ୍ଣର ଆଲୋକକୁ କାହିଁକି ବିପଦ ସଂକେତ ରୂପେ ନିଆଯାଏ ?**

Ans : i. ଲାଲ୍ ବର୍ଣ୍ଣର ତରଙ୍ଗ ଦୈର୍ଘ୍ୟ ଅଧିକ ହୋଇଥିବାରୁ ତାହା ବହୁ ଦୂର ପର୍ଯ୍ୟନ୍ତ ଦେଖାଯାଏ ।

ii. ପୁନଶ୍ଚ ଲାଲ ଆଲୋକ କୁହୁଡ଼ି କିମ୍ବା ଧୂଳିକଣା ଦ୍ୱାରା ଖୁବ୍ କମ୍ ବିଚ୍ଛୁରିତ ହୁଏ । ତେଣୁ ଲାଲ୍ ବର୍ଣ୍ଣର ଆଲୋକକୁ ବିପଦ ସଂକେତ ରୂପେ ନିଆଯାଏ ।

**8 . ମହାକାଶଚାରୀ ମାନଙ୍କୁ ଆକାଶ କାହିଁକି ନୀଳ ପରିବର୍ତ୍ତେ ଅନ୍ଧାରୁଆ ଦେଖାଯାଏ ?**

Ans : i. ସୂର୍ଯ୍ୟୋଲୋକ ବାୟୁମଣ୍ଡଳ ଦେଇ ଗତି କଲାବେଳେ ବାୟୁର ସୂକ୍ଷ୍ମ କଣିକା ଗୁଡ଼ିକ ନୀଳ ଆଲୋକ ବିଚ୍ଛୁରଣ କରିଥାନ୍ତି ।

ii. କିନ୍ତୁ ମହାକାଶରେ ବାୟୁ ମଣ୍ଡଳ ପ୍ରାୟ ନଥାଏ । ତେଣୁ ଟିଣ୍ଡଲ ପଦ୍ଧତି ଜନିତ ଆଲୋକର ବିଚ୍ଛୁରଣ ଘଟେ ନାହିଁ । ତେଣୁ ମହାକାଶ ଅନ୍ଧକାର ଦେଖାଯାଏ ।

**9 . ଚକ୍ଷୁର ଦୂରବିନ୍ଦୁ ଓ ନିକଟ ବିନ୍ଦୁ କାହାକୁ କୁହାଯାଏ ?**

Ans : i. ଯେଉଁ ଦୂରତା ପର୍ଯ୍ୟନ୍ତ ଚକ୍ଷୁ ସ୍ପଷ୍ଟ ଭାବରେ ବସ୍ତୁକୁ ଦେଖି ପାରେ ତାହାକୁ ଦୂରବିନ୍ଦୁ କୁହାଯାଏ ।

ii. ସ୍ପଷ୍ଟ ଦର୍ଶନର ସର୍ବନିମ୍ନ ଦୂରତାକୁ ଚକ୍ଷୁର ନିକଟ ବିନ୍ଦୁ କୁହାଯାଏ ।

**10 . ବାହାରର ଅଧିକ ଉଜ୍ଜ୍ୱଳ ଆଲୋକରୁ ଘର ଭିତରକୁ ଆସିଲେ କିଛି ସମୟ ପର୍ଯ୍ୟନ୍ତ କୌଣସି ବସ୍ତୁକୁ ଦେଖିପାରୁ ନାହୁଁ କାହିଁକି ?**

Ans : i. କାରଣ କନୀନିକା ପ୍ରସାରିତ ହୋଇ ଅଧିକ ଆଲୋକ ଚକ୍ଷୁ ମଧ୍ୟକୁ ଛାଡ଼ିବାକୁ କିଛି ସମୟ ନେଇ ଥାଏ ।

ii. ସେହିପରି ଯେତେବେଳେ କମ୍ ଉଜ୍ଜ୍ୱଳ ଆଲୋକରୁ ଅଧିକ ଉଜ୍ଜ୍ୱଳ ଆଲୋକକୁ ଯାଇଥାଉ ସେତେବେଳେ କନୀନିକା ନେତ୍ର ପିତୁଳାକୁ ସଂକୁଚିତ କରି କମ୍ ଆଲୋକ ରଶ୍ମି ଚକ୍ଷୁ ମଧ୍ୟକୁ ଛାଡ଼ିବା ପାଇଁ କିଛି ସମୟ ନେଇଥାଏ ।

# ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନୋତ୍ତର

(୩ ନମ୍ବର)

**Q.1 ଦୂରଦୃଷ୍ଟି ଓ ଚାଳିଶା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

ଉ :

| ଦୂରଦୃଷ୍ଟି | ଚାଳିଶା |
|---|---|
| i. ଏଥିରେ ଚକ୍ଷୁ ଗୋଲକର ଆକାର ସଂକୁଚିତ ହୁଏ । | i. ଏଥିରେ ଚକ୍ଷୁ ଗୋଲକର ସଙ୍କୋଚନ ଘଟେ ନାହିଁ । |
| ii. ସିଲିଆରୀ ମାଂସପେଶୀର କୌଣସି ପ୍ରଭାବ ନଥାଏ । | ii. ସିଲିଆରୀ ମାଂସପେଶୀ କ୍ରମଶଃ ଦୁର୍ବଳ ହେବା ଯୋଗୁଁ ଏହା ହୋଇଥାଏ । |
| iii. ଏହା ଯୁବକ ଓ ବୃଦ୍ଧ ବ୍ୟକ୍ତିଙ୍କ ଠାରେ ଦେଖାଯାଇଥାଏ । | iii. ଏହା ସାଧାରଣତଃ ବୃଦ୍ଧ ବ୍ୟକ୍ତିଙ୍କ ଠାରେ ଦେଖାଯାଇଥାଏ । |

**Q.2 ସମୀପ ଦୃଷ୍ଟି ଓ ଦୂରଦୃଷ୍ଟି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

ଉ :

| ସମୀପ ଦୃଷ୍ଟି | ଦୂରଦୃଷ୍ଟି |
|---|---|
| i. ଏଥିରେ ନିକଟ ବସ୍ତୁ ସ୍ପଷ୍ଟ ଦେଖାଯାଏ । | i. ଏଥିରେ ଦୂର ବସ୍ତୁ ସ୍ପଷ୍ଟ ଦେଖାଯାଏ । |
| ii. ପ୍ରତିବିମ୍ବ ମୁକୁରିକା ଆଗରେ ଗଠିତ ହୁଏ । | ii. ପ୍ରତିବିମ୍ବ ମୁକୁରିକା ପଛରେ ଗଠିତ ହୁଏ । |
| iii. ଚକ୍ଷୁ ଲେନ୍ସର ଫୋକସ୍ ଦୂରତା କମିଯାଏ । | iii. ଚକ୍ଷୁ ଲେନ୍ସର ଫୋକସ୍ ଦୂରତା ବୃଦ୍ଧିପାଏ । |

**Q.3 ଧଳା ଆଲୋକ ବିଭିନ୍ନ ବର୍ଣ୍ଣର ସମାହାର ବୋଲି ଦର୍ଶାଅ ।**

ଉ : i. ଧଳା ଆଲୋକକୁ ପ୍ରିଜିମ୍‌ର ଗୋଟିଏ ପ୍ରତିସରଣ ପୃଷ୍ଠ ଉପରେ ପକାଇଲେ ପ୍ରିଜମ୍‌ର ଅପର ପ୍ରତିସରଣ ପୃଷ୍ଠ ଦେଇ ଧଳା ଆଲୋକରେ ଥିବା ମୂଳ ମିଶ୍ରବର୍ଣ୍ଣର ଆଲୋକ ଅଂଶ ସବୁ ବିଭିନ୍ନ କୋଣରେ ବାହାରି ଆସିବେ । ପ୍ରିଜିମ୍ ଠାରୁ ଅଳ୍ପ ଦୂରରେ ଖଣ୍ଡିଏ ଧଳା କାଗଜରେ ବା ଧଳା କାନ୍ଥରେ ଏହି ବର୍ଣ୍ଣାଳୀକୁ ପକାଇ ବର୍ଣ୍ଣ ଗୁଡ଼ିକୁ ଅନୁଧ୍ୟାନ କରାଯାଇପାରେ ।

ii. ପ୍ରିଜିମ୍‌ର ଭୂମି ଆଡୁ ଉପରକୁ ଦେଖିଲେ ଆଲୋକ ଗୁଡ଼ିକର ବର୍ଣ୍ଣ ହେବ ବାଇଗଣି, ଘନନୀଳ, ନୀଳ ସବୁଜ, ହଳଦିଆ, ନାରଙ୍ଗୀ ଓ ଲାଲ୍ ।

iii. ଏହି ସପ୍ତବର୍ଣ୍ଣ ଆଲୋକକୁ ଆଉ ଗୋଟିଏ ଏକା ପ୍ରକାର ପ୍ରିଜିମ୍‌କୁ ଓଲଟା ରଖି ତାହା ମଧ୍ୟକୁ ପ୍ରବେଶ କରାଇଲେ ଦେଖାଯିବ ଯେ ଯେଉଁ ଆଲୋକ ଦ୍ୱିତୀୟ ପ୍ରିଜିମ୍‌ରୁ ନିର୍ଗତ ହେବ ତାହା ମୂଳ ଆଲୋକ ଭଳି ଧଳା । ତେଣୁ ଧଳା ଆଲୋକ ଏକ ସପ୍ତବର୍ଣ୍ଣୀ ଆଲୋକ ।

ନିଉଟନ ପ୍ରମାଣ କରିଥିଲେ ଯେ ସୂର୍ଯ୍ୟାଲୋକ ସାତଟି ବର୍ଣ୍ଣର ଆଲୋକର ସମଷ୍ଟି ଏବଂ ପ୍ରିଜିମ୍ କେବଳ ବର୍ଣ୍ଣ ଗୁଡ଼ିକୁ ପୃଥକ୍ କରି ବର୍ଣ୍ଣାଳୀ ସୃଷ୍ଟିରେ ସହାୟକ ହୁଏ ।

**Q.4 ସମୀପ ଦୃଷ୍ଟିଦୋଷ ଥିବା ବ୍ୟକ୍ତିର ଦୂରବିନ୍ଦୁ ହେଉଛି 80 CM । ଏହି ଦୃଷ୍ଟି ଦୋଷର ସଂଶୋଧନ ପାଇଁ ଆବଶ୍ୟକ ହେଉଥିବା ଲେନ୍ସର ପ୍ରକୃତି ଓ ପାୱାର କ'ଣ ହେବା ଉଚିତ୍ ?**

ଉ : i. ଏହି ଦୃଷ୍ଟିଦୋଷ ଥିବା ବ୍ୟକ୍ତି ଦୂରବସ୍ତୁକୁ ଦେଇବା ପାଇଁ ଉପଯୁକ୍ତ ଫୋକସ୍ ଦୂରତା ବିଶିଷ୍ଟ ଅବତଳ ଲେନ୍ସର ଚଷମା ପିନ୍ଧିବା ଆବଶ୍ୟକ ।

ii. ବସ୍ତୁକୁ ଅନନ୍ତ ଦୂରତାରେ ଦେଖିବାକୁ ହେଲେ, ବସ୍ତୁର ଦୂତା, $u = \infty$

ସମୀପ ଦୃଷ୍ଟି ଯୁକ୍ତ ଚକ୍ଷୁର ଦୂରବିନ୍ଦୁ ଠାରେ ସଂଶୋଧିତ ଅବତଳ ଲେନ୍ସ ଦୂରବସ୍ତୁର ପ୍ରତିବିମ୍ବ ଗଠନ କରିବା ଆବଶ୍ୟକ।

ପ୍ରତିବିମ୍ବର ଦୂରତା = $v = -80$ cm

$$\frac{1}{v}-\frac{1}{u}=\frac{1}{f} \Rightarrow \frac{1}{-80}-\frac{1}{\infty}=\frac{1}{f}$$

$$\Rightarrow \frac{1}{-80} = \frac{1}{f} \Rightarrow f = -80cm$$

ଲେନ୍ସ୍‌ର ପାୱାର $= p = \frac{1}{f(m)} = \frac{1}{-80} \times 100 = -1.25\ D$

**Q.5 ଟିଣ୍ଡଲ୍ ସିଦ୍ଧାନ୍ତ କ'ଣ ? ଦୈନନ୍ଦିନ ଜୀବନରେ ଟିଣ୍ଡଲ୍ ସିଦ୍ଧାନ୍ତର ଉଦାହରଣ ଦିଅ । କେଉଁ କେଉଁ କାରଣ ଉପରେ ଏହି ସିଦ୍ଧାନ୍ତ ନିର୍ଭର କରେ ?**

ଉ : **ଟିଣ୍ଡଲ୍ ସିଦ୍ଧାନ୍ତ :** କଲଏଡ୍ ଏକ ବିଷମ ଜାତୀୟ କଣିକା ଗୁଡ଼ିକ ନେଇ ଗଠିତ । କଲଏଡାଲ୍ କଣିକା ଗୁଡ଼ିକ କ୍ଷୁଦ୍ର $10^{-9}$ ରୁ $10^{-6}$ ମି.) । ତେଣୁ କଣିକା ଗୁଡ଼ିକ ଆଲୋକ ରଶ୍ମି ବିଚ୍ଛୁରଣ କରନ୍ତି । ଏପରି ଆଲୋକର ବିଚ୍ଛୁରଣକୁ ଟିଣ୍ଡଲ ସିଦ୍ଧାନ୍ତ କୁହାଯାଏ ।

**ଦୈନନ୍ଦିନ ଜୀବନରେ ଟିଣ୍ଡଲ୍ ସିଦ୍ଧାନ୍ତ :**

i. ଧୂଆଁ ପୂର୍ଣ୍ଣ ଏକ କୋଠରୀ ମଧ୍ୟକ ଏକ ସୂକ୍ଷ୍ମ ରନ୍ଧ୍ର ସାହାଯ୍ୟରେ ସୂର୍ଯ୍ୟାଲୋକ ପ୍ରବେଶ କରାଇଲେ ଆଲୋକର ଗତିପଥ ଦେଖି ହୁଏ ।

ii. ଘନ ଜଙ୍ଗଲ ବିତାନ ମଧ୍ୟ ଦେଇ ସୂର୍ଯ୍ୟାଲୋକର ରଶ୍ମି ଗଛ ଗତିକଲା ବେଳେ କୁହୁଡ଼ି ମଧ୍ୟରେ ଥିବା କ୍ଷୁଦ୍ର ଜଳବିନ୍ଦୁ ସମୂହ ଆଲୋକକୁ ବିଚ୍ଛୁରଣ କରନ୍ତି ।

**କାରଣ (ଟିଣ୍ଡଲ୍ ସିଦ୍ଧାନ୍ତ ନିର୍ଭର କରେ)**

i. ଅତ୍ୟଧିକ କ୍ଷୁଦ୍ରକଣିକା ନୀଳ ଆଲୋକ ବିଚ୍ଛୁରଣ କରିଥାଏ ।

ii. କଣିକା ଗୁଡ଼ିକର ଆକାର ବଡ଼ ହେଲେ ଅତ୍ୟଧିକ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଆଲୋକ ବିଚ୍ଛୁରଣ କରିଥାଏ ।

iii. କଣିକା ଗୁଡ଼ିକର ଆକାର ଅତ୍ୟଧିକ ବଡ଼ ଆକାରର ହୋଇ ଥିଲେ ତାହା କେବଳ ଧଳା ଆଲୋକ ବିଚ୍ଛୁରଣ କରିଥାଏ ।

**Q.6 ଦୂରଦୃଷ୍ଟି ଯୁକ୍ତ ଚକ୍ଷୁର ନିକଟ ବିନ୍ଦୁ 1 M ହେଲେ ଏହି ଦୃଷ୍ଟି ଦୋଷର ସଂଶୋଧନ ପାଇଁ ଲେନ୍ସର ପାୱାର କେତେ ହେବା ଆବଶ୍ୟକ ?**

ଉ : i. ସ୍ୱାଭାବିକ ଚକ୍ଷୁର ନିକଟ ବିନ୍ଦୁ ହେଉଛି **25 CM** । କିନ୍ତୁ ଦୂରଦୃଷ୍ଟି ଯୁକ୍ତ ଚକ୍ଷୁ **25 CM** ଦୂରତାରେ ଥିବା ବସ୍ତୁକୁ ଦେଖିପାରେ ନାହିଁ । ଏହି ଚକ୍ଷୁ ପାଇଁ ନିକଟବିନ୍ଦୁ **1 M** ହେଉଛି । ଅର୍ଥାତ୍ ଏହି ଦୂରତା ପର୍ଯ୍ୟନ୍ତ ଚକ୍ଷୁ ବସ୍ତୁକୁ ସ୍ପଷ୍ଟ ଦେଖିପାରେ ।

ii. ଏହି ଦୃଷ୍ଟି ଦୋଷର ସଂଶୋଧନ ପାଇଁ ଉପଯୁକ୍ତ ଫୋକସ୍ ଦୂରତା ବିଶିଷ୍ଟ ଉତ୍ତଳ ଲେନ୍ସର ଚଷମା ଆବଶ୍ୟକ । ଏହା ଚକ୍ଷୁର ନିକଟ ବିନ୍ଦୁ ଠାରେ ଉତ୍ତଳ ଲେନ୍ସ ନିକଟବର୍ତ୍ତୀ ବସ୍ତୁର ଆଭାସୀ ପ୍ରତିବିମ୍ବ ଗଠନ କରେ ।

ତେଣୁ ପ୍ରତିବିମ୍ବର ଦୂରତା = $u = v = -1m = -100\ cm$

ବସ୍ତୁର ଦୂରତା = $u = -25\ cm$

$$\because \frac{1}{v} - \frac{1}{u} = \frac{1}{f} \Rightarrow \frac{1}{-100} - \frac{1}{(-25)} = \frac{1}{f}$$

$$\Rightarrow \frac{-1}{100} + \frac{1}{25} = \frac{1}{f}$$

$$\Rightarrow \frac{1}{f} = \frac{-1+4}{100} = \frac{3}{100}$$

$$\Rightarrow f = \frac{100}{3}\ cm = \frac{1}{3} m$$

∴ ଲେନ୍‌ସର ପାୱାର $= p = \frac{1}{f(m)} = \frac{1}{\frac{1}{3}} = +3\ D$

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

(୪ ନମ୍ବର)

Q.1 ଦୃଷ୍ଟି ଦୋଷ କ'ଣ ? ସମୀପ ଦୃଷ୍ଟିଦୋଷର କାରଣ ଓ ପ୍ରତିକାର ଚିତ୍ର ସହ ଦର୍ଶାଅ ।

ଉ : **ଦୃଷ୍ଟି ଦୋଷ :** କୌଣସି କାରଣରୁ ଚକ୍ଷୁ ଯଦି କ୍ରମଶଃ ସମାୟୋଜନ ପାୱାର ହରାଏ ତେବେ ଦୃଷ୍ଟି ଦୋଷ ହୋଇଛି ବୋଲି କୁହାଯାଏ । ଏହା ଫଳରେ ବ୍ୟକ୍ତି ବସ୍ତୁକୁ ସ୍ପଷ୍ଟ ଭାବରେ ଦେଖିପାରେ ନାହିଁ । ଚକ୍ଷୁ ଲେନ୍‌ସର ପ୍ରତିସରଣ ତ୍ରୁଟି ଯୋଗୁଁ ବସ୍ତୁ ଝାପ୍‌ସା ଦେଖାଯାଏ ।

**ସମୀପ ଦୃଷ୍ଟି ଦୋଷ :** i. ସମୀପ ଦୃଷ୍ଟି ଦୋଷ ଥିବା ବ୍ୟକ୍ତି ଦୂର ବସ୍ତୁକୁ ସ୍ପଷ୍ଟ ଦେଖିପାରେ ନାହିଁ । ମାତ୍ର ନିକଟରେ ଥିବା ବସ୍ତୁକୁ ସ୍ପଷ୍ଟ ଦେଖିପାରେ ।

ii. ଏହି ଦୋଷ ଥିବା ବ୍ୟକ୍ତିର ଦୂର ବିନ୍ଦୁ ଅନନ୍ତ ଦୂରତା ଠାରୁ କମିଯାଏ, କେବଳ କେତେ ମିଟିର ଦୂରତାରେ ଥିବା ବସ୍ତୁକୁ ସ୍ପଷ୍ଟ ଭାବରେ ଦେଖି ହୁଏ ।

**କାରଣ :** କୌଣସି କାରଣରୁ ଚକ୍ଷୁ ଲେନ୍‌ସର ବକ୍ରତା ବଢ଼ିଗଲେ କିମ୍ବା ଚକ୍ଷୁ ଗୋଲକ ଲମ୍ବି ଗଲେ ଚକ୍ଷୁ ଲେନ୍‌ସର ଫୋକସ୍ ଦୂରତା କମିଯାଏ । ଫଳରେ ଚକ୍ଷୁଲେନ୍‌ସର ପାୱାର ବଢ଼ି ଯାଏ ତେବେ ଦୂରବସ୍ତୁରୁ ଆସୁଥିବା ଆଲୋକ ରଶ୍ମି ଗୁଚ୍ଛ ମୁକୁରିକା ପରିବର୍ତ୍ତେ ତା ପୂର୍ବରୁ କାଚାଭରସ ଭିତରେ ପ୍ରତିବିମ୍ବ ସୃଷ୍ଟି କରେ । ତେଣୁ ଦୂରବସ୍ତୁ ସ୍ପଷ୍ଟ ଦେଖାଯାଏ ନାହିଁ । ଅପେକ୍ଷାକୃତ ନିକଟରେ ଥିବା ବସ୍ତୁ ଦୃଷ୍ଟିର ସଂଶୋଧନ ପ୍ରତିବିମ୍ବ ମୁକୁରିକାରେ ସୃଷ୍ଟି ହୋଇ ସ୍ପଷ୍ଟ ଦେଖାଯାଇପାରେ ।



(a) ସମୀପ ଦୃଷ୍ଟିର ଦୂରବିନ୍ଦୁ


(b) ସମୀପ ଦୃଷ୍ଟିଯୁକ୍ତ ଚକ୍ଷୁ


(b) ସମୀପ ଦୃଷ୍ଟିର ସଂଶୋଧନ

**ପ୍ରତିକାର :** ସମୀପ ଦୃଷ୍ଟିର ପ୍ରତିକାର ପାଇଁ ଲେନ୍‌ସର ଫୋକସ୍ ଦୂରତା ବଢ଼ାଇବା ବା ପାୱାର କମାଇବା ଆବଶ୍ୟକ । ଏଥିପାଇଁ ଉପଯୁକ୍ତ ଅବତନ ଲେନ୍‌ସର ଚଷମା ବ୍ୟବହାର କଲେ ଅବତଳ ଲେନ୍‌ସ ଓ ଚକ୍ଷୁ ଲେନ୍‌ସର ସମାହାରର ପାୱାର ଚକ୍ଷୁ ଲେନ୍‌ସର ପାୱାର ଠାରୁ ହେବ ଓ ଫୋକସ୍ ଦୂରତା ବଢ଼ି ଯିବ । ଫଳରେ ଦୂର ବସ୍ତୁର ପ୍ରତିବିମ୍ବ ମୁକୁରିକାରେ ପଡ଼ିବ ଏବଂ ବସ୍ତୁ ସ୍ପଷ୍ଟ ଦେଖା ଯିବ ।

**Q.2 ଦୃଷ୍ଟି ଦୋଷ କ'ଣ ? ଦୂର ଦୃଷ୍ଟି ଦୋଷର କାରଣ ଓ ପ୍ରତିକାର ଚିତ୍ର ସହ ଦର୍ଶାଅ ।**

ଉ : **ଦୃଷ୍ଟି ଦୋଷ :** କୌଣସି କାରଣରୁ ଚକ୍ଷୁ ଯଦି କ୍ରମଶଃ ସମାୟୋଜନ ପାୱାର ହରାଏ ତେବେ ଦୃଷ୍ଟି କୋଣ ହୋଇଛି ବୋଲି

କୁହାଯାଏ । ଏହା ଫଳରେ ବ୍ୟକ୍ତି ବସ୍ତୁକୁ ସ୍ପଷ୍ଟ ଭାବରେ ଦେଖି ପାରେ ନାହିଁ । ଚକ୍ଷୁ ଲେନ୍‌ସର ପ୍ରତିସରଣ ତ୍ରୁଟି ଯୋଗୁଁ ବସ୍ତୁ ଝାପ୍‌ସା ଦେଖାଯାଏ ।

**ଦୂର ଦୃଷ୍ଟିଦୋଷ :**

ଦୂର ଦୃଷ୍ଟିଦୋଷ ଥିବା ବ୍ୟକ୍ତି ଦୂରବସ୍ତୁକୁ ସ୍ପଷ୍ଟ ଦେଖିପାରେ କିନ୍ତୁ ନିକଟ ବସ୍ତୁକୁ ସ୍ପଷ୍ଟ ଭାବରେ ଦେଖିପାରେ ନାହିଁ । ବ୍ୟକ୍ତିର ନିକଟ ବିନ୍ଦୁ ସ୍ପଷ୍ଟ ଦର୍ଶନର ନିମ୍ନତମ ଦୂରତା ଅର୍ଥାତ୍ 25 ସେ.ମି ଠାରୁ ଅଧିକ ଦୂରରେ ରଖି ପଢ଼ି ପାରନ୍ତି ।




(a) ଦୂର ଦୃଷ୍ଟିଯୁକ୍ତ ବ୍ୟକ୍ତିର ନିକଟ ବିନ୍ଦୁ




(b) ଦୂର ଦୃଷ୍ଟିଯୁକ୍ତ ଚକ୍ଷୁ




(b) ଦୂର ଦୃଷ୍ଟିର ସଂଶୋଧନ (ଦୂରଦୃଷ୍ଟିଯୁକ୍ତ ଚକ୍ଷୁ)

**କାରଣ :**

କୌଣସି କାରଣରୁ ଚକ୍ଷୁ ଲେନ୍‌ସର ଫୋକସ୍ ଦୂରତା ବଢ଼ିଗଲେ ଅର୍ଥାତ୍ ଚକ୍ଷୁର ଲେନ୍‌ସର ପାୱାର କମିଗଲେ ନିକଟ ବସ୍ତୁର ପ୍ରତିବିମ୍ବ ମୁକୁରିକା ପଛପଟେ ଗଠିତ ହୁଏ । ନିକଟ ବସ୍ତୁ ସ୍ପଷ୍ଟ ଦେଖାଯାଏ ନାହିଁ ।

**ନିରାକରଣ :**

ଚକ୍ଷୁ ପରୀକ୍ଷା କରାଇ ଉପଯୁକ୍ତ ମାପର ଉତ୍ତଳ ଲେନ୍‌ସର ଚଷମା ପିନ୍ଧିଲେ ଏହି ଉତ୍ତଳ ଲେନ୍‌ସ ଓ ଚକ୍ଷୁ ଲେନ୍‌ସର ସମାହାରର ପାୱାର ଅଧିକ ହୁଏ ଏବଂ ଫୋକସ୍ ଦୂରତା କମିଯାଏ । ଫଳରେ ନିକଟ ବସ୍ତୁର ପ୍ରତିବିମ୍ବ ମୁକୁରିକାରେ ପଡ଼େ ଓ ବସ୍ତୁଟି ସ୍ପଷ୍ଟ ଦେଖାଯାଏ ।

Q.3 **ମାନବ ଚକ୍ଷୁର ଗଠନ ବର୍ଣ୍ଣନା କର ।**

ଉ : **ମାନବ ଚକ୍ଷୁର ଗଠନ :**

ମାନବ ଚକ୍ଷୁ ଏକ ଅତି ଆଲୋକ ସମ୍ବେଦନଶୀଳ ଇନ୍ଦ୍ରିୟ । ଏହାର ଗଠନ ଓ କାର୍ଯ୍ୟ ପ୍ରଣାଳୀ ଫଟୋ ଉଠା କ୍ୟାମେରାର କାର୍ଯ୍ୟକାରିତା ସହ ସମାନ । ମାନବ ଚକ୍ଷୁ ଗୋଲକ ଆକୃତି ବିଶିଷ୍ଟ । ଏହାର ସମ୍ମୁଖ ଭାଗ ସାମାନ୍ୟ ବାହାରକୁ ବାହାରି ଥାଏ । ଚକ୍ଷୁ ଗୋଲକର ବ୍ୟାସାର୍ଦ୍ଧ 2.3 ସେ.ମି । ଚକ୍ଷୁ ଗୋଲକର କେତେକ ଅଙ୍ଗ ସମ୍ପର୍କରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।




i. **ସ୍ୱଚ୍ଛପଟଳ :**

ଏହା ଚକ୍ଷୁ ଗୋଲକର ସମ୍ମୁଖ ଭାଗରେ ଆଗକୁ ଅଳ୍ପ ବାହାରି ଆସିଥାଏ । ଏହା ଏକ ପତଳା ସ୍ୱଚ୍ଛ ଝିଲ୍ଲୀ ହୋଇଥିବାରୁ ଏହା ମଧ୍ୟ ଦେଇ ଆଲୋକ ଚକ୍ଷୁ ମଧ୍ୟକୁ ପ୍ରବେଶ କରେ । ଚକ୍ଷୁ ମଧ୍ୟକୁ ପ୍ରବେଶ କରୁଥିବା ଅଧିକାଂଶ ରଶ୍ମି ସ୍ୱଚ୍ଛପଟଳର ବାହ୍ୟ ପୃଷ୍ଠରେ ପ୍ରତିସୃତ ହୁଏ ।

ii. **କନୀନିକା ଓ ନେତ୍ରପିତୁଳା :**

ସ୍ୱଚ୍ଛପଟଳ ପଛ ପଟେ ଥିବା ଅସ୍ୱଚ୍ଛ କଳା ମାଂସଳ ବସ୍ତୁକୁ କନୀନିକା କୁହାଯାଏ । ଏହାର କେନ୍ଦ୍ରରେ ଥିବା କ୍ଷୁଦ୍ର ରନ୍ଧ୍ରକୁ ନେତ୍ର ପିତୁଳା କୁହାଯାଏ । କନୀନିକା ନେତ୍ର ପିତୁଳାର ଆକାରକୁ ନିୟନ୍ତ୍ରଣ କରି ଚକ୍ଷୁ ମଧ୍ୟକୁ ଆବଶ୍ୟକ ପରିମାଣର ଆଲୋକ ପଠାଇଥାଏ ।

ଅଳ୍ପ ଆଲୋକର କନୀନିକା ନେତ୍ର ପିତୁଳାକୁ ପ୍ରସାରିତ କରି ଚକ୍ଷୁ ମଧ୍ୟକୁ ଅଧିକ ଆଲୋକ ପ୍ରବେଶ କରାଏ । ସେହିପରି ଉଜ୍ଜ୍ୱଳ ଆଲୋକରେ କନୀନିକା ନେତ୍ରପିତୁଳାକୁ ସଙ୍କୁଚିତ କରି ଚକ୍ଷୁ ମଧ୍ୟକୁ ପ୍ରବେଶ କରୁଥିବା ଆଲୋକର ପରିମାଣକୁ ହ୍ରାସ କରାଏ ।

iii. **ଚକ୍ଷୁ ଲେନ୍ସ :**

ଏହା ଏକ ଦ୍ୱିଉତ୍ତଳ ଲେନ୍ସ ଏବଂ ଏହା ଠିକ୍ କନୀନିକା ପଛକୁ ଥାଏ । ସିଲିଆରୀ ମାଂସପେଶୀ ଦ୍ୱାରା ଚକ୍ଷୁ ଲେନ୍ସର ବକ୍ରତା ବଦଳି ଫୋକସ୍ ଦୂରତାର ହ୍ରାସ ବୃଦ୍ଧି ଘଟିଥାଏ ।

iv. **ମୁକୁରିକା :**

ସ୍ୱଚ୍ଛପଟଳ ଓ ଚକ୍ଷୁ ଲେନ୍ସ ମଧ୍ୟରେ ଥିବା ଫାଙ୍କା ସ୍ଥାନରେ ସ୍ୱଚ୍ଛ ଜଳାଭରସ ଭରି ରହିଥାଏ । ଚକ୍ଷୁ ଲେନ୍ସ ଓ ମୁକୁରିକା ମଧ୍ୟରେ ଥିବା ଫାଙ୍କା ସ୍ଥାନରେ ଭରି ରହିଥିବା ଜେଲି ଭଳି ତରଳ ପଦାର୍ଥକୁ କାଚ-ଭରସ କୁହାଯାଏ ।

v. **ମୁକୁରିକା :**

ଏହା ଚକ୍ଷୁ ଗୋଲକର ଅଭ୍ୟନ୍ତରର ଶେଷଭାଗରେ ଥିବା ଏକ ସୂକ୍ଷ୍ମ ଆବରଣ । ଏଥିରେ ଅସଂଖ୍ୟ ଆଲୋକ ସମ୍ବେଦୀ କୋଷ ରହିଥାଏ ।

vi. ଆଲୋକ ମୁକୁରିକା ଉପରେ ପଡ଼ିଲେ ଆଲୋକ ସମ୍ବେଦୀ ସେଲ୍ ଗୁଡ଼ିକ କ୍ରିୟାଶୀଳ ହୋଇ ବିଦ୍ୟୁତ୍ ସଙ୍କେତ ପ୍ରେରଣ କରନ୍ତି । ଏହି ବିଦ୍ୟୁତ୍ ସଙ୍କେତ ନେତ୍ରସ୍ନାୟୁ ମାଧ୍ୟମରେ ମସ୍ତିଷ୍କକୁ ଯାଏ । ମସ୍ତିଷ୍କ ସୃଷ୍ଟି ହୋଇଥିବା ଓଲଟା ପ୍ରତିବିମ୍ବକୁ ସଳଖ କରି ବସ୍ତୁ ଯେପରି ଅଛି, ସେହିପରି ଧାରଣା ଦେବାରେ ସହାୟକ ହୁଏ ।

# ବିଦ୍ୟୁତ୍

**୧. ବିଦ୍ୟୁତ୍ କାହାର ଏକ ରୂପାନ୍ତର ?**

a. କାର୍ଯ୍ୟ b. ଶକ୍ତି c. ପାୱାର d. ପ୍ରତିରୋଧ

**୨. ବିଦ୍ୟୁତ୍ ସ୍ରୋତକୁ କାହା ଦ୍ୱାରା ଅଳ୍ପ ବହୁତ କରି ହୁଏ ?**

a. ଏମିଟର b. ଭୋଲ୍ଟମିଟର c. ରିଓଷ୍ଟାଟ୍ d. ଭୋଲଟାମିଟର

**୩. ପରିବାହୀରେ ବିଦ୍ୟୁତ୍ ଋର୍ଜ ପ୍ରବାହିତ ହେଲେ ତାକୁ କ'ଣ କୁହାଯାଏ ?**

a. ବିଦ୍ୟୁତ୍ ସ୍ରୋତ b. ବିଦ୍ୟୁତ୍ ବିଭବ ପାର୍ଥକ୍ୟ c. ବିଦ୍ୟୁତ୍ ପ୍ରତିରୋଧିତା d. ପ୍ରତିରୋଧ

**୪. ଟର୍ଚ୍ଚରେ ବ୍ୟାଟେରୀକୁ ନିର୍ଦ୍ଦିଷ୍ଟ କ୍ରମରେ ରଖି ବଲ୍ବ ଜଳାଇଲେ ବ୍ୟାଟେରୀ ଓ ବଲ୍ବ ମଧ୍ୟରେ କିଏ ସଂଯୋଜକ ଭାବେ କାର୍ଯ୍ୟ କରେ ?**

a. ବ୍ୟାଟେରୀ b. ବଲ୍ବ c. ସ୍ୱିଚ୍ d. କହିହେବ ନାହିଁ

**୫. ଏକକ ନିର୍ଦ୍ଦିଷ୍ଟ କ୍ଷେତ୍ର ଫଳ ମଧ୍ୟରେ ଏକକ ସମୟରେ ପ୍ରବାହିତ ହେଉଥିବା ବିଦ୍ୟୁତ୍ ଋର୍ଜର ପରିମାଣରକୁ କ'ଣ କୁହାଯାଏ ?**

a. ବିଦ୍ୟୁତ୍ ବିଭବ ପାର୍ଥକ୍ୟ b. ବିଦ୍ୟୁତ୍ ସ୍ରୋତ c. ବିଦ୍ୟୁତ୍ ପ୍ରତିରୋଧ d. ବିଦ୍ୟୁତ୍ ପାୱାର

**୬. ଧାତବ ତାର ବିଶିଷ୍ଟ ପିରପଥରେ କିଏ ଋର୍ଜ ରୂପେ ପ୍ରବାହିତ ହୁଏ ?**

a. ଇଲେକ୍ଟ୍ରନ୍ b. ପ୍ରୋଟନ୍ c. ନ୍ୟୁଟ୍ରନ୍ d. ନ୍ୟୁକ୍ଲିୟସ୍

**୭. ଏକ ଇଲେକ୍ଟ୍ରନ୍ର ଋର୍ଜର ପରିମାଣ କେତେ ?**

a. $6.023X10^{23}C$ b. $6.02X10^{-19}C$ c. $1.6X10^{-19}C$ d. $1.6X10^{23}C$

**୮. ଋର୍ଜର ଆନ୍ତର୍ଜାତୀୟ ମାନକ (SI) ଏକକ କ'ଣ ?**

a. ଏମ୍ପିୟର b. କୁଲମ୍ c. ଓମ୍ d. ଜୁଲ୍

୯. ବିଦ୍ୟୁତ୍ ସ୍ରୋତର ଆନ୍ତର୍ଜାତୀୟ ମାନକ (SI) ଏକକ କ'ଣ ?

a. ଭୋଲ୍ଟ b. କୁଲମ୍ c. ଜୁଲ୍ d. ଏମ୍ପିୟର

୧୦. ଇଲେକ୍ଟ୍ରନ୍ ପ୍ରବାହର ଦିଗ ସହ ବିଦ୍ୟୁତ୍ ସ୍ରୋତର ଦିଗର କ'ଣ ସମ୍ପର୍କ ଅଛି ?

a. ସମାନ b. ବିପରୀତ c. ଉର୍ଦ୍ଧ୍ୱକୁ d. ତଳକୁ

୧୧. ବିଦ୍ୟୁତ୍ ସ୍ରୋତ ମାପିବା ପାଇଁ କେଉଁ ଉପକରଣ ବ୍ୟବହାର କରାଯାଏ ?

a. ରିଓଷ୍ଟାଟ୍ b. ଭୋଲ୍ଟମିଟର c. ଗାଲଭାନୋମିଟର d. ଏମିଟର

୧୨. ଏମିଟିରକୁ ପରିପଥରେ କିପରି ସଂଯୋଗ କରାଯାଏ ?

a. ପଙ୍କ୍ତି b. ସମାନ୍ତର c. ଉଭୟ a ଓ b d. କହିହେବ ନାହିଁ

୧୩. କେତୋଟି ଇଲେକ୍ଟ୍ରନ୍‌ର ସମୁଦାୟ ଚାର୍ଜର ପରିମାଣ ସହ ସମାନ ?

a. $6.023X10^{23}$ b. $6.25X10^{18}$ c. $1.6X10^{19}$ d. $9.8X10^{23}$

୧୪. **I mA** କେତେ ଏମ୍ପିୟର ସହ ସମାନ ?

a. $10^{-3}$ b. $10^{3}$ c. $10^{-6}$ d. $10^{6}$

୧୫. **I mA** = କେତେ ଏମ୍ପିୟର ?

a. $10^{-3}$ b. $10^{3}$ c. $10^{-6}$ d. $10^{6}$

୧୬. ପରିବାହୀରେ ବିଦ୍ୟୁତ୍ ଚାପର ପାର୍ଥକ୍ୟ ରହିଲେ କାହାର ପ୍ରବାହ ଘଟେ ?

a. ଇଲେକ୍ଟ୍ରନ୍ b. ପ୍ରୋଟନ୍ c. ନ୍ୟୁଟ୍ରନ୍ d. ନ୍ୟୁକ୍ଲିୟସ୍

୧୭. ବିଦ୍ୟୁତ୍ ଚାପର ପାର୍ଥକ୍ୟକୁ କ'ଣ କୁହାଯାଏ ?

a. ବିଦ୍ୟୁତ୍ ସ୍ରୋତ b. ବିଦ୍ୟୁତ୍ ପ୍ରତିରୋଧ c. ବିଶିଷ୍ଟ ପ୍ରତିରୋଧିତା d. ବିଭବାନ୍ତର

୧୮. ସେଲ୍ ମଧ୍ୟରେ ହେଉଥିବା ରାସାୟନିକ ପ୍ରକ୍ରିୟା ସେଲ୍‌ର ଦୁଇ ଅଗ୍ର ମଧ୍ୟରେ କ'ଣ ସୃଷ୍ଟି କରେ ?

a. ବିଭବାନ୍ତର b. ପ୍ରତିରୋଧ c. ପ୍ରତିରୋଧିତା d. ଚାର୍ଜ

୧୯. ବିଭବାନ୍ତରର SI ଏକକ କ'ଣ ?

a. ଭୋଲ୍ଟ b. ଏମ୍ପିୟର c. ଓମ୍ d. କୁଲମ୍

୨୦. ବିଭବାନ୍ତର ମାପିବା ପାଇଁ କେଉଁ ଉପକରଣ ବ୍ୟବହାର କରାଯାଏ ?

a. ଏମିଟର b. ରିଓଷ୍ଟାଟ୍ c. ବିଦ୍ୟୁତ୍ ବଲ୍‌ବ d. ଭୋଲଟ ମିଟର

୨୧. ପରିପଥର ଯେଉଁ ଦୁଇଟି ବିନ୍ଦୁର ବିଭବାନ୍ତର ମପାଯାଏ, ସେଠାରେ ଭୋଲ୍ଟମିଟରର କିପରି ସଂଯୋଗ ହୋଇଥାଏ ?

a. ସମାନ୍ତର b. ପଙ୍କ୍ତି c. ଉଭୟର a ଓ b d. କେଉଁଟି ନୁହେଁ

୨୨. ନିମ୍ନସ୍ଥ ମଧ୍ୟରୁ କେଉଁଟି ବ୍ୟାଟେରୀର ସଙ୍କେତ ?

a. –( )– b. –( . )– c. –|¦– d. –|¦–|¦–|¦–

୨୩. ଗୋଟିଏ ବିଦ୍ୟୁତ୍ ସଂଯୋଗ ପାଇଁ ନିର୍ଦ୍ଧାରିତ ଚିତ୍ରଟିଏ ଆଙ୍କି ସେଥିରେ ବିଭିନ୍ନ ଉପକରଣକୁ ସଙ୍କେତ ଦ୍ୱାରା ଚିହ୍ନିତ ଚିତ୍ରକୁ କ'ଣ କୁହାଯାଏ ?

a. ରଶ୍ମି ଚିତ୍ର b. ପରିପଥ ଚିତ୍ର c. ସୂଚନା ଚିତ୍ର d. ସିଦ୍ଧାନ୍ତ ଚିତ୍ର

୨୪. ନିକ୍ରୋମ୍ କାହାର ଏଲୟ ବା ମିଶ୍ରଧାତୁ ?

a. Ni ଓ Ca b. Ni, Cr ଓ Mn c. Ni, Cr, Mn ଓ Fe d. Mi ଓ Fe

୨୫. ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ଥିବା କୌଣସି ଏକ ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ବିଭବାନ୍ତର ପରିବାହୀରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ ସହ ସମାନୁପାତୀ, ଏହା କେଉଁ ନିୟମ ?

a. ମହାକର୍ଷଣ b. ବଳ c. ଗତି d. ଓମ୍

୨୬. କୌଣସି ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ଥିବା ବିଭବାନ୍ତ IV ଓ ସେଥିରେ **IA** ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେଲେ, ପରିବାହୀର ପ୍ରତିରୋଧ କେତେ ହେବ ?

a. 1 Ω b. 2 Ω c. 3Ω d. 4Ω

୨୭. ବିଭବାନ୍ତର କୁ ସ୍ଥିର ରଖି ପ୍ରତିରୋଧକୁ ଦୁଇଗୁଣ କଲେ ବିଦ୍ୟୁତ୍ ପ୍ରବାହ କ'ଣ ହେବ ?

a. 2 ଗୁଣ b. ଅଧା c. ଶୂନ d. ଅପିବର୍ତ୍ତିତ

୨୮. ମିଶ୍ରଧାତୁ ଗୁଡ଼ିକ ଉଚ୍ଚତାପମାତ୍ରାରେ ସହଜରେ ହୁଅନ୍ତି ନାହିଁ ବୋଲି ସେମାନଙ୍କୁ ବିଦ୍ୟୁତ୍ ତାପନ ସାମଗ୍ରୀରେ ବ୍ୟବହାର କରାଯାଏ ।

a. ବିଜାରିତ b. ଜାରିତ c. ମିଶ୍ରିତ d. କହିହେବ ନାହିଁ

୨୯. ଯେଉଁ ପଦାର୍ଥ ଖୁବ୍ କମ୍ ପରିମାଣର ପ୍ରତିରୋଧ ଦିଏ, ତାକୁ କ'ଣ କୁହାଯାଏ ?

a. କୁପରିବାହୀ b. ବିଦ୍ୟୁତ୍‌ରୋଧୀ c. ପ୍ରତିରୋଧୀ d. ସୁପରିବାହୀ

୩୦. ଯେଉଁ ପଦାର୍ଥ ଅଳ୍ପ କିଛି ପରିମାଣର ପ୍ରତିରୋଧ ଦିଏ, ତାକୁ କ'ଣ କୁହାଯାଏ ?

a. କୁପରିବାହୀ b. ବିଦ୍ୟୁତ୍‌ରୋଧୀ c. ପ୍ରତିରୋଧୀ d. ସୁପରିବାହୀ

୩୧. ଅଧିକ ପରିମାଣର ପ୍ରତିରୋଧ ଦେଖାଉଥିବା ପଦାର୍ଥକୁ କ'ଣ କୁହାଯାଏ ?

a. କୁପରିବାହୀ b. ବିଦ୍ୟୁତ୍‌ରୋଧୀ c. ପ୍ରତିରୋଧୀ d. ସୁପରିବାହୀ

୩୨. ପ୍ରତିରୋଧ ବହୁତ ବେଶୀ ହେଲେ ପଦାର୍ଥଟି କ'ଣ ବୋଲି କୁହାଯାଏ ?

a. କୁପରିବାହୀ b. ବିଦ୍ୟୁତ୍‌ରୋଧୀ c. ପ୍ରତିରୋଧୀ d. ସୁପରିବାହୀ

୩୩. ଗୋଟିଏ ପରିବାହୀର ମୋଟେଇ ପୂର୍ବ ପରିବାହୀର ମୋଟେଇ ସହ ସମାନ ଓ ଦୈର୍ଘ୍ୟ ପୂର୍ବ ପରିବାହୀ ତୁଳନାରେ ୨ ଗୁଣ ହେଲେ ଏମିଟର ପାଠ୍ୟାଙ୍କ କ'ଣ ହେବ ?

a. ଅଧିକ b. କମ୍ c. ସମାନ d. କହିହେବ ନାହିଁ

୩୪. ପରିପଥରେ ସମାନ ଦୈର୍ଘ୍ୟ ଓ ସମାନ ମୋଟେଇର ନିକ୍ରୋମ୍ ପରିବାହୀ ବଦଳରେ ତମ୍ବା ପରିବାହୀର ପ୍ରତିରୋଧ କ'ଣ ହେବ ?

a. କମ୍ b. ଅଧିକ c. ସମାନ d. କହିହେବ ନାହିଁ

୩୫. ମିଶ୍ର ଧାତୁର ପ୍ରତିରୋଧିତା, ମୂଳ ଧାତୁ ଗୁଡ଼ିକର ପ୍ରତିରୋଧିତା ଠାରୁ ________

a. କମ୍ b. ଅଧିକ c. ସମାନ d. କହିହେବ ନାହିଁ

୩୬. ବିଦ୍ୟୁତ୍ ବଲ୍‌ବରେ ସୂତ୍ର ରୂପେ ସାଧାରଣତଃ କେଉଁ ଧାତୁ ବ୍ୟବହାର କରାଯାଏ ?

a. ରୂପା b. ତମ୍ବା c. ଟଙ୍ଗଷ୍ଟନ୍ d. ଏଲୁମିନିୟମ୍

୩୭. ପ୍ରତିରୋଧ କେଉଁ କାରକ ଉପରେ ନିର୍ଭରଶୀଳ ?

a. ପରିବାହୀର ଦୈର୍ଘ୍ୟ b. ପରିବାହୀର ପ୍ରସ୍ଥଚ୍ଛେଦ c. ପରିବାହୀ ପ୍ରସ୍ତୁତ ପଦାର୍ଥର ପ୍ରକୃତି d. ସମସ୍ତ

୩୮. ପ୍ରତିରୋଧିତା ବା ବିଶିଷ୍ଟ ପ୍ରତିରୋଧର ଏକକ କ'ଣ ?

a. Ω b. Ω ବ.ମି. c. Ω ସେ.ମି. d. Ω ମି.

୩୯. ବିଦ୍ୟୁତ୍ ଟୋଷ୍ଟର ଓ ବିଦ୍ୟୁତ୍ ଇସ୍ତ୍ରୀର କୁଣ୍ଡଳୀ ଗୁଡ଼ିକ କେଉଁଥିରୁ ତିଆରି ?

a. ଧାତୁ  b. ଉପଧାତୁ  c. ଅଧାତୁ  d. ମିଶ୍ରଧାତୁ

୪୦. ଗୋଟିଏ ବସ୍ତୁରୁ ତିଆରି ଖଣ୍ଡିଏ ମୋଟା ତାର ଓ ଖଣ୍ଡିଏ ସରୁ ତାର ଅଲଗା ଅଲଗା ଭାବେ ବିଦ୍ୟୁତ୍ ସଂଯୋଗ କଲେ କେଉଁ ତାର ରେ ବିଦ୍ୟୁତ୍ ପ୍ରବାହ ବେଶୀ ହେବ ?

a. ମୋଟା  b. ସରୁ  c. ଉଭୟ  d. କହିହେବ ନାହିଁ

୪୧. ଗୋଟିଏ ପ୍ରତିରୋଧର ଏକ ପ୍ରାନ୍ତ ଓ ତାର ପାଖ ପ୍ରତିରୋଧର ଏକ ପ୍ରାନ୍ତ ସହ ସଂଯୋଗକୁ କେଉଁ ସଂଯୋଗ କୁହାଯାଏ ?

a. ପଙ୍‌କ୍ତି  b. ସମାନ୍ତର  c. ମିଶ୍ରିତ  d. କହିହେବ ନାହିଁ

୪୨. ସବୁ ପ୍ରତିରୋଧର ଗୋଟିଏ ପ୍ରାନ୍ତକୁ ଏକାଠି ଓ ଅନ୍ୟ ପ୍ରାନ୍ତକୁ ଏକାଠି କରି ଦୁଇ ବିଦ୍ୟୁତ୍ ଅଗ୍ରରେ ସଂଯୋଗ କରାଗଲେ ତାହାକୁ କ'ଣ କୁହାଯାଏ ?

a. ପଙ୍‌କ୍ତି  b. ସମାନ୍ତର  c. ମିଶ୍ରିତ  d. କହିହେବ ନାହିଁ

୪୩. ଉତ୍ସବ ପାଳନ ବେଳେ ରଙ୍ଗୀନ୍ ବଲ୍‌ବ ଗୁଡ଼ିକୁ କେଉଁ ସଂଯୋଗରେ ସଂଯୁକ୍ତ କରାଯାଏ ?

a. ସମାନ୍ତର  b. ପଙ୍‌କ୍ତି  c. ମିଶ୍ରିତ  d. କହିହେବ ନାହିଁ

୪୪. ଘରେ ବ୍ୟବହୃତ ବୈଦ୍ୟୁତିକ ସାମଗ୍ରୀକୁ ବିଦ୍ୟୁତ୍ ଲାଇନ୍ ସହ କେଉଁ ସଂଯୋଗ କରାଯାଏ ?

a. ସମାନ୍ତର  b. ପଙ୍‌କ୍ତି  c. ମିଶ୍ରିତ  d. କହିହେବ ନାହିଁ

୪୫. ତିନୋଟି ପରିବାହୀ $1\Omega$, $2\Omega$, $3\Omega$ ଓ $5\Omega$ କୁ ପଙ୍‌କ୍ତି ସଂଯୋଗ କରାଗଲେ ପ୍ରତିରୋଧ କେତେ ହେବ ?

a. $6\Omega$  b. $1\Omega$  c. $0\Omega$  d. $\frac{6}{11}\Omega$

୪୬. ନିମ୍ନୋକ୍ତ କେଉଁ ସମୀକରଣଟିକୁ ଜୁଲ୍‌ଙ୍କ ତାପନ ନିୟମ କୁହାଯାଏ ?

a. $\frac{9}{15}\Omega$  b. $\frac{15}{9}\Omega$  c. $9\Omega$  d. $15\Omega$

୪୭. ନିମ୍ନୋକ୍ତ କେଉଁ ସମୀକରଣଟିକୁ ଜୁଲ୍‌ଙ୍କ ତାପନ ନିୟମ କୁହାଯାଏ ?

a. $H = VIt$  b. $H = Pt$  c. $H = VQ$  d. $H = 1^2RT$

୪୮. ନିମ୍ନୋକ୍ତ ମଧ୍ୟରୁ କେଉଁଟି ବିଦ୍ୟୁତ୍ ପାୱାର ସୂଚାଏ ନାହିଁ ?

a. $1^2 R$  b. VI  c. $\frac{V^2}{R}$  d. $V^2R$

୪୯. 1 Kwh = ..................J

a. $3.6X10^6$  b. $36.6X10^6$  c. $36X10^6$  d. $0.36X10^6$

୫୦. ପ୍ରତିରୋଧ **R** = ____ $\times \frac{\ell}{A}$

a. $\Omega$  b. $\gamma$  c. $\alpha$  d. $\rho$

## ANSWER

| | | | | | | |
|---|---|---|---|---|---|---|
| 1.b | 2.c | 3.a | 4.c | 5.b | 6.a | 7.c |
| 8.b | 9.d | 10.b | 11.d | 12.a | 13.b | 14.a |
| 15.c | 16.a | 17.d | 18.a | 19.a | 20.d | 21.a |
| 22.d | 23.b | 24.c | 25.d | 26.a | 27.b | 28.b |
| 29.d | 30.c | 31.a | 32.b | 33.b | 34.a | 35.b |
| 36.c | 37.d | 38.d | 39.d | 40.a | 41.a | 42.b |
| 43.b | 44.a | 45.d | 46.c | 47.d | 48.d | 49.a |
| 50.d | | | | | | |

# ବିଦ୍ୟୁତ୍

**୨ ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର**

**୧. 'R' ପ୍ରତିରୋଧ ବିଶିଷ୍ଟ ଗୋଟିଏ ଧାତବ ପରିବାହୀର ଦୈର୍ଘ୍ୟ ଓ ପ୍ରସ୍ଥ ଛେଦର କ୍ଷେତ୍ରଫଳ ଉଭୟଙ୍କୁ ଦୁଇଗୁଣ କଲେ ପ୍ରତିରୋଧ କେତେ ହେବ କଳନାକର ।**

ଉ : ତାରର ଦୈର୍ଘ୍ୟ L ଓ ପ୍ରସ୍ଥଛେଦର କ୍ଷେତ୍ରଫଳ A ହେଲେ ।

$R = \rho = \frac{l}{A}$

ଯଦି $l$ ଦୁଇଗୁଣ ହୁଏ, ଓ A ମଧ୍ୟ 2 ଗୁଣ ହୁଏ ।

ତେଣୁ $R^1 = \rho = \frac{2l}{2A} = \rho = \frac{l}{A} = R$

**୨. ଭୋଲଟିମିଟରକୁ ଫଙ୍କ୍ତି ସଂଯୋଗ କରାଯାଏ ନାହିଁ କାହିଁକି ?**

i. ଭୋଲଟ ମିଟରର ବିଦ୍ୟୁତ୍ ପ୍ରତିରୋଧ ବହୁତ ଅଧିକ । ଏହାକୁ ପଙ୍କ୍ତିରେ ସଂଯୋଗ କଲେ ପରିପଥର ପ୍ରତିରୋଧ ସହ ଏହାର ପ୍ରତିରୋଧ ମିଶିଯିବ ।

ii. ଏହା ଯୋଗୁଁ ମୋଟ ପ୍ରତିରୋଧ ବୃଦ୍ଧି ପାଇବ ଏବଂ ପରିପଥରେ ଏବଂ ଭୋଲଟମିଟର ବିଦ୍ୟୁତ୍ ସ୍ରୋତର ପରିମାଣ କମିଯିବା ଏହି କରଣରୁ ଭୋଲଟମିଟର ସଠିକ୍ ଭାବେ ବିଦ୍ୟୁତ୍ ବିଭବାନ୍ତର ମାପି ପାରିବ ନାହିଁ ।

**୩. ଏମିଟରକୁ ପରିପଥରେ ସମାନ୍ତରାଳ ସଂଯୋଗ କରାଯାଏ ନାହିଁ କାହିଁକି ?**

i. ଏମିଟରର ବିଦ୍ୟୁତ୍ ପ୍ରତିରୋଧ ବହୁତ କମ୍ । ଏହାକୁ ସମାନ୍ତର ସଂଯୋଗ କଲେ ଏମିଟରରେ ଅଧିକ ବିଦ୍ୟୁତ୍ ପ୍ରବାହ ହେବ ଓ ଏମିଟରଟି ପୋଡ଼ି ଯିବାର ସମ୍ଭାବନା ଥାଏ ।

ii. ଏହା ବ୍ୟତୀତ ସମାନ୍ତର ସଂଯୋଗରେ ଥିବା ଉପକରଣ ଗୁଡ଼ିକରେ ଭିନ୍ନ ଭିନ୍ନ ବିଦ୍ୟୁତ୍ ପ୍ରବାହ ହେଉଥିବାରୁ ସମ୍ପୂର୍ଣ୍ଣ ପରିପଥରେ ପ୍ରବାହିତ ବିଦ୍ୟୁତ୍ - ସ୍ରୋତର ପରିମାଣକୁ ଏମିଟର ମାପି ପାରିବ ନାହିଁ ।

**୪. ବିଦ୍ୟୁତ୍ ପରିପଥ କାହାକୁ କୁହନ୍ତି ? ପରିପଥରେ ସ୍ୱିଚ୍‌ର କାମ କ'ଣ ?**

i. ଏକ ମୁଦିତ ଅବିଚ୍ଛିନ୍ନ ବିଦ୍ୟୁତ୍ ପ୍ରବାହ ପଥକୁ ବିଦ୍ୟୁତ୍ ପରିପଥ କୁହାଯାଏ ।

ii. ଏକ ପରିପଥରେ ବ୍ୟାଟେରୀ ଏବଂ ବିଭିନ୍ନ ବୈଦ୍ୟୁତିକ ଉପକରଣ ଗୁଡ଼ିକ ମଧ୍ୟରେ ପରିବାହୀ ସଂଯୋଜକ ରୂପେ କାର୍ଯ୍ୟ କରେ ।

୫. 


**ଦତ୍ତ ପରିପଥରେ ମଧ୍ୟରେ ସମତୁଲ୍ୟ ପ୍ରତିରୋଧ ନିର୍ଣ୍ଣୟ କର ।**

ଉ : i. ଏଠାରେ ୩ ପ୍ରତିରୋଧ ଗୁଡ଼ିକର ପଙ୍କ୍ତି ସଂଯୋଗ ହୋଇଛି । ଏମାନଙ୍କର ସମତୁଲ ପ୍ରତିରୋଧ $R_1 = 9\Omega + 7\Omega + 8\Omega = 24\Omega$

ii. ପୁନଶ୍ଚ $R_1$ ସହ 6Ω ର ପ୍ରତିରୋଧ ସମାନ୍ତର ସଂଯୁକ୍ତ ହୋଇଛି, ତେଣୁ ସମତୁଲ୍ୟ ପ୍ରତିଯୋଧ R ହେଲେ ।

$$\frac{1}{R} = \frac{1}{24} + \frac{1}{6} = \frac{1+4}{24} = \frac{5}{24}$$

$$\Rightarrow R = \frac{24}{5} = 4.8\Omega$$

**୬. ବିଦ୍ୟୁତ୍ ସ୍ରୋତ କ'ଣ ? ଏହାର ଏକକ ଗୁଡ଼ିକ ଲେଖ ।**

i. ଏକ ପରିପଥରେ ଏକକ ସମୟରେ ପ୍ରବାହିତ ଚର୍ଜର ପରିମାଣକୁ ବିଦ୍ୟୁତ୍ ସ୍ରୋତ କୁହାଯାଏ ।

ସମୟରେ ଏକ ପରିପଥରେ କୁଲମ୍ ଚର୍ଜ ପ୍ରବାହିତ ହେଲେ ବିଦ୍ୟୁତ୍ ସ୍ରୋତ $I = \frac{Q}{t}$

ii. ଏହାର S.I ଏକକ କୁଲମ୍ / ସେକେଣ୍ଡ ବା ଏମ୍ପିୟର, ଏହା ଛଡ଼ା ବିଦ୍ୟୁତ ସ୍ରୋତକୁ ମଧ୍ୟ ମିଲିଏମ୍ପିୟର (mA) କିମ୍ବା ମାଇକ୍ରୋଏମ୍ପିୟର (μA) ରେ ମପାଯାଏ ।

**୭. ବିଦ୍ୟୁତ୍ ପାୱାର କ'ଣ ? ବିଦ୍ୟୁତ୍ ପାୱାର ନିର୍ଣ୍ଣୟ ପାଇଁ ବ୍ୟବହୃତ ବ୍ୟଞ୍ଜକ ଗୁଡ଼ିକ ଲେଖ ।**

i. ବିଦ୍ୟୁତ୍ ଶକ୍ତି ଯେଉଁ ହାରରେ ପରିପଥରେ ଖର୍ଚ୍ଚ ହୁଏ ତାହାକୁ ପାୱାର 'P' କୁହାଯାଏ ।

ii. ଏଥିପାଇଁ ଉଦ୍ଦିଷ୍ଟ ସୂତ୍ର ଗୁଡ଼ିକ ହେଲା -

$$P = VI = I^2R = \frac{V^2}{R}$$

**୮. ବିଦ୍ୟୁତ ଟୋଷ୍ଟର, ଇସ୍ତି ଆଦି ଉପକରଣରେ ଶୁଦ୍ଧ ଧାତୁ ବଦଳରେ ମିଶ୍ର ଧାତୁ ବ୍ୟବହାର କରାଯାଏ କାହିଁକି ?**

i. ପାଉଁରୁଟି ଟୋଷ୍ଟର ଓ ଇସ୍ତିରେ ତାପ ଉତ୍ପନ୍ନ କରିବା ପାଇଁ ସେଥିରେ ବ୍ୟବହୃତ ତାର କୁଣ୍ଡଳୀର ପ୍ରତିରୋଧିତା ବୃଦ୍ଧି କରିବା ଆବଶ୍ୟକ ।

ii. ଶୁଦ୍ଧ ଧାତୁ ଅପେକ୍ଷା ମିଶ୍ରଧାତୁ ଗୁଡ଼ିକର ପ୍ରତିରୋଧିତା ଅଧିକ ହେତୁ ସେଗୁଡ଼ିକୁ ପାଉଁରୁଟି ଟୋଷ୍ଟର ଓ ଇସ୍ତି ଭଳି ବିଦ୍ୟୁତ୍ ତାପନ ସାମଗ୍ରୀରେ ବ୍ୟବହାର କରାଯାଏ ।

**୯. କେତୋଟି ଇଲେକ୍ଟ୍ରନର ଚର୍ଜ କୁଲମ୍ ହେବ ନିର୍ଣ୍ଣୟ କର ।**

$1.6 \times 10^{-9}$ C = ଗୋଟିଏ ଇଲେକ୍ଟ୍ରନର ଚର୍ଜ

$1C = \frac{1}{16 \times 10^{-19}}$ ଟି ଇଲେକଟ୍ରନର ଚର୍ଜ

$= 6.25 \times 10^{18}$ ଟି ଇଲେକ୍ଟ୍ରନର ଚର୍ଜ

**୧୦. ବୈଦ୍ୟୁତିକ ତାପନର ବ୍ୟଞ୍ଜକଟି ଲେଖ । ଏହା କେଉଁ ସବୁ କାରକ ଉପରେ ନିର୍ଭର କରେ ।**

i. ବୈଦ୍ୟୁତିକ ତାପନ ପାଇଁ ବ୍ୟଞ୍ଜକଟି ହେଲା $H = I^2Rt$

ii. ବୈଦ୍ୟୁତିକ ତାପନ ନିମ୍ନକାରକ ଗୁଡ଼ିକ ଉପରେ ନିର୍ଭର କରେ

a. ବିଦ୍ୟୁତ୍ ସ୍ରୋତର ବର୍ଗ

b. ବିଦ୍ୟୁତ୍ ପ୍ରତିରୋଧ

c. ବିଦ୍ୟୁତ୍ ପ୍ରବାହର ସମୟ

**୧୧. ବୈଦ୍ୟୁତିକ ପାୱାର କହିଲେ କ'ଣ ବୁଝ ? ଏହାର SI ଏକକ କ'ଣ ?**

ଉ : ବିଦ୍ୟୁତ୍ ଶକ୍ତି ଯେଉଁ ହାରରେ ବ୍ୟୟ କରାଯାଏ ତାହାକୁ ପାୱାର କୁହାଯାଏ । ଏହାର SI ଏକକ ୱାଟ (W) ।

**୧୨. ଏକ ପରିପଥରେ 8 ସେକେଣ୍ଡ ରେ 20 କୁଲମ୍ ଚାର୍ଜ ପ୍ରାବହିତ ହେଲେ ବିଦ୍ୟୁତ୍ ସ୍ରୋତର ପରିମାଣ କେତେ ?**

ଉ : ଏଠାରେ ଚାର୍ଜ Q = 20C, ସମୟ ସେକେଣ୍ଡ t = 8 ସେକେଣ୍ଡ

ବିଦ୍ୟୁତ୍ ସ୍ରୋତର ପରିମାଣ $I = \frac{Q}{t} = \frac{20}{8} = 2.5\ A$

**୧୩. r ପ୍ରତିରୋଧ ବିଶିଷ୍ଟ n ଖଣ୍ଡ ପ୍ରତିରୋଧଙ୍କୁ ପ୍ରଥମେ ସମାନ୍ତର ଓ ପରେ ପଙ୍କ୍ତି ସଂଯୋଗ କଲେ ସମତୁଲ୍ୟ ପ୍ରତିରୋଧର ଅନୁପାତ କେତେ ହେବ ।**

ଉ : n ଟି ପ୍ରତିରୋଧ କୁ ସମାନ୍ତର ସଂଯୋଗ କଲେ ସମତୁଲ୍ୟ ପ୍ରତି ରୋଧ $R_p$ ହେଲେ, $\frac{1}{R_p} = \frac{n}{r} = R_P = \frac{r}{n}$

n ଟି ପ୍ରତିରୋଧକୁ ପଙ୍କ୍ତି ସଂଯୋଗ କଲେ ସମତୁଲ୍ୟ ପ୍ରତିଯୋଧ $R_S$ ପାଇଁ $Rs = nr$

ଅନୁପାତ = $\frac{R_P}{R_S} = \frac{\frac{r}{n}}{nr} = \frac{r}{n} \times \frac{1}{nr} = \frac{1}{n^2}$

**୧୪. 90Ω ଏକ ପ୍ରତିରୋଧକୁ ତିନି ସମାନ ଭାଗ କରି ସମସ୍ତଙ୍କୁ ସମାନ୍ତରାଳ ସଂଯୋଗ କଲେ ସମୂହ ପ୍ରତିରୋଧ କେତେ ହେବ ?**

ଉ : 30Ωର ଏକ ପ୍ରତିରୋଧକୁ ତିନି ସମାନ ଭାଗ କଲେ ପ୍ରତ୍ୟେକର ପ୍ରତିରୋଧ $= \frac{1}{R} = \frac{1}{30} + \frac{1}{30} + \frac{1}{30}$

$= \frac{1+1+1}{30} = \frac{3}{30} = \frac{1}{10}$

$\frac{1}{R} = \frac{1}{10} \Rightarrow \frac{3}{30} = \frac{1}{10}$

$\frac{1}{R} = \frac{1}{10} \Rightarrow R = 10\Omega$

ତିନୋଟି ପ୍ରତିରୋଧକୁ ସମାନ୍ତରାଳ ସଂଯୋଗର ସମୂହ ପ୍ରତିରୋଧ ।

**୧୫. $\frac{1}{4}$ ବିଶିଷ୍ଟ 4ଟି ପ୍ରତିରୋଧକୁ ସମାନ୍ତର ସଂଯୋଗ କଲେ ସମତୁଲ୍ୟ ପ୍ରତିରୋଧ କେତେ ହେବ ନିର୍ଣ୍ଣୟ କର ।**

ଏଠାରେ $R_1 = R_2 = R_3 = R_4 = \frac{1}{4}$

∴ ସମତୁଲ୍ୟ ପ୍ରତିରୋଧ 'R' ହେଲେ, $\frac{1}{R}=\frac{1}{R_1}+\frac{1}{R_2}+\frac{1}{R_3}+\frac{1}{R_4}$

**୧୬. 200V ଲାଇନ୍‌ରେ ର କେତୋଟି ପ୍ରତିରୋଧକୁ ସମାନ୍ତର ସଂଯୋଗ କଲେ ତାହା ଲାଇନ୍‌କୁ 5A ବିଦ୍ୟୁତ୍ ପ୍ରବାହ ହେବ ?**

ଉ : ଏଠାରେ V = 200V

I = 5A

ସମୂହ ବିଦ୍ୟୁତ୍ ପ୍ରତିରୋଧ $R=\frac{A}{I}=\frac{\mathbf{4}}{4}=\mathbf{4}\ \Omega$

ମନେ କରାଯାଉ n ଟି ପ୍ରତିରୋଧ ବ୍ୟବହାର କରାଯିବ

ଏଠାରେ $\frac{n}{88}=\frac{1}{44}\Rightarrow n=\frac{88}{44}=2$ ଟି ।

**୧୭. ଏକ ପରିପଥରେ ସ୍ୱିଚ୍ କି କାର୍ଯ୍ୟ କରେ ?**

ଉ : ଏକ ପରିପଥରେ ସ୍ୱିଚ୍ ବ୍ୟାଟେରୀ । ବିଦ୍ୟୁତ୍ ଉତ୍ସ ଓ ବିଭିନ୍ନ ବିଦ୍ୟୁତ୍ ଉପକରଣ ମଧ୍ୟରେ ସଂଯୋଜକ ଭଳି କାର୍ଯ୍ୟ କରେ ।

**୧୮. ବିଦ୍ୟୁତ୍ ପ୍ରବାହର ଦିଗ କିପରି ନିର୍ଣ୍ଣୟ କରାଯାଏ ?**

ଉ : ଯୁକ୍ତ ଚାର୍ଜର ପ୍ରବାହର ଦିଗକୁ ଇଲେକ୍ଟ୍ରନ ପ୍ରବାହର ବିପରୀତ ବିଦ୍ୟୁତ୍ ପ୍ରବାହର ଦିଗ ବୋଲି ଗ୍ରହଣ କରାଯାଏ ।

**୧୯. ବିଦ୍ୟୁତ୍ ପ୍ରବାହ ଦ୍ୱାରା ପ୍ରଦତ୍ତ ଶକ୍ତିର ହାର କେଉଁ କାରକ ଉପରେ ନିର୍ଭର କରେ ।**

ଉ : ବିଦ୍ୟୁତ୍ ପ୍ରବାହ ଦ୍ୱାରା ପ୍ରଦତ୍ତ ଶକ୍ତିର ହାର ବିଦ୍ୟୁତ୍ ବିଭବାନ୍ତର (V), ବିଦ୍ୟୁତ୍ ସ୍ରୋତ (I), ଏବଂ ବିଦ୍ୟୁତ ପ୍ରତିରୋଧ R ଉପରେ ନିର୍ଭର କରେ ।

## 3 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର




**୧. ଦତ୍ତ ବୁଦ୍ୟୁତ୍ ପରିପଥରେ ବିଦ୍ୟୁତ୍ ସ୍ରୋତ କଳନା କର ।**

ଉ : ସମାନ୍ତର ଭାବେ ସଂଯୋଗ ହୋଇଥିବା 6Ω ଓ 3Ω ପ୍ରତିରୋଧ

$$\frac{1}{R_1}=\frac{1}{3}+\frac{1}{6}=\frac{2+1}{6}=\frac{3}{6}=\frac{1}{2}$$

ଦ୍ୱୟର ସମୂହ ପ୍ରତିରୋଧ,

$\therefore R_1 = 2\Omega$

ପରିପଥର ସମୂହ ପ୍ରତିରୋଧ $R = 2\Omega + 2\Omega = 4\Omega$

ଦତ୍ତ ଅଛି $V = 12V, I = \frac{V}{R} = \frac{12}{4} = 3A$

**୨. ପ୍ରତିରୋଧ କହିଲେ କ'ଣ ବୁଝ ? ଏହାର S.I ଏକକଟି ଲେଖି ଏହାର ସଂଜ୍ଞା ଦିଅ । ବିଦ୍ୟୁତ୍ ପ୍ରତିରୋଧ ଓ ବିଦ୍ୟୁତ୍ ସ୍ରୋତ ମଧ୍ୟରେ କି ପ୍ରକାର ସମ୍ପର୍କ ଅଛି ?**

i. ପ୍ରତିରୋଧ ହେଉଛି ପରିବାହୀର ଏକ ଗୁଣ ଯାହା ଯୋଗୁଁ ପରିବାହୀରେ ଋର୍ଜର ପ୍ରବାହ ଧିମା ହୋଇଯାଏ ।

ii. ବିଦ୍ୟୁତ୍ ପ୍ରତିରୋଧର SI ଏକକ ହୋଉଛି ଓମ୍ ($\Omega$)

ଯେଉଁ ପ୍ରତିରୋଧ ହେତୁ ଭୋଲଟ ବିଭବାନ୍ତରରେ ସଂଯୁକ୍ତ ଏକ ପରିବାହୀରେ 1 ଏମ୍ପିୟର ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୁଏ ତାହାକୁ ଏକ ଓମ୍ ($\Omega$) କୁହାଯାଏ ।

$$1\Omega = \frac{IV}{IA}$$

iii. ବିଦ୍ୟୁତ୍ ବିଭବାନ୍ତର ସ୍ଥିର ଥିଲେ ବିଦ୍ୟୁତ୍ ପ୍ରତିରୋଧ ଓ ବିଦ୍ୟୁତ୍ ସ୍ରୋତ ପରସ୍ପର ପ୍ରତିଲୋମାନୁପାତୀ ।

$$R = \frac{V}{I}$$

**୩. ଏକ ବିଦ୍ୟୁତ୍ ହିଟରର କଏଲଟି ତାତୁଥିବା ବେଳେ ହିଟର ସଂଯୁକ୍ତ ହୋଇଥିବା କର୍ଡ୍ ଟି ତାତି ନଥାଏ । ଏହାର କାରଣ କ'ଣ ?**

i. ବିଦ୍ୟୁତ୍ ପ୍ରବାହ ହେତୁ ଉତ୍ପନ୍ନ ତାପ ପରିବାହୀର ପ୍ରତିରୋଧ ଉପରେ ନିର୍ଭରଶୀଳ । ପ୍ରତିରୋଧ ଅଧିକ ହେଲେ ସମାନ ବିଦ୍ୟୁତ୍ ପ୍ରବାହ ଓ ସମୟ ପାଇଁ ଉତ୍ପନ୍ନ ତାପ ଅଧିକ ହୋଇଥାଏ ।

ii. ବିଦ୍ୟୁତ୍ ହିଟରର କଏଲର ବିନ୍ୟାସ ଏପରି କରାଯାଇଥାଏ ଯେପରିକି ତାହାର ପ୍ରତିରୋଧ ଅଧିକ ହେବ । ତେଣୁ ହିଟର କଏଲ ଅଧିକ ଉତ୍ତପ୍ତ ହୋଇ ଲାଲ୍ ପଡ଼ିଯାଏ ।

**୪. ଦତ୍ତ ପରିପଥରେ ପ୍ରତିରୋଧ ଗୁଡ଼ିକର ସଂଯୋଗ ଗୁଡ଼ିକୁ ଚିହ୍ନାଅ ଓ C ଓ D ମଧ୍ୟରେ ସମତୁଲ୍ୟ ପ୍ରତିରୋଧ ନିର୍ଣ୍ଣୟ କର ।**




ଉ : ଚିତ୍ରଟିକୁ ସଜାଡ଼ି ଅଙ୍କନ କଲେ ହେବ -



B - A - P ର ସମତୁଲ ପ୍ରତିରୋଧ (ପଙ୍କ୍ତି ସଂଯୋଗ)

$= R_1 = 2\Omega + 4\Omega = 6\Omega$

BD ର ସମତୁଲ ପ୍ରତିରୋଧ = $\frac{1}{R^2} = \frac{1}{6} + \frac{1}{3} = \frac{3}{6}$

$\therefore R_2 = 2\Omega$

ବର୍ତ୍ତମାନ CD ର ସମୁତୁଲ ପ୍ରତିରୋଧ (ପଙ୍‌କତି ସଂଯୋଗ)

$R = 4\Omega + R_2 + 2\Omega$

$= 4\Omega + 2\Omega + 2\Omega = 8\Omega$

**୫. ବିଦ୍ୟୁତ୍ ପ୍ରତିରୋଧ କେଉଁ ସବୁ କାରକ ଉପରେ କିପରି ନିର୍ଭର କରେ ଲେଖା R = ସୂତ୍ରଟିକୁ ବ୍ୟୁତ୍ପତ୍ତି କର ।**

**ପ୍ରତିରୋଧର ନିୟମ :** ଏକ ପରିବାହୀର ପ୍ରତିରୋଧ ଏହାର ଦୈର୍ଘ୍ୟ ସହ ସମାନୁପାତୀ ଓ ପରିବାହୀର ପ୍ରସ୍ଥ ଛେଦର କ୍ଷେତ୍ରଫଳ ସହ ପ୍ରତି ଲୋମାନୁପାତୀ ।

**ଗାଣିତିକ ବାଖ୍ୟା :** ଯଦି ପରିବାହୀର ପ୍ରତିରୋଧ 'R' ଦୈର୍ଘ ଓ ପ୍ରସ୍ଥ ଛେଦର କ୍ଷେତ୍ର ଫଳ A ହୁଏ ତେବେ ।

$R \alpha \ell$

$R \alpha \frac{\ell}{A}$

$\therefore \quad R \alpha \frac{\ell}{A}$ ବା $R = \rho \frac{l}{A}$

ଏଠାରେ ρ ଏକ ସ୍ଥିରାଙ୍କ । ଏହାକୁ ପରିବାହୀ ବିଶିଷ୍ଟ ପ୍ରତିରୋଧ ବା ପ୍ରତିରୋଧିତା କୁହାଯାଏ ।

ρ : ଏକକର ପ୍ରତିରୋଧିତା

ρ ର SI ଏକକ ଓମ୍ × ମି. ବା Ωm

**୬. ଦୁଇଟି ବଲବ 40W - 200V ଓ 60 W କୁ ପଙ୍‌କ୍ତି ସଂଯୋଗ କରାଯାଇଛି । ଯଦି ପରିପଥର ଦୁଇପ୍ରାନ୍ତ ମଧ୍ୟରେ ବିଦ୍ୟୁତ୍ ବିଭବାନ୍ତର 200 V ହୁଏ, ତେବେ ଏହାକୁ ଏକ ଚିତ୍ର ଦ୍ୱାରା ଦର୍ଶାଅ ଓ କେଉଁ ବଲବଟି ଅଧିକ ଜଳିବ ଓ କାହିଁକି ?**

ଉ: ଦୁଇଟି ବଲ୍‌ବର ରେଟିଂ ଯଥା କ୍ରମେ

40 W - 200 V ଓ 60 W - 200 V




ପ୍ରଥମ ବଲ୍‌ବର ପ୍ରତିରୋଧ $R = \frac{V^2}{P}$

$= \frac{200 \times 200}{40} = 1000\Omega$

ଦ୍ୱିତୀୟ ବଲ୍‌ବର ପ୍ରତିରୋଧ R = $\qquad\qquad$ = 666.67Ω

ପରିପଥରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ $I = \frac{V}{R}$

ଯେହେତୁ ବଲ୍‌ବ ଦୁଇଟି ପଙ୍‌କ୍ତିରେ ସଂଯୋଗ କରାଯାଇଛି, ତେଣୁ ସେଥିରେ ସମାନ ପରିମାଣର ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେବ ।

40W ର ବଲ୍‌ବର ପ୍ରତିରୋଧ ଅଧିକ ହେତୁ 60W ବଲ୍‌ବ୍‌ଠୁ ଅଧିକ ଜଳିବ ।

୭. **ଗୃହ ବିଦ୍ୟୁତ୍ ପରିପଥରେ ସମାନ୍ତର ସଂଯୋଗ ବ୍ୟବହାର କରାଯାଏ କାହିଁକି ?**

ଉ : ସମାନ୍ତର ସଂଯୋଗରେ ନିମ୍ନ ସୁବିଧା ଗୁଡ଼ିକୁ ମିଳୁଥିବାରୁ ଗୃହ ବିଦ୍ୟୁତ୍ ପରିପଥରେ ସମାନ୍ତର ସଂଯୋଗ କରାଯାଏ ।

i. ଏ ପ୍ରକାର ସଂଯୋଗରେ ପ୍ରତ୍ୟେକ ଉପକରଣ ସମାନ ଭୋଲଟେଜ୍ ପାଇଁ ପୂର୍ଣ୍ଣ ଦକ୍ଷତାରେ କାର୍ଯ୍ୟ କରନ୍ତି ।

ii. ପରିପଥରେ ବ୍ୟବହୃତ ପ୍ରତ୍ୟେକ ଉପକରଣ ସ୍ୱତନ୍ତ୍ର ଭାବେ ବ୍ୟବହାର କରାଯାଇ ପରେ ।

iii. ବିଭିନ୍ନ ବୈଦ୍ୟୁତିକ ଉପକରଣ ଭିନ୍ନ ଭିନ୍ନ ବିଦ୍ୟୁତ୍ ସ୍ରୋତ ଆବଶ୍ୟକ କରନ୍ତି ଓ ପରିପଥରେ ସଂଯୁକ୍ତ ସମସ୍ତ ଉପକରଣ ଗୁଡ଼ିକ ଏକକାଳୀନ ବ୍ୟବହାର କଲେ ସମତୁଲ୍ୟ ପ୍ରତିରୋଧ ଯେ କୌଣସି ଗୋଟିଏ ଉପକରଣ ପ୍ରତିରୋଧ ଠାରୁ କମ୍ ହେବ ।

୮. **ଦୁଇଟି ପ୍ରତିରୋଧ $R_1$ ଓ $R_2$ କୁ ସମାନ୍ତର ସଂଯୋଗ କଲେ, ସେମାନଙ୍କର ସମୂହ ପ୍ରତିରୋଧ । କିନ୍ତୁ $R_1$ ଓ $R_2$ କୁ ପଙ୍‌କ୍ତିରେ ସଂଯୋଗ କଲେ ସମୂହ ପ୍ରତିରୋଧ । ତେବେ $R_1$ ଓ $R_2$ ନିର୍ଣ୍ଣୟନକର ପ୍ରଶ୍ନାନୁସାରେ $R_1$ ଓ $R_2$ ସମାନ୍ତର ସଂଯୋଗ ହେଲେ ।**

$$\frac{1}{R} = \frac{1}{R_1} + \frac{1}{R_2} \qquad\qquad \frac{v^2}{P} = \frac{200 \times 200}{60}$$

$$\Rightarrow \frac{1}{3} = \frac{1}{R_1} + \frac{1}{R_2}$$

$$\frac{1}{3} = \frac{R_2 + R_1}{R_1 R_2} \quad ........ (i)$$

ପଙ୍‌କ୍ତି ସଂଯୋଗ କଲେ $R = R_1 + R_2 = 16\Omega$ .....(ii)

ସମୀକରଣ (ii) ରୁ $R_1 + R_2 = 16$ କୁ ନେଇ ସମୀକରଣରେ ବସାଇଲେ, $\frac{1}{3} = \frac{16}{R_1 R_n} \Rightarrow R_1 R_2 = 48\Omega$

$$R_1 R_2 = 48\Omega$$

$$R_1 (16 - R_1) = 48 \quad (\therefore R_1 + R_2 = 16 \Rightarrow R_2 = 16 - R)$$

$$\Rightarrow \quad 16R_1 - R_1^2 = 48$$

$$\Rightarrow \quad R_1^2 - 16R_1 + 48 = 0$$

$$\Rightarrow \quad R_1^2 - 12R_1 - 4R_1 + 48 = 0$$

$$\Rightarrow R_1(R_1 - 1) - 4 (R_1 - 12) = 0$$

$$\Rightarrow (R - 12)(R - 4) = 0$$

$\Rightarrow R_1 = 12$ ବା $R_1 = 4$

$\therefore$ ଦୁଇଟି ପରିବାହୀର ପ୍ରତିରୋଧ 12Ω, 4Ω

**୯.** **ଏକ ଟର୍ଚ୍ଚ ବଲ୍‌ବ** 2.5 V ଓ 750 A, ତେବେ

i. ବଲବ ପାଓ୍ୱାର କେତେ ?

ii. ଏହାର ପ୍ରତିରୋଧ କେତେ ?

iii. ବଲ୍‌ବଟି 4 ଘଣ୍ଟା ଜଳିଲେ କେତେ ଶକ୍ତି ଖର୍ଚ୍ଚ ହେବ ?

ଉ : ଏଠାରେ V = 2.5 volt, I = 750 mA = $750 \times 10^{-3}$ = 0.75A

ବଲବ ଜଳିଥିବା ସମୟ = t = 4h

i. ବଲବର ପାଓ୍ୱାର P = VI = 2.5 × 0.75 = 1.875W

ii. ବଲବର ପ୍ରତିରୋଧ = R = $\frac{V}{I} = \frac{2.5}{0.75}$ =3.33Ω

iii. ବଲବ ଜଳିବା ଦ୍ୱାରା ହେଉଥିବା ଶକ୍ତିର ଖର୍ଚ୍ଚ = W = Pt = 1.875 × 4 = 7.5wh

= 7.5 W × 3000 t = 27000J

**୧୦.** **ଯଦି** 200V **ଲାଇନରେ ସର୍ବାଧିକ** 5 A **ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୁଏ, ତେବେ ସେହି ପରିପଥରେ ସମାନ୍ତରାଳ କରି ର ସର୍ବାଧିକ କେତେଟି ବଲ୍‌ବ ବ୍ୟବହାର କରାଯାଇ ପାରିବ ?**

ଉ : ଏଠାରେ V = 200

P = 40

ପରିପଥର ବିଦ୍ୟୁତ୍ ସ୍ରୋତ I = 5A

ବଲବ ମଧ୍ୟରେ ବିଦ୍ୟୁତ୍ ସ୍ରୋତ I = $\frac{P}{V} = \frac{40}{200} = \frac{1}{5}A$

ମନେ କରାଯାଉ ଏହିପରି ବଲବ ବ୍ୟବହାର କରାଯାଇପାରିବ ସମାନ୍ତରାଳ ସଂଯୋଗରେ ମୋଟ୍ ବିଦ୍ୟୁତ ସ୍ରୋତ

$\therefore$ n × I = 5A

$\Rightarrow n \times \frac{1}{5}A = 5A$

$\Rightarrow$ n = 5 × 5 = 25ଟି

$\therefore$ ପରିପଥରେ ସର୍ବାଧିକ 25ଟି ବଲବ ବ୍ୟବହାର କରାଯାଇ ପାରିବ ।

**୧୧.** **ତିନୋଟି ପ୍ରତିରୋଧ କୁ** 20V **ବ୍ୟାଟେରୀ ସହ ସମାନ୍ତର ସଂଯୋଗ କରାଗଲେ ପ୍ରତ୍ୟେକ ପ୍ରତିରୋଧର ଓ ପରିପଥର ପ୍ରବାହିତ ବିଦ୍ୟୁତ୍ ସ୍ରୋତର ପରିମାଣ ନିର୍ଣ୍ଣୟକର ଏବଂ ପରିପଥର ସମତୁଲ୍ୟ ପ୍ରତିରୋଧ କେତେ ହେବ ଏଠାରେ**

ସମୂହ ପ୍ରତିରୋଧ $\frac{1}{R} = \frac{1}{R_1} + \frac{1}{R_2} = \frac{1}{12} + \frac{1}{6} + \frac{1}{4}$

$\frac{1}{R} = \frac{1+2+3}{12} = \frac{6}{12} = \frac{1}{2}$

R = 2Ω

ପରିପଥ ସମତୁଲ୍ୟ ପ୍ରତିରୋଧ 2Ω ହେବ ।

12Ω ତାରରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ $I_1 = \frac{20}{12} = \frac{5}{3}A$

6Ω ତାରରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ $I_2 = \frac{20}{6} = \frac{10}{3} A$

4Ω ତାରରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ $I_3 = \frac{20}{4} = 5A$

ପରିପଥରେ ପ୍ରବାହିତ ମୋଟ୍ ବିଦ୍ୟୁତ୍ ସ୍ରୋତ $I = I_1 + I_2 + I_3 = \frac{5}{3} + \frac{10}{3} + 5 = \frac{5+10+15}{3} = \frac{30}{3} = 10$ AMP.

## 4 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

**୧. ବିଦ୍ୟୁତ୍ ସ୍ରୋତ ସମ୍ପର୍କିତ 'ଜୁଲ ତାପନ ନିୟମ' ନିଗମନ କର ଗୃହ ବିଦ୍ୟୁତ୍ ପରିପରେ ଫ୍ୟୁଜ୍‌ର କାର୍ଯ୍ୟକାରିତା ବୁଝାଅ ।**

ଉ : ଗୋଟିଏ ପରିପଥରେ ବ୍ୟାଟେରୀ ଓ ପ୍ରତିରୋଧ ସଂଯୁକ୍ତ ହୋଇଥିଲେ ବ୍ୟାଟେରୀର ଶକ୍ତି ତାପଶକ୍ତିକୁ ରୂପାନ୍ତରିତ ହୋଇ ପ୍ରତିରୋଧକୁ ଉତପ୍ତ କରେ । ଏହାକୁ ବିଦ୍ୟୁତ୍ ସ୍ରୋତର ତାପନ କ୍ଷମତା କୁହାଯାଏ ।

**ଗାଣିତିକ ପ୍ରମାଣ :** ଏକ R ପ୍ରତିରୋଧର ଏକ ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ବିଭବାନ୍ତର V ଓ ପ୍ରବାହିତ ବିଦ୍ୟୁତ୍ ସ୍ରୋତ I ।

ଏହି ପ୍ରତିରୋଧରେ t ସମୟ ମଧ୍ୟରେ Q ପରିମାଣ ର ଚ୍ଚର୍ଜ ପ୍ରବାହିତ ହେଲେ $I = \frac{Q}{t}$

ଯଦି t ସମୟ ମଧ୍ୟରେ Q ଚ୍ଚର୍ଜ ପ୍ରବାହିତ କରିବା ପାଇଁ ବ୍ୟାଟେରୀ ଦ୍ୱାରା W ପରିମାଣର କାର୍ଯ୍ୟ ସମ୍ପାଦିତ ହୁଏ ତେବେ, W = VQ

ବିଦ୍ୟୁତ୍ ପାୱାର $P = \frac{W}{t} = \frac{VQ}{t} = VI \left( \because I = \frac{Q}{t} \right| \frac{V}{I} =$

t ସମୟରେ ପରିପଥରେ ପ୍ରବାହିତ ବିଦ୍ୟୁତ୍ ଶକ୍ତ Pt = VIt ପ୍ରତି ରୋଧରେ ଏହି ଶକ୍ତି ତାପ ଶକ୍ତିକୁ ରୂପାନ୍ତରିତ ହୁଏ,

$\therefore$ ତାପ H = VIT

$= RI . IT (\because V = RI)$

$= 1^2RT \quad \therefore H = 1^1 Rt$

**୨. ଓମ୍ ଙ୍କ ନିୟମଟି ଲେଖି ତାହାର ଗାଣିତିକ ବାଖ୍ୟା କର, ସେଥିରୁ ବିଦ୍ୟୁତ୍ ପ୍ରତିରୋଧର ସଂଜ୍ଞା ଓ ଏକକ ଲେଖ ।**

ଓମ୍‌ଙ୍କ ନିୟମ, ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ଥିବା ଏକ ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ଥିବା ବିଭବାନ୍ତର ପରିବାହୀରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ ସମାନୁପାତୀ ଗାଣିତିକ ବାଖ୍ୟା – ଯଦି ଏକ ପରିପଥରେ ପ୍ରବାହିତ ବିଦ୍ୟୁତ ସ୍ରେତ 'i' ଏହାର ଦୁଇ ପ୍ରାନ୍ତ ମଧ୍ୟରେ ଥିବା ବିଦ୍ୟୁତ୍, ବିଭବ ପାର୍ଥକ୍ୟ V ହୁଏ, ତେବେ

$V \alpha l$

ବା ଏକ ସ୍ଥିରାଙ୍କ

$\therefore \frac{V}{I} = R$ ତେଣୁ V = IR

ଏକ ନିର୍ଦ୍ଦିଷ୍ଟ ଧାତବ ତାର ଓ ନିର୍ଦ୍ଦିଷ୍ଟ ତାପମାତ୍ରା ପାଇଁ 'R' ଏକ ସ୍ଥିରାଙ୍କ, ଏହାକୁ ପରିବାହୀର ବିଦ୍ୟୁତ୍ ପ୍ରତିରୋଧ କୁହାଯାଏ ।

**ପ୍ରତିରୋଧ ବା ରେଜିଷ୍ଟାନ୍ସ ସଂଜ୍ଞା :**

ପରିବାହୀର ଯେଉଁ ଗୁଣ ଯୋଗୁଁ ପରିବାହୀରେ ଋର୍ଜ ପ୍ରବାହର ବେଗ କମିଯାଏ ତାହାକୁ ପରିବାହୀର ବିଦ୍ୟୁତ୍ ପ୍ରତିରୋଧ 'R' କୁହାଯାଏ ।

R ର ଏକକ : ଓମ୍‌ଙ୍କ ନିମୟରୁ $R = \frac{V}{I}$

ଅର୍ଥାତ୍ R ର ଏକକ

ଏହାକୁ ଓମ୍ କୁହାଯାଏ ଓ ସଂକ୍ଷେପରେ ଲେଖାଯାଏ ।

୩. **ପ୍ରତିରୋଧର ପଙ୍‌କ୍ତି ସଂଯୋଗ କ'ଣ ? ଏହାର ବିଶେଷତ୍ୱ ଗୁଡ଼ିକ ଲେଖ । ପ୍ରତିରୋଧର ପଙ୍‌କ୍ତି ସଂଯୋଗର ବ୍ୟଞ୍ଜନ ବ୍ୟୁପତ୍ତି କର । ଏହାର ଗୋଟିଏ ଉପଯୋଗୀତା ଲେଖ ।**

**୩ଟି ପ୍ରତିରୋଧ ଯଥାକ୍ରମେ 4Ω, 5Ω, 6Ωକୁ ପଙ୍‌କ୍ତି ସଂଯୋଗ କଲେ, ସମୂହ ପ୍ରତିରୋଧ କେତେ ହେବ ?**

i. ପ୍ରତିଯୋଧ ଗୁଡ଼ିକୁ ପ୍ରାନ୍ତକୁ ପ୍ରାନ୍ତ ଧାଡ଼ିରେ ସଂଯୋଗ କଲେ ତାହାକୁ ପଙ୍‌କ୍ତି ସଂଯୋଗ କୁହାଯାଏ ।

ii. ବିଶେଷତ୍ୱ : ପ୍ରତିରୋଧର ପଙ୍‌କ୍ତି ସଂଯୋଗର ପ୍ରତ୍ୟେକ ପ୍ରତିରୋଧରେ ସମାନ ପରିମାଣର ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୁଏ । ମୋଟ ବିଦ୍ୟୁତ୍ ବିଭବାନ୍ତର ପ୍ରତ୍ୟେକ ପ୍ରତିରୋଧର ସମଷ୍ଟି ସହ ସମାନ ହୁଏ ।

iii. ଗାଣିତିକ ପ୍ରମାଣ




ଯଦି $R_1$, $R_2$ ଓ $R_3$ ପ୍ରତିରୋଧ ବିଶିଷ୍ଟ ତିନୋଟି ପ୍ରତିରୋଧକୁ ପଙ୍‌କ୍ତିରେ ସଂଯୋଗ କଲେ, ପ୍ରତ୍ୟେକ ପ୍ରତିରୋଧ ମଧ୍ୟରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ I ହୁଏ ଏବଂ ସେମାନଙ୍କର ବିଚ୍ୟୁତ ସମାନ ହୁଏ, ବିଦ୍ୟୁତ୍ ବିଭମନ୍ତର ଯଥା କ୍ରମେ $V_1$ $V_2$ ଓ $V_3$ ହେଲେ $V = V_1 + V_2 + V_3$

୪. କିନ୍ତୁ ଓମ୍‌ଙ୍କ ନିୟମରୁ $V = IR$

$V_1 = IR_1, V_2 = IR_2, V = IR_3$

$RI = IR_1 + IR_2 + 1R_3$

$R = R_1 + R_2 + R_3$

ପଙ୍‌କ୍ତି ସଂଯୋଗର ବ୍ୟବହାର :

ଉତ୍ସବ ପାଳନ ବେଳେ ବ୍ୟବହୃତ ବଲ୍‌ବ ଗୁଡ଼ିକୁ ସଜାଇବା ପାଇଁ ପଙ୍‌କ୍ତି ସଂଯୋଗ କରାଯାଏ ।

(v) 4Ω, 5Ω ଓ 6Ω ପ୍ରତିରୋଧ ତିନୋଟିକୁ ପଙ୍‌କ୍ତିରେ ସଂଯୋଗ କଲେ, ସମୂହ ପ୍ରତିରୋଧ

$R = R1 + R2 + R3$

$= 4\Omega + 5\Omega + 6\Omega = 15\Omega$

୪. **ପଙ୍କ୍ତି ସଂଯୋଗ ଓ ସମାନ୍ତର ସଂଯୋଗ ମଧ୍ୟରେ ଥିବା ପାର୍ଥକ୍ୟ ଗୁଡ଼ିକୁ ଲେଖ ।**

| **ପଙ୍କ୍ତି ସଂଯୋଗ** | **ସମାନ୍ତର ସଂଯୋଗ** |
|---|---|
| i. ପ୍ରତିରୋଧକ ଗୁଡ଼ିକୁ ଧାଡ଼ିରେ ପ୍ରାନ୍ତକୁ ପ୍ରାନ୍ତ ସଂଯୋଗ କରାଯାଏ । | i. ପ୍ରତିରୋଧ ଗୁଡ଼ିକୁ ସମାନ୍ତର ଭାବେ ସଂଯୋଗ କରାଯାଏ । |
| ii. ଏ ପ୍ରକାର ସଂଯୋଗରେ ବିଭବାନ୍ତର ବିଭବାନ୍ତର ସଂଯୋଗରେ ବିଭାଜିତ ହୁଏ । | ii. ଏ ପ୍ରକାର ସଂଯୋଗରେ ବିଦ୍ୟୁତ୍ ସ୍ରୋତ ବିଭାଜିତ ହୁଏ । |
| iii. ଏ ପ୍ରକାର ସଂଯୋଗରେ ପରିପଥର ମୋଟ ପ୍ରତିରୋଧ ଯେ କୌଣସି ଗୋଟିକର ପ୍ରତିରୋଧ ଠାରୁ ଅଧିକ ହେବ । | iii. ଏ ପ୍ରକାର ସଂଯୋଗରେ ମୋଟ ପ୍ରତିରୋଧ ପରିପଥରେ ସଂଯୁକ୍ତ ସବୁଠାରୁ କ୍ଷୁଦ୍ରତମ ପ୍ରତିରୋଧ ଠାରୁ କମ୍ ହେବ । |
| iv. ଏ ପ୍ରକାର ସଂଯୋଗରେ ପ୍ରତ୍ୟେକ ଉପକରଣକୁ ଏକାଠି ବ୍ୟବହାର କରାଯାଏ । | iv. ଏ ପ୍ରକାର ସଂଯୋଗରେ ପ୍ରତ୍ୟେକ ଉପକରଣକୁ ପୃଥକ ଭାବେ ବ୍ୟବହାର କରାଯାଏ । |
| v. ଦୁଇ ବା ତେତୋଧିକ ପ୍ରତିରୋଧକୁ ପଙ୍କ୍ତି ସଂଯୋଗ କଲେ ପରିପଥରେ ସର୍ବନିମ୍ନ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେବ । | v. ଦୁଇବା ତତେତୋଧିକ ପ୍ରତିରୋଧକୁ ସମାନ୍ତର ସଂଯୋଗ କଲେ ପରିପଥରେ ସର୍ବାଧିକ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେବ । |
| vi. କୌଣସି ଉପକରଣ ଖରାପ ହୋଇଗଲେ ଗତି ପଥରେ ଅନ୍ୟ ଉପକରଣ ଗୁଡ଼ିକ ବନ୍ଦ ହୋଇଯିବ । | vi. କୌଣସି ଉପକରଣ ଖରାପ ହୋଇଗଲେ ପରିପଥରେ ଅନ୍ୟ ଉପକରଣ ପୂର୍ବଭଳି ଚାଲୁ ରହିବ । |

୫. **ପ୍ରତିରୋଧର ସମାନ୍ତର ସଂଯୋଗ କହିଲେ କ'ଣ ବୁଝ ? ଏହାର ବିଶେଷତ୍ୱ ଲେଖ । ଚିତ୍ର ସମୂହ ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସୂତ୍ରଟିକୁ ପ୍ରମାଣ କର ଏକ ତିନୋଟି ପ୍ରତିରୋଧକୁ ସମାନ୍ତରଳ ସଂଯୋଗ କଲେ ସମୂହ ପ୍ରତିରୋଧ କେତେ ହେବ ?**

ଯଦି ପ୍ରତିରୋଧଗୁଡ଼ିକର ଗୋଟିଏ ପ୍ରାନ୍ତକୁ ଏକାଠି ଓ ଅନ୍ୟ ପ୍ରାନ୍ତକୁ ଏକାଠି ଅଲଗା ଯୋଡ଼ାଯାଏ, ତାହାକୁ ସମାନ୍ତର ସଂଯୋଗ କୁହାଯାଏ ।




**ବିଶେଷତ୍ୱ :** ସମାନ୍ତର ସଂଯୋଗରେ

i. ପ୍ରତ୍ୟେକ ପ୍ରତିରୋଧ ସମାନ ଭୋଲଟେଜ ପାଇଥା'ନ୍ତି ।

ii. ପରିପଥରେ ପ୍ରବାହିତ ମୋଟ ବିଦ୍ୟୁତ୍ ସ୍ରୋତ ପ୍ରତି ପ୍ରତିରେଧାକରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତର ସମଷ୍ଟି ସହ ସମାନ ।

iii. ପରିପଥର ମୋଟ ପ୍ରତିରୋଧ ଯେ କୌଣସି ଗୋଟିଏ ପ୍ରତିରୋଧ ଠାରୁ କମ୍ ହୋଇଥାଏ ।

ଗାଣିତିକ ବାଖ୍ୟା : ଯଦି $R_1$, $R_2$, $R_3$ ପ୍ରତିରୋଧ ବିଶିଷ୍ଟ ତିନୋଟି ପ୍ରତିରୋଧ କୁ ସମାନ୍ତର ସଂଯୋଗ କରାଯାଏ ଏବଂ ସେମାନଙ୍କ ମଧ୍ୟରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ ଯଥା କ୍ରମେ $I_1$, $I_2$, $I_3$ ହୁଏ, ତେବେ ଓମ୍ ଙ୍କ ନିୟମ ଅନୁସାରେ ବିଦ୍ୟୁତ୍ ବିଭବାନ୍ତର ।

$V = IR,\ V_1 = I_1R_1,\ V_2 = I_2R_2,\ V_3 = I_3R_3$

ଅର୍ଥାତ୍ $I_1 = \frac{V}{R_1},\ I_2 = \frac{V}{R_2},\ I_3 = \frac{V}{R_3}$

କିନ୍ତୁ $I = I_1 + I_2 + I_3$

ବା $\frac{V}{R} = \frac{V}{R_1} + \frac{V}{R_2} + \frac{V}{R_3}$ ବା $\frac{V}{R} = V\left(\frac{1}{R_1} + \frac{1}{R_2} + \frac{1}{R_3}\right) \Rightarrow \frac{1}{R} = \frac{1}{R_1} + \frac{1}{R_2} + \frac{1}{R_3}$

$6\Omega$, $3\Omega$, $2\Omega$ ସମାନ୍ତର ସଂଯୋଗ କଲେ ସମୂହ ପତିରେ

$$\frac{1}{R} = \frac{1}{6} + \frac{1}{3} + \frac{1}{2} = \frac{1+2+3}{6} = \frac{6}{6} = 1 \Rightarrow R = 1\Omega$$

ଓମ୍‌ଙ୍କ ନିୟମର ସତ୍ୟତା ପ୍ରମାଣିତ କରିବା ପାଇଁ ଏକ ସରଳ ପରୀକ୍ଷା ବର୍ଣ୍ଣନା କର ।




**ପରୀକ୍ଷଣ ଓ ପର୍ଯ୍ୟବେକ୍ଷଣ :**

i. ଉପରୋକ୍ତ ଚିତ୍ରରେ ଦର୍ଶାଯାଇଥିବା ଭଳି ଗୋଟିଏ 0.5m. ଲମ୍ବର ନିକ୍ରୋମ ତାର (xy), ଗୋଟିଏ ଏକ ମିଟର (A), ଗୋଟିଏ ଭୋଲଟମିଟର (v), 1.5 ର ଗୋଟିଏ ବିଦ୍ୟୁତ୍ ସେଲ୍ ଏବଂ ଗୋଟିଏ ପ୍ଲଗ୍ କିନ୍ତୁ ନେଇ ଏକ ପରିପଥ ପ୍ରସ୍ତୁତ କରାଯାଉ ।

ii. ପ୍ଲଗ୍‌କୁ ବନ୍ଦ କରି ପରିପଥଟିକୁ ମୁଦିତ କରାଯାଉ ଓ ଏମିଟରକୁ ମୁଲ୍ୟାଙ୍କ $I_1$, ଓ ଭୋଲଟ ମିଟରକୁ ମୂଲ୍ୟାଙ୍କ $V_1$ କୁ ଏକ ସାରଣୀ ଲେଖାଯାଏ ।

iii. ଏହା ପରେ ପରିପଥରେ ଦୁଇଟି ସେଲ ସଂଯୁକ୍ତ କରି ଏମିଟର ଓ ଭୋଲ୍ଟ ମିଟରରୁ ପାଠ୍ୟାଙ୍କ ଯଥା କ୍ରମେ $I_2$ ଓ $V_2$ କୁ ସାରଣୀ ରେ ଲେଖାଯାଉ ।

iv. ସେହିପରି 3 ଟି ଓ 4 ଟି ସେଲ୍ ବ୍ୟବହାର କରି $I_3$, $V_3$ ଓ $I_4$, $V_4$ ରେ ଲେଖାଯାଉ ।

v. ବର୍ତ୍ତମାନ ପ୍ରତ୍ୟେକ I ଓ V ଯୋଡ଼ି ପାଇଁ $\frac{V}{I}$ ନିର୍ଣ୍ଣୟ କଲେ, ପ୍ରତ୍ୟେକ ଯୋଡ଼ି ପାଇଁ $\frac{V}{I}$ ର ମୂଲ୍ୟ ସମାନ ରହିବ ।

vi. ଏହା ବ୍ୟତିତ X - ଅକ୍ଷରେ I ଓ Y ଅକ୍ଷରେ V କୁ ନେଇ ଯଦି ଏକ ଗ୍ରାଫ ଅଙ୍କନ କରାଯିବ ତେବେ ତାହା ଏକ ତୀର୍ଯ୍ୟକ ରେଖା ହେବ ଏବଂ ଏହା ମୂଳ ବିନ୍ଦୁ 'O' କୁ ଭେଦ କରିବ ।

ଏଥିରୁ ଏହା ପ୍ରମାଣିତ ହୁଏ ଯେ V ଓ I ପରସ୍ପର ସମାନୁପାତୀ ଅର୍ଥାତ୍ $V \alpha I$

# ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ

**୧. ବିଦ୍ୟୁତ୍ ସ୍ରୋତର ପ୍ରଥମ ମନୁଷ୍ୟକୃତ ଉତ୍ସ କ'ଣ ?**

a. ଡାଇନାମୋ b. ସଂଚୟକ ସେଲ୍ c. ଭୋଲ୍‌ଟୀୟ ସେଲ୍ d. ଶୁଷ୍କ ସେଲ୍

**୨. ଛୋଟ ଦଣ୍ଡ ଚୁମ୍ବକ ମୁକ୍ତ ଅବସ୍ଥାରେ କେଉଁ ଦିଗ ନିର୍ଦ୍ଦେଶ କରେ ?**

a. ପୂର୍ବ - ପଶ୍ଚିମ b. ଉତ୍ତର - ଦକ୍ଷିଣ c. ଉତ୍ତର - ପୂର୍ବ d. ଦକ୍ଷିଣ - ପଶ୍ଚିମ

**୩. ସମମେରୁ ପରସ୍ପରକୁ କ'ଣ କରନ୍ତି ?**

a. ଆକର୍ଷଣ b. ବିକର୍ଷଣ c. ପ୍ରଥମେ ଆକର୍ଷଣ ଓ ପରେ ବିକର୍ଷଣ d. କୌଣସି ପ୍ରତିକ୍ରିୟା କରନ୍ତି ନାହିଁ

**୪. ବିଷମ ମେରୁ ପରସ୍ପରକୁ କ'ଣ କରନ୍ତି ?**

a. ଆକର୍ଷଣ b. ବିକଷର୍ଣ

c. ପ୍ରଥମେ ଆକର୍ଷଣ ଓ ପରେ ବିକର୍ଷଣ d. କୌଣସି ପ୍ରତିକ୍ରିୟା ହୁଏ ନାହିଁ

**୫. ଦଣ୍ଡ ଚୁମ୍ବକର ଚାରିପାଖରେ ଲୁହା ଗୁଣ୍ଡ ଯେଉଁ କାଳ୍ପନିକ ରେଖାରେ ସଜାଇ ହେଲା ପରି ଦିଶେ, ତାହାକୁ କ'ଣ କୁହନ୍ତି ?**

a. ଚୁମ୍ବକୀୟ କ୍ଷେତ୍ର ରେଖା b. ବିଷୁବ ରେଖା c. ସୀମା ରେଖା d. ପରିପଥ

**୬. ଗୋଟିଏ ଚୁମ୍ବକୀୟ କ୍ଷେତ୍ର ରେଖା ଉପରେ କମ୍ପାସ ପୂରାଇବା ବେଳେ ସୂଚୀର ବିକ୍ଷେପଣ ମେରୁ ଆଡ଼କୁ କ'ଣ ହୁଏ ?**

a. ବଢ଼େ b. କମେ c. ପ୍ରଥମେ ବଢ଼େ ଓ ପରେ କମେ d. ସ୍ଥିର ଥାଏ

**୭. ଚୁମ୍ବକୀୟ କ୍ଷେତ୍ର ରେଖା ପ୍ରକୃତି କ'ଣ ?**

a. ଏକ ଅବିଚ୍ଛିନ୍ନ ରେଖା b. ମୁଦିତ ରେଖା c. ଅବିଚ୍ଛିନ୍ନ ଓ ମୁଦିତ ରେଖା d. ମୁକ୍ତ ରେଖାମାନ

**୮. ଯଦି ଦୁଇଟି ଚୁମ୍ବକୀୟ କ୍ଷେତ୍ର ରେଖା ପରସ୍ପରକୁ ଛେଦ କରନ୍ତା, ତେବେ ସେହି ବିନ୍ଦୁର କେତୋଟି ମେରୁ ଦର୍ଶାନ୍ତା ?**

a. 1 ଟି b. 2 ଟି c. 3 ଟି d. କହିହେବ ନାହିଁ

**୯. ଦକ୍ଷିଣ ହସ୍ତ ବୃଦ୍ଧାଙ୍ଗୁଳି ନିୟମକୁ କେଉଁ ନିୟମ କୁହାଯାଏ ?**

a. ଓମ୍ b. ଫ୍ଲେମିଂ c. କର୍କସ୍କୃ d. ଓରଷ୍ଟେଡ୍

**୧୦. ଗୋଟିଏ କୁଣ୍ଡଳୀରେ ଯଦି ସଂଖ୍ୟକ ଘେରେ ରହେ ତେବେ ଗୋଟିଏ ନିର୍ଦ୍ଦିଷ୍ଟ ବିଦ୍ୟୁତ୍ ସ୍ରୋତ ପାଇଁ ଚୁମ୍ବକୀୟ ପରିମାଣ ଗୋଟିଏ ଘେର ତୁଳନାରେ କେତେ ହେବ ?**

a. ଗୁଣ b. n ଗୁଣ c. 2n ଗୁଣ d. $n^2$ ଗୁଣ

**୧୧. ସଲେନଏଡ୍‌ର ଭିତର ପଟରେ କ୍ଷେତ୍ର ରେଖା ଗୁଡ଼ିକ କିପରି ?**

a. ବକ୍ରରେଖୀୟ b. ଅସମାନ୍ତର

c. ସରଳ ରୈଖିୟ ପରସ୍ପର ସମାନ୍ତର d. ସରଳରେଖିୟ ଓ ପରସ୍ପର ଲମ୍ବ

**୧୨. ନରମ ଲୁହା ଭଳି ଚୁମ୍ବକୀୟ ବସ୍ତୁଟିର ସଲେନଏଡ୍ ଭିତରେ ରଖିଲେ ସଲେନଏଡ୍‌ର ଚୁମ୍ବକୀୟ କ୍ଷେତ୍ରର ପ୍ରଭାବରେ ଯେଉଁ ଚୁମ୍ବକ ପରିଣତ ହୁଏ, ତାକୁ କ'ଣ କୁହାଯାଏ ?**

a. ସ୍ଥାୟୀ ଚୁମ୍ବକ b. ବିଦ୍ୟୁତ୍ ଚୁମ୍ବକ c. ଉଭୟ a ଓ b d. କୌଣସିଟି ନୁହେଁ

**୧୩. ଏକ ବିଦ୍ୟୁତ୍ ସ୍ରୋତଧାରୀ ଦୀର୍ଘ ଓ ସରଳ ସଲେନଏଡ୍‌ର ଭିତର ଅଂଶରେ ଚୁମ୍ବକୀୟ କ୍ଷେତ୍ର କିପରି ?**

a. ଶୂନ b. ପ୍ରାନ୍ତ ଆଡ଼କୁ କମେ c. ପ୍ରାନ୍ତ ଆଡ଼କୁ ବଢ଼େ d. ସବୁଠାରେ ସମାନ

**୧୪. ପରିବାହୀରେ ବିଦ୍ୟୁତ୍ ପ୍ରବାହ ହେଲେ ଯେଉଁ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହୁଏ, ତା ମଧ୍ୟରେ ଚୁମ୍ବକଟିଏ ରହିଲେ ତା' ଉପରେ ଏକ ବଳ କାର୍ଯ୍ୟକାରୀ ହୁଏ । ଏହା କିଏ ଦର୍ଶାଇଥିଲେ ।**

a. ଜର୍ଜ ସାଇମନ୍ ଓମ୍ b. ଆଲସାଣ୍ଡ୍ରୋ ଭୋଲ୍‌ଟା c. ମାଇକେଲ ଫାରାଡ଼େ d. ଆନ୍ଦ୍ରେ ମାରୀ ଏମ୍ପିୟର୍

**୧୫. ଫ୍ଲେମିଙ୍ଗ ବାମ ହସ୍ତ ନିୟମରେ ବୃଦ୍ଧାଙ୍ଗୁଳି କ'ଣ ଦର୍ଶାଏ ?**

a. ବିଦ୍ୟୁତ୍ ସ୍ରୋତ b. ଚୁମ୍ବକୀୟ କ୍ଷେତ୍ର c. ପରିବାହୀର ଗତି d. କେଉଁଟି ନୁହେଁ

**୧୬. ଫ୍ଲେମିଙ୍ଗ ବାମ ହସ୍ତ ନିୟମରେ ତର୍ଜନୀ କ'ଣ ଦର୍ଶାଏ ?**

a. ବିଦ୍ୟୁତ୍ ସ୍ରୋତ b. ଚୁମ୍ବକୀୟ କ୍ଷେତ୍ର c. ପରିବାହୀର ଗତି d. କେଉଁଟି ନୁହେଁ

**୧୭. ଫ୍ଲେମିଙ୍ଗଙ୍କ ବାମହସ୍ତ ନିୟମରେ ମଧ୍ୟମା କ'ଣ ଦର୍ଶାଏ ?**

a. ବିଦ୍ୟୁତ୍ ସ୍ରୋତ b. ଚୁମ୍ବକୀୟ କ୍ଷେତ୍ର c. ପରିବାହୀର ଗତି d. କେଉଁଟି ନୁହେଁ

**୧୮. କେଉଁ କ୍ଷେତ୍ରରେ ବିଦ୍ୟୁତ୍ ପରିବହନକାରୀ ପରିବାହୀ ଓ ଚୁମ୍ବକୀୟ କ୍ଷେତ୍ର ବ୍ୟବହାର କରାଯାଏ ନାହିଁ ?**

a. ବୈଦ୍ୟୁତିକ ମୋଟର b. ବିଦ୍ୟୁତ୍ ବଲ୍‌ବ c. ଜେନେରେଟର d. ମାଇକ୍ରୋଫୋନ୍

**୧୯. ଗୋଟିଏ ଯୁକ୍ତ ଚାର୍ଜ ବିଶିଷ୍ଟ କଣିକା ପଶ୍ଚିମକୁ ଗତି କରୁଥିବା ବେଳେ ଏକ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ଉତ୍ତରକୁ ବିକ୍ଷେପିତ ହୁଏ । ଏଠାରେ ଚୁମ୍ବକୀୟ କ୍ଷେତ୍ରର ଦିଗ କ'ଣ ହେବ ?**

a. ଦକ୍ଷିଣକୁ b. ପୂର୍ବକୁ c. ତଳକୁ d. ଉପରକୁ

**୨୦. ବୈଦ୍ୟୁତିକ ମୋଟର କେଉଁ ଶକ୍ତିକୁ କେଉଁ ଶକ୍ତିରେ ପରିଣତ କରେ ?**

a. ବିଦ୍ୟୁତ୍ ଶକ୍ତିକୁ ଯାନ୍ତ୍ରିକ ଶକ୍ତିରେ b. ଯାନ୍ତ୍ରିକ ଶକ୍ତିକୁ ବିଦ୍ୟୁତ୍ ଶକ୍ତିରେ

c. ରାସାୟନିକ ଶକ୍ତିକୁ ବିଦ୍ୟୁତ୍ ଶକ୍ତିରେ d. ସୌର ଶକ୍ତିକୁ ବିଦ୍ୟୁତ୍ ଶକ୍ତିରେ

**୨୧. କେଉଁ ଉପକରଣରେ ବିଦ୍ୟୁତ୍ ମୋଟର ବ୍ୟବହାର କରାଯାଏ ନାହିଁ ?**

a. ବିଦ୍ୟୁତ୍ ଚାଳିତ ପଙ୍ଖା b. ରେଫ୍ରିଜେରେଟର c. କମ୍ପ୍ୟୁଟେଟର d. ଇସ୍ତ୍ରୀ

**୨୨. ପରିପଥରେ ବିଦ୍ୟୁତ୍ ସ୍ରୋତର ଦିଗ ପରିବର୍ତ୍ତନ କରୁଥିବା ଉପକରଣକୁ କ'ଣ କୁହାଯାଏ ?**

a. ଆର୍ମେଚର b. କ୍ଷେତ୍ର ଚୁମ୍ବକ c. କମ୍ପ୍ୟୁଟେଟର d. ପ୍ଲଗ୍ କି

**୨୩. ବ୍ୟାବସାୟିକ ଉଦ୍ଦେଶ୍ୟରେ ମୋଟରକୁ ଶକ୍ତିଶାଳୀ କରିବା ପାଇଁ କ'ଣ କରାଯାଏ ?**

a. ସ୍ଥାୟୀ ଚୁମ୍ବକ ବଦଳରେ ବିଦ୍ୟୁତ୍ ଚୁମ୍ବକ ନିଆଯାଏ

b. କୁଣ୍ଡଳୀର ଘେର ସଂଖ୍ୟା ବଢ଼ାଯାଏ

c. ନରମ ଲୌହ ଖଣ୍ଡ ଚରିପଟେ ତାରକୁ ଗୁଡ଼ାଇ କୁଣ୍ଡଳୀ ପ୍ରସ୍ତୁତ କରଯାଏ

d. ଏ ସମସ୍ତ ପ୍ରକ୍ରିୟା

**୨୪. ଗୋଟିଏ ପରିବାହୀ ଚୁମ୍ବକୀୟ କ୍ଷେତ୍ରରେ ଗତି କରେ ବା ପରିବାହୀଟି ସ୍ଥିର ଥାଇ ସଂଲଗ୍ନ ଚୁମ୍ବକୀୟ କ୍ଷେତ୍ରର ପରିବର୍ତ୍ତନ ହୁଏ । ଏହା କିଏ ଦର୍ଶାଇଥିଲେ ?**

a. ମାଇକେଲ ଫାରାଡ଼େ b. ଜର୍ଜ ସାଇମନ୍ ଓମ୍ c. ଆନ୍ଦ୍ରେ ମ୍ୟାରୀ ଏମ୍ପିୟର d. ଓରଷ୍ଟେଡ୍

**୨୫. ଗତିଶୀଳ ଚୁମ୍ବକ ଦ୍ୱାରା ବିଦ୍ୟୁତ୍ ସ୍ରୋତ ସୃଷ୍ଟି ହୁଏ ବୋଲି କିଏ ଆବିଷ୍କାର କରିଥିଲେ ?**

a. ଜର୍ଜ ସାଇମନ୍ ଓମ୍ b. ଓରଷ୍ଟେଡ୍ c. ଫ୍ଲେମି d. ମାଇକେଲ ଫାରାଡ଼େ

**୨୬. କ୍ଷୀଣ ବିଦ୍ୟୁତ୍ ମାପିବା ପାଇଁ କେଉଁ ଉପକରଣ ବ୍ୟବହାର କରାଯାଏ ?**

a. ଭୋଲ୍ଟମିଟର b. ଭୋଲ୍ଟାମିଟର c. ଗାଲଭାନୋମିଟର d. ରିଓଷ୍ଟାଟ

**୨୭. କୁଣ୍ଡଳୀ ଓ ଚୁମ୍ବକ ଉଭୟ ସ୍ଥିର ରହିଲେ ଗାଲଭାନୋମିଟର ର ବିକ୍ଷେପଣ କିପରି ହୁଏ ?**

a. ବାମକୁ ହୁଏ b. ଦକ୍ଷିଣକୁ ହୁଏ c. ଶୂନ ହୁଏ d. ଏ ସମସ୍ତ

**୨୮. ତାର କୁଣ୍ଡଳୀ ଓ ଚୁମ୍ବକ ମଧ୍ୟରେ ଆପେକ୍ଷିତ ଗତି ପାଇଁ କୁଣ୍ଡଳୀରେ କ'ଣ ସୃଷ୍ଟି ହୁଏ ?**

a. ସ୍ଥିର ବିଦ୍ୟୁତ୍ b. ପ୍ରେରିତ ବିଭବାନ୍ତର c. ପ୍ରେରିତ ବିଦ୍ୟୁତ୍ ସ୍ରୋତ d. ଚଳ ବିଦ୍ୟୁତ

**୨୯. ଗୋଟିଏ ପରିବାହୀ ସହ ସମ୍ପୃକ୍ତ ଚୁମ୍ବକୀୟ କ୍ଷେତ୍ରରେ ପରିବର୍ତ୍ତନ ହେଲେ ଅନ୍ୟ ଏକ ପରିବାହୀରେ ପ୍ରେରିତ ବିଦ୍ୟୁତ୍ ପ୍ରବାହ ସୃଷ୍ଟି ହୁଏ । ଏହାକୁ କ'ଣ କୁହାଯାଏ ?**

a. ପ୍ରେରିତ ବିଭବାନ୍ତର b. ପ୍ରେରିତ ବିଦ୍ୟୁତ୍ ସ୍ରୋତ c. ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣ d. ସ୍ଥିର ବିଦ୍ୟୁତ୍

**୩୦. କୁଣ୍ଡଳୀର ଗତିର ଦିଗ, ଚୁମ୍ବକୀୟ କ୍ଷେତ୍ରର ଦିଗ ପ୍ରତି କ'ଣ ହେଲେ ପ୍ରେରିତ ବିଦ୍ୟୁତ୍ ସ୍ରୋତର ପରିମାଣ ସବୁଠାରୁ ଅଧିକ ହୁଏ ?**

a. ସମାନ୍ତର b. $60^0$ c. ଲମ୍ବ d. $45^0$

**୩୧. ନରମ ଲୌହଖଣ୍ଡ ସହ କୁଣ୍ଡଳୀକୁ କ'ଣ କୁହାଯାଏ ?**

a. ବ୍ରଶ୍ b. କମ୍ପ୍ୟୁଟର c. କମ୍ପ୍ୟୁଟେଟର d. ଆର୍ମେଚର

**୩୨. ଲାଇଭ୍ ତାର ନିଉଟ୍ରାଲ ତାର ସଂସ୍ପର୍ଶରେ ଆସିଲେ କ'ଣ ହୁଏ ?**

a. ଡାଉନ ଲୋଡ଼ିଂ b. ଓଭର ଲୋଡ଼ିଂ c. ସର୍ଟସର୍କିଟ d. କେଉଁଟି ନୁହେଁ

**୩୩. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମରେ ବୃଦ୍ଧାଙ୍ଗୁଳି, ତର୍ଜନୀ ଓ ମଧ୍ୟମା ମଧ୍ୟରେ କେଉଁ କୋଣ ଉତ୍ପନ୍ନ ହୁଏ ?**

a. ସୂକ୍ଷ୍ମକୋଣ b. ସ୍ଥୁଳକୋଣ c. ସମ କୋଣ d. ସରଳ କୋଣ

**୩୪. ଯୋଗାଣ ତାରରେ ବିଭବାନ୍ତର ବୃଦ୍ଧିକୁ କ'ଣ କୁହାଯାଏ ?**

a. ଡାଉନ ଲୋଡିଂ b. ଓଭର ଲୋଡ଼ିଂ c. କ୍ରସ୍ ଲୋଡ଼ିଂ d. କେଉଁଟି ନୁହେଁ

**୩୫. ଗିଜର୍‌ରେ କେତେ ରେଟିଂର ପରିପଥ ବ୍ୟବହାର କରାଯାଏ ?**

a. 5A b. 10A c. 15A d. 20A

**୩୬. ପଙ୍ଖାରେ କେତେ ରେଟିଂର ପରିପଥ ବ୍ୟବହାର କରାଯାଏ ?**

a. 5A b. 10A c. 15A d. 20A

**୩୭. ବୈଦ୍ୟୁତିକ ଉପକରଣରୁ ବିଦ୍ୟୁତ୍ ଆଘାତ ନ ଲାଗିବା ପାଇଁ କ'ଣ ବ୍ୟବହାର କରାଯାଏ ?**

a. ଫ୍ୟୁଜ୍ b. ଭୂ ତାର c. ନିଉଟ୍ରାଲ ତାର d. ଲାଇଭ୍ ତାର

**୩୮. ଗୃହରେ ଉପକରଣ ଗୁଡ଼ିକୁ ମେନ୍‌ସୁଇଜ୍ ସହ କିପରି ସଂଯୋଗ କରାଯାଏ ?**

a. ସମାନ୍ତରାଳ ଓ ପଙ୍‌କ୍ତି b. ପଙ୍‌କ୍ତି c. ସମାନ୍ତରାଳ d. କେଉଁଟି ନୁହେଁ

**୩୯. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମରେ ତର୍ଜନୀ କ'ଣ ସୂଚାଏ ?**

a. ପରିବାହୀର ଗତିର ଦିଗ b. ପ୍ରେରିତ ବିଦ୍ୟୁତ୍ ପ୍ରବାହର ଦିଗ

c. ଚୁମ୍ବକୀୟ କ୍ଷେତ୍ରର ଦିଗ d. ବିଦ୍ୟୁତ୍ ସ୍ରୋତର ବିପରୀତ ଦିଗ

**୪୦. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମାନୁଯାୟୀ କ'ଣ କାର୍ଯ୍ୟ କରେ ?**

a. ମୋଟର b. ଜେନେରେଟର c. ଡାଇନାମୋ d. କେଉଁଟି ନୁହେଁ

# ANSWER

| | | | | | |
|---|---|---|---|---|---|
| 1.c | 2.b | 3.b | 4.a | 5.a | 6.a |
| 7.c | 8.b | 9.c | 10.b | 11.c. | 12.b |
| 13.d | 14.d | 15.c | 16.b | 17.a | 18.b |
| 19.b | 20.a | 21.d | 22.c | 23.d | 24.a |
| 25.d | 26.c | 27.c | 28.b | 29.b | 30.c |
| 31.d | 32.c | 33.c | 34.b | 35.c | 36.a |
| 37.b | 38.c | 39.c | 40.b | | |

## 4 ନମ୍ବର ସମ୍ଭାବ୍ୟ ପ୍ରଶ୍ନୋତ୍ତର

## ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ

**୧. A.C ଓ D.C କହିଲେ କ'ଣ ବୁଝ ? D.C ଅପେକ୍ଷା A.C କାହିଁକି ଅଧିକ ଉପଯୋଗୀ ? A.C ଜେନେରେଟର ଓ D.C ଜେନେଟେରଟ ମଧ୍ୟରେ ପାର୍ଥକ୍ୟ 12VW ର ଏକ ହିଟର ପାଇଁ 10A ଫ୍ୟୁଜ୍ ବ୍ୟବହୃତ ହୁଏ ଏବଂ 200V ବିଦ୍ୟୁତ୍ ବିଭାବାନ୍ତର ପରିପଥ ସହ ସଂଯୁକ୍ତ ହେଲେ ଫ୍ୟୁଜ୍ ତରଳିବ କି ନାହିଁ ବୁଝାଅ ।**

ଉ : i. A.C – ଯେଉଁ ବିଦ୍ୟୁତ୍ ଏକ ନିର୍ଦ୍ଦିଷ୍ଟ ଅନ୍ତରରେ ଦିଗ ବଦଳାଏ ତାହାକୁ ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ୍ ସ୍ରୋତ ବା A.C କହନ୍ତି ।

ii. ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ୍ ସ୍ରୋତ ବା A.C ଘରୋଇ ବ୍ୟବହାର ପାଇଁ ଅଧିକ ଉପଯୋଗୀ ଦୂର ସ୍ଥାନକୁ ଏ.ସି ପରିବହନରେ ଡି.ସି. ପରିବହନ ତୁଳନାରେ କମ୍ ଶକ୍ତି ନଷ୍ଟ ହୁଏ ।

**A.C ଜେନେରେଟର ଓ D.C ଜେନେରେଟର ମଧ୍ୟରେ ପାର୍ଥକ୍ୟ :**

i. A.C ଜେନେରେଟରରେ ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ୍ ଉତ୍ପନ୍ନ ହେଉଥିବା D.C ବେଳେ ଜେନେରେଟରରେ ସଳଖ ବିଦ୍ୟୁତ୍ ଉତ୍ପନ୍ନ ହୁଏ ।

ii. A.C ଜେନେରେଟରରେ ରିଙ୍ଗ ବଳୟ ବ୍ୟବହୃତ ହେଲା ବେଳେ, D.C ଜେନେରେଟରରେ ବିଖଣ୍ଡିତ ବଳୟ ବା କମ୍ୟୁଟେଟରରେ ବ୍ୟବହୃତ ହୁଏ ।

iii. A.C ଜେନେରେଟରରୁ ଉତ୍ପନ୍ନ ବିଦ୍ୟୁତ୍ ସ୍ରୋତ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଦିଗ ପରିବର୍ତ୍ତନ କରୁଥିବା ବେଳେ D.C ଜେନେରେଟରରୁ ଉତ୍ପନ୍ନ ବିଦ୍ୟୁତ୍ ସ୍ରୋତରେ ଦିଗ ନିର୍ଦ୍ଦିଷ୍ଟ ଥାଏ ।

iv. ଦୂରସ୍ଥାନକୁ A.C ପରିବହନରେ D.C ଅପେକ୍ଷା କମ୍ ଶକ୍ତି ନଷ୍ଟ ହୁଏ ।

$P = 2KW = 200W_1, V=220V$

$P = V1, 1 = \frac{P}{V} = \frac{2000}{220} = 9.09\,A$

∴ ଫ୍ୟୁଜ୍‌ଟି ତରଳିବ ନାହିଁ ।

**୨. ଏକ ପରୀକ୍ଷା ମାଧ୍ୟମରେ ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ ସଂକ୍ଷପରେ ବୁଝାଅ ।**




(ପରିବାହୀରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ କମ୍ପାସ ସୂଚୀର ବିକ୍ଷେପ)

i. ଖଣ୍ଡିଏ ସଳଖ ମୋଟା ତମ୍ବାତାର ନେଇ ଗୋଟିଏ ବିଦ୍ୟୁତ୍ ପରିପଥର ଦୁଇ ବିନ୍ଦୁ x ଓ y ମଧ୍ୟରେ ରଖ । ଏହା କାଗଜର ପୃଷ୍ଠାତଳ ସହ ଲମ୍ବ ଭାବରେ ରହୁ ।

ii. କାଗଜ ଉପରେ ଗୋଟିଏ ଛୋଟ କମ୍ପାସ ତାର ପାଖାପାଖି ରଖି କମ୍ପାସ ସୂଚୀର ଅବସ୍ଥିତ ଲକ୍ଷ୍ୟ କରାଯାଉ ।

iii. ପରିପଥ ମୁଦିତ କରି ସେଥିରେ ବିଦ୍ୟୁତ୍ ପ୍ରବାହ କରାଯାଉ ।

**ପର୍ଯ୍ୟବେକ୍ଷଣ :** ପରିପଥରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ, କମ୍ପାସ ସୂଚୀ ବିକ୍ଷେପ ହେବ ।

**ସିଦ୍ଧାନ୍ତ :** ପରିପଥରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ ସୂଚୀ ବିକ୍ଷେପିତ ହେଉଛି । ତମ୍ବା ତାରରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ ତାହା ଚୁମ୍ବକ ଭଳି କାର୍ଯ୍ୟ କରୁଛି ।

# 4 ନମ୍ବର ସମ୍ଭାଳିତ ପ୍ରଶ୍ନୋତ୍ତର

# ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ

**୧. ଭୂ-ତାର କଣ ? ପରିପଥ ସଂଯୋଗ ପ୍ରଣାଳୀ କଣ ଲେଖ । ଫ୍ୟୁଜ୍ ଲଘୁପଥକ ଭେର ଲୋଡ କ'ଣ ବୁଝାଅ । ଏହା ଗୃହ ବିଦ୍ୟୁତ୍ ପରିପଥର ଚିତ୍ର ଅଙ୍କନ କର ।**

ଉ : **ଭୂ-ତାର :**

i. ଏହା ସବୁଜ ବର୍ଣ୍ଣର ବିଦ୍ୟୁତ୍ ରୋଧୀ ଦ୍ୱାରା ଆଚ୍ଛାଦିତ ।

ii. ଏହାର ଗୋଟିଏ ପ୍ରାନ୍ତ ଏକ ଧାତବ ଫଳକ ସହ ସଂଯୁକ୍ତ ହୋଇଥାଏ ଯାହା ଘର ବାହାରେ ମାଟିରେ ଗଭୀରରେ ପୋତି ଦିଆଯାଏ । ଅନ୍ୟ ପ୍ରାନ୍ତଟି ବିଦ୍ୟୁତ୍ ଉପକରଣ ଧାତବ ଖୋଳ ସହ ଯୋଡ଼ି ଦିଆଯାଏ ।

iii. ଯଦି କେତେବେଳେ ବିଦ୍ୟୁତ୍ ସ୍ରୋତ ଲିକ୍ କରି ଧାତବ ଗୋଟିକୁ ଚାଲି ଆସେ ତାହା ଭୂ-ତାର ଯୋଗେ ମାଟିକୁ ଚାଲିଯାଏ ଏବଂ ଧାତବ ଉପକରଣକୁ ଛୁଇଁଲେ ବିଦ୍ୟୁତ୍ ଆଘାତ ଲାଗେ ନାହିଁ । ଏହି କାରଣରୁ ବୈଦ୍ୟୁତିକ ଟୋଷ୍ଟର, ରେଫ୍ରିଜେରେଟର ଆଦି ଉପକରଣ ଧାତବ ଖୋଳକୁ ଭୂ-ତାର ସଂଲଗ୍ନ କରାଯାଇଥାଏ ।

**ପରିପଥ ସଂଯୋଗ ପ୍ରମାଣ :**

i. ପ୍ରତି ପରିପଥରେ ପୃଥକ୍ ଭାବେ ବିଭିନ୍ନ ବିଦ୍ୟୁତ୍ ଉପକରଣ ଲାଇଭ ଓ ନିଉଟ୍ରାଲ ତାର ମଧ୍ୟରେ ସଂଯୋଗ କରାଯାଏ ।

ii. ପ୍ରତି ଉପକରଣ ପାଇଁ ଏକ ସ୍ୱତନ୍ତ୍ର (ON/Off) ସୁଇଚ୍ ରହିଥାଏ । ଏହା ସାହାଯ୍ୟରେ ଉପକରଣକୁ ବିଦ୍ୟୁତ୍ ଯୋଗାଣ କରାଯାଏ ବା ବନ୍ଦ କରାଯାଏ ।

iii. ସବୁ ଉପକରଣ ପାଇଁ ସମାନ ବିଦ୍ୟୁତ୍ ବିଭବାନ୍ତର ରଖିବା ସକାଶେ ସେଗୁଡ଼ିକର ସମାନ୍ତରାଳ ସଂଯୋଗ କରାଯାଏ ।



୨. **ବୃତ୍ତକାର ପରିବାହୀରେ ବିଦ୍ୟୁତ୍ ସ୍ରୋତ ଜନିତ ଚୁମ୍ବକୀୟ କ୍ଷେତ୍ର କିପରି ସୃଷ୍ଟି ହୁଏ ବୁଝାଅ ।**

ଉ : i. ବୃତ୍ତାକାର ପରିବାହୀରେ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେଲେ ଚୁମ୍ବକୀୟ କ୍ଷେତ୍ର ରେଖା ଗୁଡ଼ିକ ସମ କେନ୍ଦ୍ରିକ ବୃତ୍ତ ଆକାରର ହେବ ।

ii. ବଳ ରେଖା ଗୁଡ଼ିକ ଏକା ଦିଗରେ ବୃତ୍ତ ଆକାରରେ ଉର୍ଦ୍ଧ୍ୱମୁଖୀ ଅଟନ୍ତି ।

iii. ବୃତ୍ତାକାର ପରିବାହୀର କେନ୍ଦ୍ର ନିକଟରେ ଚୁମ୍ବକୀୟ କ୍ଷେତ୍ରରେଖା ଗୁଡ଼ିକ ପ୍ରାୟ ସମାନ୍ତର ଓ ସଳଖ ।

iv. କୁଣ୍ଡଳୀ କେନ୍ଦ୍ରରେ ଚୁମ୍ବକୀୟ କ୍ଷେତ୍ର ରେଖା ଗୁଡ଼ିକ ସମତଳ କୁଣ୍ଡଳୀର ସମତଳ ପ୍ରତି ଲମ୍ବ ।

v. କୁଣ୍ଡଳୀରେ ବିଦ୍ୟୁତ୍ ସ୍ରୋତର ପରିମାଣ ବୃଦ୍ଧି ହେଲେ କିମ୍ବା ଘେର ସଂଖ୍ୟା ବୃଦ୍ଧି ହେଲେ କୁଣ୍ଡଳୀରୁ ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ବଢ଼ିବ ।

vi. କୁଣ୍ଡଳୀର ବ୍ୟାସାର୍ଦ୍ଧ ବୃଦ୍ଧି ହେଲେ ଚୁମ୍ବକୀୟ କ୍ଷେତ୍ର ହ୍ରାସ ପାଏ ।



(ବିଦ୍ୟୁତ୍‌ସ୍ରୋତ ବହନ କଲା କୁଣ୍ଡଳୀ ଜନିତ ଚୁମ୍ବକୀୟ କ୍ଷେତ୍ର)

୩. **ଏକ ସରଳ ବୈଦ୍ୟୁତିକ ମୋଟରର ନାମାଙ୍କିତ ଚିତ୍ରକର ଓ ଏହାର କାର୍ଯ୍ୟ ପ୍ରଣାଳୀ ବୁଝାଅ ।**




ଉ : i. ବ୍ୟାଟେରୀରୁ ବିଦ୍ୟୁତ୍ ସ୍ରୋତ୍ ବ୍ରଶ x ମାଧ୍ୟମରେ କୁଣ୍ଡଳୀ ABCD ମଧ୍ୟରେ ପ୍ରବେଶ କରେ ଓ y ମାଧ୍ୟମରେ କୁଣ୍ଡଳୀ ମଧ୍ୟରୁ ପ୍ରସ୍ଥାନ କରିଥାଏ ।

ii. ବିଦ୍ୟୁତ୍ ସ୍ରୋତ ବାହୁ AB ରେ A ଓ B ଆଡ଼କୁ ଓ ବାହୁ CD ରେ C ଓ D ଆଡ଼କୁ ପ୍ରବାହିତ ହୋଇଥାଏ ।

iii. ଫ୍ଲେମିଂଙ୍କ ଦାମ ହସ୍ତ ନିୟମ ଅନୁସାରେ AB ଉପରେ କାର୍ଯ୍ୟକାରୀ ହେଉଥିବା ବଳ ଏହାକୁ ତଳ ଆଡ଼କୁ ଠେଲୁଥିବା ବେଳେ CD ଉପରେ କାର୍ଯ୍ୟକାରୀ ହେଉଥିବା ବଳ ଏହାକୁ ଉପରକୁ ଠେଲିଥାଏ ।

iv. କୁଣ୍ଡଳୀ ଓ ଅଖ ଗୋଟିଏ ଅର୍ଦ୍ଧ ଚକ୍ରିପଟେ ଘଣ୍ଟା କଣ୍ଟାର ବିପରୀତ ଦିଗରେ ଘୂରି ଥାଏ ।

v. ଅର୍ଦ୍ଧଘୂର୍ଣ୍ଣନ ହେବା ପରେ Q ବ୍ରଶ x ସହ ଓ p ବ୍ରଶ y ସହ ଲାଗିବ ।

vi. ପ୍ରତି ଅର୍ଦ୍ଧ ଘୂର୍ଣ୍ଣନ ପରେ ବିଦ୍ୟୁତ୍ ସ୍ରୋତ ଦିଗ ବଦଳି ଚାଲିବ ଏବଂ କୁଣ୍ଡଳୀ ଓ ଅଖ ଘଣ୍ଟା କଣ୍ଟାର ବିପରୀତ ଦିଗରେ ଅନବରତ ଘୂରି ଚାଲିବ ।

## 2 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

## ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ

**୧. ଗୋଟିଏ ତାର କୁଣ୍ଡଳୀରେ ପ୍ରେରିତ ବିଦ୍ୟୁତ୍ ପ୍ରବାହ କେଉଁ କେଉଁ ଉପାୟରେ ସୃଷ୍ଟି କରାଯାଇପାରିବ ବର୍ଣ୍ଣନା କର ।**

ଉ. i. ପରିବାହୀ ନିକଟରେ ଚୁମ୍ବକର ଗତି ଯୋଗୁଁ କିମ୍ବା ଚୁମ୍ବକ ନିକଟରେ ପରିବାହୀରୁ ଗତି ଯୋଗୁଁ ତାର କୁଣ୍ଡଳୀରେ ପ୍ରେରିତ ବିଦ୍ୟୁତ୍ ପ୍ରବାହ ସୃଷ୍ଟି ହୁଏ ।

ii. ପାଖାପାଖି ବିଦ୍ୟୁତ୍ ପ୍ରବାହିତ ହେଉଥିବା କୁଣ୍ଡଳୀ ଓ ବିଦ୍ୟୁତ୍ ପ୍ରବାହିତ ହେଉ ନ ଥିବା ତାର କୁଣ୍ଡଳୀ ଦ୍ୱୟ ମଧ୍ୟରୁ ଯେ କୌଣସି ଗୋଟିକରେ ଗତି କିମ୍ବା ନିକଟରେ ଥିବା ତାର କୁଣ୍ଡଳୀରେ ବିଦ୍ୟୁତ୍ ପ୍ରବାହିତ ପରିମାଣରେ ପରିବର୍ତ୍ତନ ହେଲେ ପ୍ରେରିତ ବିଦ୍ୟୁତ୍ ପ୍ରବାହ ସୃଷ୍ଟି ହେବ ।

**୨. 200V ଓ 5A ରେଟିଂ ବିଶିଷ୍ଟ ଗୋଟିଏ ଗୃହ ପରିପଥରେ ଗୋଟିଏ 2KW ପାୱାର ରେଟିଂର ବିଦ୍ୟୁତ ଚୁଲ୍ଲୀ ଲଗାଯାଇଛି ଚୁଲ୍ଲୀକୁ ଚାଲୁ କଲେ କଣ ଘଟିପାରେ ବୋଲି ଭାବୁଛ ବୁଝାଅ ?**

ଉ. i. $I = \frac{P}{V} = \frac{2kw}{220v} = \frac{2000W}{220V} = 9.09\ A$

ii. ବିଦ୍ୟୁତ୍ ସ୍ରୋତ୍ କିନ୍ତୁ ବିଦ୍ୟୁତ୍ ଚୁଲା ତା ଠାରୁ (9. 09 A) ଯଥେଷ୍ଟ ଅଧିକ ବିଦ୍ୟୁତ୍ ସ୍ରୋତ ବ୍ୟବହାର କରୁଛି । ତେଣୁ ଫ୍ୟୁଜ୍ ତରଳି ଯିବ ଓ ପରିପଥ ବିଚ୍ଛିନ୍ନ ହେବ ଏବଂ ବିଦ୍ୟୁତ୍ ଚୁଲ୍ଲୀ ସୁରକ୍ଷିତ ହେବ ।

**୩. ବୈଦ୍ୟୁତିକ ମୋଟର୍ ବ୍ୟବହାର କରୁଥିବା କିଛି ସାଧନର ନାମ ଲେଖ ।**

ଉ. ବିଦ୍ୟୁତ୍ ଚାଳିତ ପଙ୍ଖା, ରେଫ୍ରିଜରେଟର୍, ମିକ୍ସର, ଲୁଗାଧୁଆ ଯନ୍ତ୍ର, କମ୍ପୁଟର, MP - 3 ପ୍ଲେୟାର, ପାଣି ପମ୍ପ, କୁଲର୍, ଶୀତତାପ ଯନ୍ତ୍ର, ଧାନକୁଟା କଳ ।

**୪. ଦୁଇଟି ବୃତ୍ତାକାର, କୁଣ୍ଡଳୀ A ଓ B ପାଖାପାଖି ରହିଛି । ଯଦି କୁଣ୍ଡଳୀ A ରେ ବିଦ୍ୟୁତ୍ ପ୍ରବାହ ବଦଳେ, କୁଣ୍ଡଳୀ B ରେ କିଛି ପ୍ରେରିତ ବିଦ୍ୟୁତ୍ ପ୍ରବାହ ହେବ କି ? କାରଣ ଦିଅ ।**

ଉ. i. ହଁ, ଯଦି କୁଣ୍ଡଳୀ A ରେ ବିଦ୍ୟୁତ୍ ପ୍ରବାହ ବଦଳେ ତେବେ କୁଣ୍ଡଳୀ B ରେ କିଛି ପ୍ରେରିତ ବିଦ୍ୟୁତ୍ ପ୍ରବାହ ହେବ ।

ii. କାରଣ ଆମେ ଜାଣୁ ସେ ଯଦି ବିଦ୍ୟୁତ୍ ପ୍ରବାହ ପରିବର୍ତ୍ତନ ହେବ, ଚୁମ୍ବକୀୟ କ୍ଷେତ୍ରର ତୀବ୍ରତା ପରିବର୍ତ୍ତନ ହେବ । ତେଣୁ ଚୁମ୍ବକୀୟ କ୍ଷେତ୍ରର ରେଖା ପରିବର୍ତ୍ତନ ହେଲେ B ର ମଧ୍ୟ ଚୁମ୍ବକୀୟ କ୍ଷେତ୍ରର ରେଖା ପରିବର୍ତ୍ତନ ହେବ । A ରେ ବିଦ୍ୟୁତ୍ ପ୍ରବାହ ବଦଳିବ ଫଳରେ B ରେ ପ୍ରେରିତ ବିଦ୍ୟୁତ୍ ପ୍ରବାହ ହେବ ।

**୫. ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣ କାହାକୁ କୁହାଯାଏ ?**

ଉ. i. ଗୋଟିଏ ପରିବାହୀ ସହ ସମ୍ପୃକ୍ତ ଚୁମ୍ବକୀୟ କ୍ଷେତ୍ରର ପରିବର୍ତ୍ତନ ହେଲେ ଅନ୍ୟ ଏକ ପରିବାହୀରେ ପ୍ରେରିତ ବିଦ୍ୟୁତ୍ ସ୍ରୋତ ସୃଷ୍ଟି ହୁଏ ।

ii. ଏହାକୁ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣ କହନ୍ତି ।

**୬. ଫ୍ଲେମିଂଙ୍କ ବାମ ହସ୍ତ ନିୟମରେ ବୃଦ୍ଧାଙ୍ଗୁଳି କାହାର ଓ ତର୍ଜନୀ କାହାର ଦିଗ ସୂଚାଏ ?**

ଉ. i. ତର୍ଜନୀ ଚୁମ୍ବକୀୟ କ୍ଷେତ୍ରର ଦିଗ ସୂଚାଏ ।

ii. ପରିବାହୀ ଉପରେ କାର୍ଯ୍ୟକାରୀ ହେଉଥିବା ବଳର ଦିଗ ବା ତାର ଗତିର ଦିଗ ବୃଦ୍ଧାଙ୍ଗୁଳି ଦ୍ୱାରା ନିର୍ଦ୍ଦେଶିତ ହେବ ।

**୭. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମ ଲେଖ ?**

ଉ. i. ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି, ତର୍ଜନୀ ଓ ମଧ୍ୟମାକୁ ଏପରି ଖୋଲି ରଖ ଯେପରିକି ସେ ଗୁଡ଼ିକ ପରସ୍ପର ପ୍ରତି ସମକୋଣରେ ରହିବେ ।

ii. ତର୍ଜନୀ ଚୁମ୍ବକୀୟ କ୍ଷେତ୍ରର ଦିଗ ଓ ବୃଦ୍ଧାଙ୍ଗୁଳି ପରିବାହୀର ଗତିର ଦିଗ ନିର୍ଦ୍ଦେଶ କଲେ ମଧ୍ୟମା ପ୍ରେରିତ ବିଦ୍ୟୁତ୍ ପ୍ରବାହର ସୃଷ୍ଟିର ଦିଗ ନିର୍ଦ୍ଦେଶ କରିବେ ।

**୮. ବିଦ୍ୟୁତ୍ ଜେନେରେଟର୍‌ର କାହାକୁ କହନ୍ତି ଓ ଏହାର ମୂଳତତ୍ତ୍ୱ କ'ଣ ?**

ଉ i. ଯେଉଁ ଉପକରଣ ସାହାଯ୍ୟରେ ଯାନ୍ତ୍ରିକ ଶକ୍ତି ବିଦ୍ୟୁତ୍ ଶକ୍ତିରେ ରୂପାନ୍ତରିତ ହୁଏ, ତାକୁ ବିଦ୍ୟୁତ୍ ଜେନେରେଟର କହନ୍ତି ।

ii. ବିଦ୍ୟୁତ୍ ଜେନେରେଟର୍‌ରେ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣ ଉପରେ ପର୍ଯ୍ୟବେଶିତ । ମୁଦିତ ତାର କୁଣ୍ଡଳୀକୁ ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ଘୁରାଇଲେ କ୍ଷେତ୍ର ରେଖାର ମାନ ପରିବର୍ତ୍ତନ ହୋଇ କୁଣ୍ଡଳୀ ମଧ୍ୟରେ ପ୍ରେରିତ ବିଦ୍ୟୁତ୍ ପ୍ରବାହ ସୃଷ୍ଟି ହୁଏ ।

**୯. ଏ.ସି. ଜେନେରେଟ୍‌ରର ଓ ଡି.ସି. ଜେନେରେଟ୍‌ରର କାହାକୁ କହନ୍ତି ?**

ଉ. i. ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ୍ ସ୍ରୋତ ଉତ୍ପନ୍ନ କରୁଥିବା ଜେନେରେଟ୍‌ରରକୁ ଏ.ସି. ଜେନେରେଟ୍‌ରରେ କହନ୍ତି ।

ii. ଯେଉଁ ଜେନେରେଟ୍‌ର ସଳଖ ବିଦ୍ୟୁତ୍ ସ୍ରୋତ ଉତ୍ପନ୍ନ କରେ ସେହି ଜେନେରେଟ୍‌ରକୁ ଡି.ସି. ଜେନେରେଟ୍‌ର କହନ୍ତି ।

**୧୦. ମୁଖ୍ୟ ବିଦ୍ୟୁତ୍ ଯୋଗାଣ ତାର ଓ ଭୂ-ତାର କାହାକୁ କହନ୍ତି ?**

ଉ. i. ବିଦ୍ୟୁତ୍ ଖୁଣ୍ଟିରୁ ଝୁଲନ୍ତା ତାର ବା ମାଟି ତଳେ କେବଲ୍ ଦ୍ୱାରା ଯେଉଁ ଦୁଇଟି ତାର ଘରକୁ ଆସିଥାଏ । ତାହାକୁ ମୁଖ୍ୟ ବିଦ୍ୟୁତ୍ ଯୋଗାଣ ତାର କୁହାଯାଏ ।

ii. ଘରେ ଫ୍ୟୁଜ୍ ତାର ଓ ନିଉଟ୍ରାଲ ତାର ସାଙ୍ଗକୁ ବ୍ୟବହୃତ ହେଉଥିବା ତାରକୁ ଭୂ-ତାର କୁହାଯାଏ ।

# ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ

## 4 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

**୧. ସଲେନଏଡ୍ କ'ଣ ? ଏହା କିପରି ଦଣ୍ଡ ଚୁମ୍ବକ ଭଳି କାର୍ଯ୍ୟ କରେ ?**

ଉ. i. ସଲେନଏଡ୍ ହେଉଛି ବିଦ୍ୟୁତ ରୋଧୀ ଆବରଣ ଯୁକ୍ତ ତମ୍ବାତାର ନିର୍ମିତ ବହୁ ବୃତ୍ତାକାର ଘେର ବିଶିଷ୍ଟ ଏକ କୁଣ୍ଡଳୀ ।

ii. ଦଣ୍ଡଚୁମ୍ବକ ଭଳି ସଲେନଏଡ୍‌ର ଉଭୟ ଦିଗ ଓ ଆକର୍ଷଣ ଅଛି । ଏହାର ଚୁମ୍ବକୀୟ କ୍ଷେତ୍ରରେଖା ଦଣ୍ଡଚୁମ୍ବକର କ୍ଷେତ୍ରରେଖା ସହ ସମାନ ।

iii. ସଲେନଏଡ୍‌ର ବାହାରେ ଚୁମ୍ବକୀୟ କ୍ଷେତ୍ରରେଖା ଉତ୍ତର ମେରୁରୁ ଦକ୍ଷିଣ ମେରୁ ଓ ସଲେନଏଡ୍ ମଧ୍ୟରେ ଦକ୍ଷିଣ ମେରୁରୁ ଉତ୍ତର ମେରୁକୁ ଗତି କରେ ।

iv. ଦଣ୍ଡ ଚୁମ୍ବକର ଉତ୍ତର ଓ ଦକ୍ଷିଣ ମେରୁ ଭଳି ସଲେନଏଡ୍‌ର ମଧ୍ୟ ଉତ୍ତର ଓ ଦକ୍ଷିଣ ମେରୁ ଅଛି ।

**୨. ବୈଦ୍ୟୁତିକ ମୋଟର କେଉଁ ନିୟମରେ କାର୍ଯ୍ୟ କରେ ? ଏହାର ଗଠନ ଆଲୋଚନା କର ?**

ଉ. i. ଯେତେବେଳେ ଏକ ବିଦ୍ୟୁତ୍ ପ୍ରବାହୀ ପରିବାହୀକୁ ଚୁମ୍ବକୀୟ କ୍ଷେତ୍ର ପ୍ରତି ସମକୋଣରେ ରଖାଯାଏ, ଉଭୟ ଚୁମ୍ବକୀୟ କ୍ଷେତ୍ର ଓ ବିଦ୍ୟୁତ୍ - ସ୍ରୋତ ପ୍ରତି ଲମ୍ବ ଭାବରେ ଥିବା ଏକ ବଳ ପରିବାହୀ ଉପରେ କ୍ରିୟାଶୀଳ ହେବା ଦ୍ୱାରା ପରିବାହୀଟି ଗତିଶୀଳ ହୁଏ ।

ii. ବୈଦ୍ୟୁତିକ ମୋଟର ମଧ୍ୟରେ ଏକ ଆୟତକାର ତାର କୁଣ୍ଡଳୀ ଥାଏ, ଯାହା ବିଦ୍ୟୁତ୍ ରୋଧୀରେ ଆଚ୍ଛାଦିତ ହୋଇଥିବା ତମ୍ବା ତାରରୁ ତିଆରି ହୋଇଥାଏ ।

iii. ଗୋଟିଏ ଚୁମ୍ବକର ଦୁଇଟି ମେରୁ (N ଓ S) ମଧ୍ୟରେ କୁଣ୍ଡଳୀକୁ ଏମିତି ରଖାଯାଏ ଯେ ଏହାର ଦୁଇବାହୁ ଚୁମ୍ବକୀୟ କ୍ଷେତ୍ର ପ୍ରତି ଲମ୍ବ ହୁଏ ଏବଂ କୁଣ୍ଡଳୀର ଦୁଇ ପ୍ରାନ୍ତକୁ ଗୋଟିଏ ବିଖଣ୍ଡିତ ବଳୟର ଦୁଇ ଅର୍ଦ୍ଧାଂଶ ସହ ସଂଯୁକ୍ତ କରାଯାଇଥାଏ ।

iv. ଦୁଇ ଅର୍ଦ୍ଧାଂଶର ଭିତର ପଟ ବିଦ୍ୟୁତ୍ ରୋଧୀ ଓ ଏହା ଗୋଟିଏ ଅଖ ସହ ଲାଗିଥାଏ । ଦୁଇ ଅର୍ଦ୍ଧାଂଶର ବାହାର ପଟ ବିଦ୍ୟୁତ୍ ସୁପରିବାହୀ ଏବଂ ଏଗୁଡ଼ିକ ଦୁଇଟି ସ୍ଥିର ଓ ସୁପରିବାହୀ ବ୍ରଶ୍‌କୁ ସ୍ପର୍ଶ କରିଥାଏ ।

## 3 ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର

**୧. ବିଦ୍ୟୁତ୍ ମୋଟର ଓ ପଙ୍ଖା ନିର୍ମାଣରେ ଫ୍ଲେମିଂଙ୍କ କେଉଁ ନିୟମ ବ୍ୟବହାର କରାଯାଏ ଲେଖି ନିୟମ ଗୁଡ଼ିକୁ ଦର୍ଶାଅ ।**

ଉ. i. ବିଦ୍ୟୁତ୍ ମୋଟର ଓ ପଙ୍ଖା ନିର୍ମାଣରେ ଫ୍ଲେମିଂଙ୍କ ବାମ ହସ୍ତ ନିୟମ ବ୍ୟବହାର କରାଯାଏ ।

ii. ବାମହସ୍ତର ବୃଦ୍ଧାଙ୍ଗୁଳି, ତର୍ଜନୀ ଓ ମଧ୍ୟମାକୁ ଏପରି ଖୋଲି ରଖ ଯେପରି ସେମାନେ ପରସ୍ପର ପ୍ରତି ଲମ୍ବ ହେବେ ।

iii. ଯଦି ତର୍ଜନୀ ଚୁମ୍ବକୀୟ କ୍ଷେତ୍ରର ଦିଗ ଓ ମଧ୍ୟମା ବିଦ୍ୟୁତ୍ ସ୍ରୋତର ଦିଗ ସୂଚାଏ ତେବେ ପରିବାହୀ ଉପରେ କାର୍ଯ୍ୟକାରୀ ଦେଉଥିବା ବଳର ଦିଗ ବା ପରିବାହୀ ଗତିର ଦିଗ ବୃଦ୍ଧାଙ୍ଗୁଳି ଦ୍ୱାରା ନିର୍ଦ୍ଦେଶିତ ହୁଏ ।

**୨. ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ବିଦ୍ୟୁତ୍ ସ୍ରୋତର ଧାରୀ ପରିବାହୀ ଉପରେ କେଉଁ ବଳ କାର୍ଯ୍ୟକାରୀ ହୁଏ ଓ ଏହାର ଦିଗ ପାଇଁ କେଉଁ କେଉଁ କାରକ ଉପରେ ନିର୍ଭର କରେ ?**

ଉ. i. ପରିବାହୀରେ ବିଦ୍ୟୁତ୍ ପ୍ରବାହ ହେଲେ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହୁଏ । ଏହି ପରିବାହୀ ଉପରେ ଚୁମ୍ବକୀୟ କ୍ଷେତ୍ର ଜନିତ ବଳ କାର୍ଯ୍ୟକାରୀ ହୁଏ ।

ii. ବିଦ୍ୟୁତ୍ ସ୍ରେତାର ଦିଗ ବଳର ଦିଗ ନିର୍ଣ୍ଣୟ କରେ । ବିଦ୍ୟୁତ୍ ସ୍ରୋତର ଦିଗ ବିପରୀତ ହେଲେ ବଳର ଦିଗ ମଧ୍ୟ ବିପରୀତ ହୁଏ ।

iii. ବିଦ୍ୟୁତ୍ ସ୍ରୋତର ଦିଗ ଚୁମ୍ବକୀୟ କ୍ଷେତ୍ରର ଦିଗ ପ୍ରତି ଲମ୍ବ ହେଲେ ପରିବାହୀରେ ସର୍ବାଧିକ ବଳ କାର୍ଯ୍ୟକାରୀ ହୁଏ ।

**୩. ବୈଦ୍ୟୁତିକ ବଳ ଓ ଚୁମ୍ବକୀୟ ବଳ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

ଉ :

| ବୈଦ୍ୟୁତିକ ବଳ | ଚୁମ୍ବକୀୟ ବଳ |
|---|---|
| i. ଏହା ସ୍ଥିରାବସ୍ଥା କିମ୍ବା ଗତିଶୀଳ ଅବସ୍ଥାର ଥିବା ଚାର୍ଜିତ କଣିକା ଉପରେ କ୍ରିୟାଶୀଳ ହୁଏ । | i. ଚାର୍ଜିତ କଣିକା ଚୁମ୍ବକୀୟ କ୍ଷେତ୍ରରେ ଗତିଶୀଳ ହେବା ବେଳେ ଚୁମ୍ବକୀୟ ବଳ କ୍ରିୟାଶୀଳ ହୁଏ । |
| ii. ଏହା ବୈଦ୍ୟୁତିକ ରେଖା ଗୁଡ଼ିକ ପ୍ରତି ସମାନ୍ତର କିମ୍ବା ଅସମାନ୍ତର ହୋଇଥାଏ । | ii. ଏହା ଚୁମ୍ବକୀୟ ରେଖା ଗୁଡ଼ିକ ପ୍ରତି ଲମ୍ବ । |
| iii. ଏହି ବଳର ପରିମାଣ ଚୁମ୍ବକୀୟ ବଳ ତୁଳନାରେ ଅତି ଅଧିକ । | iii. ଏହି ବଳର ପରିମାଣ ବୈଦ୍ୟୁତିକ ବଳ ତୁଳନାରେ କମ୍ ଖୁବ୍ । |

**୪. ଦକ୍ଷିଣହସ୍ତ ବୃଦ୍ଧାଙ୍ଗୁଳି ନିୟମଟି କ'ଣ ବୁଝାଅ ।**

ଉ. i. ଏକ ବିଦ୍ୟୁତ୍ ପ୍ରବାହୀ ଚୁମ୍ବକୀୟ କ୍ଷେତ୍ର ତାରକୁ ଡାହାଣ ହାତରେ ଏପରି ମୁଠାଇ ଧରାଯାଉ ସେହପରି ବୃଦ୍ଧାଙ୍ଗୁଳି ବିଦ୍ୟୁତ୍ ପ୍ରବାହ ଦିଗରେ ତାର ସହ ସମାନ୍ତର ହୋଇ ରହିବ ଏବଂ ଅନ୍ୟ ଆଙ୍ଗୁଳି ଗୁଡ଼ିକତାର ଚାରିପଟେ ଘେରି ହୋଇ ରହିବ ।




ii. ବୃଦ୍ଧାଙ୍ଗୁଳି ବିଦ୍ୟୁତ୍ ପ୍ରବାହ ଦିଗରେ ରହିଲେ ଆଙ୍ଗୁଳି ଗୁଡ଼ିକର ଟିପ ଚୁମ୍ବକୀୟ କ୍ଷେତ୍ରର ଦିଗ ନିର୍ଦ୍ଦେଶ କରିବ ।

**୫. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମ ବୁଝାଅ । ଏହାର ଉପଯୋଗିତା ଉଲ୍ଲେଖ କର ।**

**ଉ.** i. କୁଣ୍ଡଳୀର ଗତିର ଦିଗ ଚୁମ୍ବକୀୟ କ୍ଷେତ୍ରର ଦିଗ ପ୍ରତି ଲମ୍ବ ହେଲେ ପ୍ରେରିତ ବିଦ୍ୟୁତ୍ ସ୍ରୋତରର ପରିମାଣ ସବୁଠାରୁ ଅଧିକ ହୁଏ । ଏ କ୍ଷେତ୍ରରେ ପ୍ରେରିତ ବିଦ୍ୟୁତ୍ ସ୍ରୋତର ଦିଗ ଜାଣିବା ପାଇଁ ଫ୍ଲେମିଂଙ୍କ ଦକ୍ଷିଣହସ୍ତ ନିୟମ ବ୍ୟବହୃତ ହୁଏ ।

ii. ଦକ୍ଷିଣହସ୍ତର ବୃଦ୍ଧାଙ୍ଗୁଳି ତର୍ଜନୀ ଓ ମାଧ୍ୟମାକୁ ଏପରି ଖୋଲି ରଖାଯାଉ ଯେପରି ପରସ୍ପର ପ୍ରତି ସମକୋଣରେ ରହିବେ ।

iii. ତର୍ଜନୀ ଚୁମ୍ବକୀୟ କ୍ଷେତ୍ରର ଦିଗ ନିର୍ଦ୍ଦେଶ କଲେ ମଧ୍ୟମା ପ୍ରେରିତ ବିଦ୍ୟୁତ୍ ପ୍ରବାହର ଦିଗ ନିର୍ଦ୍ଦେଶ କରିବେ ।

**ଉପଯୋଗିତା :** ଏହି ନିୟମାନୁଯାୟୀ ବିଦ୍ୟୁତ୍ ଜେନେରେଟର କାର୍ଯ୍ୟ ପ୍ରଣାଳୀ ଆଧାରିତ ।




**୬. ଗୋଟିଏ ସଲେନଏଡ୍‌ରେ ବିଦ୍ୟୁତ୍ ସ୍ରୋତ ଜନିତ ଚୁମ୍ବକୀୟ କ୍ଷେତ୍ର କିପରି ସୃଷ୍ଟି ହୁଏ ବର୍ଣ୍ଣନା କର ।**

**ଉ.** i. ସଲେନ୍ଏଡ୍ ହେଉଛି ବିଦ୍ୟୁତରୋଧ 4 ଆବରଣ ଯୁକ୍ତ ତମ୍ବାତାର ନିର୍ମିତ ବହୁ ବୃତ୍ତାକାର ଘେର ବିଶିଷ୍ଟ ଏକ କୁଣ୍ଡଳୀ ଏବଂ ଏହାର ଭିତରପଟେ ସବୁଠାରେ ଚୁମ୍ବକୀୟ କ୍ଷେତ୍ରର ପରିମାଣ ଓ ଦିଗ ସମାନ ।

ii. ସଲେନଏଡ୍‌ରେ ବିଦ୍ୟୁତ ପ୍ରବାହିତ ହେଲେ ଏହା ଏକ ଦଣ୍ଡ ଚୁମ୍ବକ ପରି କାର୍ଯ୍ୟ କରେ । ଏହାର ଗୋଟିଏ ପ୍ରାନ୍ତ ଚୁମ୍ବକୀୟ ଉତ୍ତର ମେରୁ ଓ ଅନ୍ୟ ପ୍ରାନ୍ତ ଦକ୍ଷିଣ ମେରୁ ପରି ଆଚରଣ କରେ ।

iii. ସଲେନଏଡ୍‌ରେ ବିଦ୍ୟୁତ୍‌ର ପରିମାଣ କିମ୍ବା ଘେର ସଂଖ୍ୟା ବୃଦ୍ଧି ପାଇଲେ ଏହାର ଚୁମ୍ବକୀୟ କ୍ଷେତ୍ରର ତୀବ୍ରତା ବୃଦ୍ଧିପାଏ ଏବଂ ଏହା ଭିତରେ ଏକ ନରମ ଲୁହା ରଖିଲେ ଏହାର ଚୁମ୍ବକୀୟ କ୍ଷେତ୍ର ଶକ୍ତିଶାଳୀ ହୋଇଥାଏ ।

**୭. ବୈଦ୍ୟୁତିକ ଉପକରଣ ଗୁଡ଼ିକର ପଙ୍କ୍ତି ସଂଯୋଗର ଥିବା ତିନୋଟି ଅସୁବିଧା ଲେଖ ।**

**ଉ.** i. ପଂକ୍ତି ସଂଯୋଗରେ ପରିପଥରେ ସଂଯୁକ୍ତ ପ୍ରତ୍ୟେକ ଉପକରଣରେ ସେମାନଙ୍କ ପ୍ରତିରୋଧ ଅନୁଯାୟୀ ଭୋଲଟେଜ୍ ବିଭାଜିତ ହୁଏ । ଫଳରେ ପ୍ରତ୍ୟେକ ଉପକରଣ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଭୋଲଟେଜ୍ ପାଇ ନଥାନ୍ତି ।

ii. ପରିପଥରେ ସଂଯୁକ୍ତ ଗୋଟିଏ ଉପକରଣ ଅଚଳ ହେଲେ ପରିପଥଟି ସମ୍ପୂର୍ଣ୍ଣ ଅଚଳ ହୋଇଯାଏ ।

iii. ପରିପଥରେ କୌଣସି ଉପକରଣକୁ ସ୍ୱତନ୍ତ୍ର ଭାବରେ ବ୍ୟବହାର କରାଯାଇପାରିବ ନାହିଁ ।

**୮. ଏକ ବୃତ୍ତାକାର ତାର କୁଣ୍ଡଳୀରେ ବିଦ୍ୟୁତ୍ ପ୍ରବାହ ଯୋଗୁଁ ସୃଷ୍ଟ ଚୁମ୍ବକୀୟ କ୍ଷେତ୍ରର ପ୍ରକୃତି ବୁଝାଅ ।**

**ଉ.** i. ତାର କୁଣ୍ଡଳୀର ନିକଟରେ କ୍ଷେତ୍ର ରେଖା ଗୁଡ଼ିକ ପ୍ରାୟତଃ ଏକ କୈନ୍ଦ୍ରିୟ ବୃତ୍ତ ପରି ଓ କୁଣ୍ଡଳୀର କେନ୍ଦ୍ର ଠାରେ ସେମାନେ ସରଳରେଖା ପରି ଓ ପରସ୍ପର ସମାନ୍ତର ।

ii. କୁଣ୍ଡଳୀର ଭିତର ଅଂଶରେ କ୍ଷେତ୍ର ରେଖା ଗୁଡ଼ିକର ଦିଗ ସମାନ ହେଇଥାଏ । କୁଣ୍ଡଳୀର କେନ୍ଦ୍ର ଠାରେ କ୍ଷେତ୍ର ରେଖା ଗୁଡ଼ିକ କୁଣ୍ଡଳୀର ପୃଷ୍ଠ ପ୍ରତି ଲମ୍ବ ଅଟନ୍ତି ।

iii. କୁଣ୍ଡଳୀର କେନ୍ଦ୍ର ଆଡ଼କୁ ଗଲେ ଚୁମ୍ବକୀୟ କ୍ଷେତ୍ରର ତୀବ୍ରତା କ୍ରମଶଃ ବୃଦ୍ଧି ପାଏ ।

**୯. ବିଦ୍ୟୁତ୍ ଚୁମ୍ବକ ଓ ସ୍ଥାୟୀ ଚୁମ୍ବକ ମଧ୍ୟରେ ତିନୋଟି ପାର୍ଥକ୍ୟ ଲେଖ ?**

**ଉ. ବିଦ୍ୟୁତ୍ ଚୁମ୍ବକ :**

i. ବିଦ୍ୟୁତ୍ ସ୍ରୋତ ବନ୍ଦ ହେଲେ ବିଦ୍ୟୁତ୍ ଚୁମ୍ବକର ଚୁମ୍ବକତ୍ୱ ଲୋପ ପାଏ ଅର୍ଥାତ୍ ଏହା ଏକ ଅସ୍ଥାୟୀ ଚୁମ୍ବକ ।

ii. ବିଦ୍ୟୁତ୍ ସ୍ରୋତର ପରିମାଣ ବାଘେର ସଂଖ୍ୟାକୁ ବୃଦ୍ଧି କିମ୍ବା ହ୍ରାସ କଲେ ଚୁମ୍ବକୀୟ ସାମର୍ଥ୍ୟ ବୃଦ୍ଧି ବା ହ୍ରାସ ହୁଏ ଅର୍ଥାତ୍ ବିଦ୍ୟୁତ୍ ଚୁମ୍ବକର ସାର୍ମଥ୍ୟ ବଦଳା ଯାଇପାରେ ।

iii. ବିଦ୍ୟୁତ୍ ସ୍ରୋତର ଦିଗ ବଦଳିଲେ ଚୁମ୍ବକୀୟ କ୍ଷେତ୍ରର ଦିଗ ମଧ୍ୟ ବଦଳେ ଅର୍ଥାତ୍ ବିଦ୍ୟୁତ୍ ସ୍ରୋତର ଦିଗ ବଦଳାଇ ବିଦ୍ୟୁତ୍ ଚୁମ୍ବକୀୟ ମେରୁ ପରିବର୍ତ୍ତନ କରାଯାଇପାରେ ।

**ସ୍ଥାୟୀ ଚୁମ୍ବକ :**

i. ଏହାର ଚୁମ୍ବକତ୍ୱ ଲୋପ ପାଏ ନାହିଁ । ii. ଏହାର ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ପରିବର୍ତ୍ତନ କରାଯାଇପାରେ ନାହିଁ ।

iii. ଏହାର ମେରୁ ପରିବର୍ତ୍ତନ କରିପାରିବ ନାହିଁ ।

# MODEL SET - 1

ନିମ୍ନୋକ୍ତ ପ୍ରଶ୍ନ ଗୁଡ଼ିକ ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଉତ୍ତର ଖାତାରେ ନୀଳ ଚିହ୍ନରେ ଚିହ୍ନିତ କର ।

୧. ଗୋଟିଏ, ଅବତଳ ଦର୍ପଣର ଫୋକସ୍ ଦୂରତା **10 cm** ଓ ବସ୍ତୁଟି **20 cm** ଦୂରରେ ଅଛି ପ୍ରତିବିମ୍ବର ପ୍ରକୃତି କ'ଣ ହେବ ?

a. ସଳଖ ଓ ଆଭାସୀ b. ବାସ୍ତବ ଓ ସଳଖ c. ସଳଖ ଓ ସମାନ d. ବାସ୍ତବ ଓ ସମାନ

୨. ଦନ୍ତ ଚିକିତ୍ସକ ମାନେ ଦନ୍ତ ପରୀକ୍ଷା ସମୟରେ କେଉଁ ଦର୍ପଣ ବ୍ୟବହାରରେ ଆସିଥାଏ ?

a. ଦ୍ୱିତଳ b. ଉତ୍ତଳ c. ଅବତଳ d. ଉତ୍ତଳ - ଅବତଳ

୩. ବସ୍ତୁର କେଉଁ ଅବସ୍ଥାନ ପାଇଁ ଅବତକ ପର୍ଦଣରେ ପ୍ରତିବିମ୍ବ ଦର୍ପଣର ପଛ ପଟେ ଗଠିତ ହୁଏ ?

a. c ଓ f ମଧ୍ୟରେ b. ଅନନ୍ତ ଦୂରତାରେ c. p ଓ f ମଧ୍ୟରେ d. c ଠାରେ

୪. ପରିବର୍ଦ୍ଧନ **mz + 0.6** ଓ ବସ୍ତୁର ଉଚ୍ଚତା **5 cm** ହେଲେ ପ୍ରତିବିମ୍ବର ଉଚ୍ଚତା କେତେ ?

a. 5 Cm b. 3 Cm c. 6 Cm d. 8 Cm

୫. ଏକ ପ୍ରତିସରଣ ପୃଷ୍ଠରେ ଆପତନ କୋଣ $60^0$ ଓ ପ୍ରତିସରଣ କୋଣ $30^0$ ହେଲେ ପ୍ରତିସରଣାଙ୍କ ହେବ :

a. $\sqrt{2}$ b. $\sqrt{3}$ c. $2\sqrt{2}$ d. $1/2$

୬. ଆୟତଘନାକାର କାଚ ସ୍ଲାବରେ କେତେଥର ପ୍ରତିସରଣ ହୁଏ ?

a. 1 b. 2 c. 3 d. 4

୭. ପାୱାର **4D** ବିଶିଷ୍ଟ ଉତ୍ତଳ ଲେନସ୍ କାନ୍ଥ ଠାରୁ **50 cm** ଦୂରରେ ଅଛି । ଗୋଟିଏ ବସ୍ତୁକୁ କେତେ ଦୂରରେ ରଖିଲେ ଏହାର ବାସ୍ତବ ପ୍ରତିବିମ୍ବ କାନ୍ଥରେ ପଡ଼ିବ ?

a. 50 cm b. 40 cm c. 4 cm d. 20 cm

୮. ଉତ୍ତଳ ଲେନ୍ସରେ କାହା ମଧ୍ୟ ଦେଇ ଆଲୋକ ରଶ୍ମୀ ଗତି କରି ପ୍ରତିସୃତ ରଶ୍ମୀ ପ୍ରମୁଖ ଅକ୍ଷସହ ସମାନ୍ତର ଭାବେ ଗତି କରେ ?

a. ଆଲୋକ କେନ୍ଦ୍ର b. ଫୋକସ୍ c. ବକ୍ରତା କେନ୍ଦ୍ର d. ପୋର୍

୯. ଛାତ୍ରଟି କଳାପଟାରେ ଲେଖାଥିବା ଅକ୍ଷରକୁ ସ୍ପଷ୍ଟ ଭାବରେ ଦେଖିପାରୁ ନାହିଁ । ତା'କୁ ନିମ୍ନୋକ୍ତ କେଉଁ ଦୃଷ୍ଟିକୋଣ ହୋଇଛି ।

a. ସମୀପ b. ଦୂର c. ଚାଳିଶା d. ମୋତିଆବିନ୍ଦୁ

୧୦. ମୁକୁରିକାରେ ସୃଷ୍ଟି ହେଉଥିବା ପ୍ରତିବିମ୍ବ ବସ୍ତୁ ତୁଳନାରେ କ'ଣ ହୁଏ ?

a. ଆଭାସୀ, ସଳଖ ଓ ବଡ଼ b. ବାସ୍ତବ, ଓଲଟା ଓ ବଡ

c. ଆଭାସୀ, ସଳଖ ଓ ସାନ d. ବାସ୍ତବ, ଓଲଟା ଓ ସାନ

୧୧. ଦୃଶ୍ୟମାନ ଆଲୋକରଶ୍ମୀ ମଧ୍ୟରୁ ଯେଉଁ ବର୍ଣ୍ଣ ସର୍ବନିମ୍ନ ବିଚ୍ଛୁରଣ ବର୍ଣ୍ଣ ଅଟେ ?

a. ନୀଳ b. ଲାଲ୍ c. ସବୁଜ d. ହଳଦିଆ

୧୨. ସ୍ପଷ୍ଟ ଦର୍ଶନର ନିମ୍ନତମ ଦୂରତା କେତେ ?

a. ଅନନ୍ତ b. 25 Cm c. 15 Cm d. 30 Cm

୧୩. ଟିଣ୍ଡାଲ୍ ସିଦ୍ଧାନ୍ତ ସାଧାରଣତଃ କେଉଁ ଥିରେ ଲକ୍ଷ୍ୟ କରାଯାଏ ?

a. ମିଶ୍ରଣ b. ଦ୍ରବଣ c. କଲଏଡ୍ d. ସମ୍ ପେନ୍ସନ୍

୧୪. ନିମ୍ନ ରୋଗୀମାନଙ୍କ ମଧ୍ୟରୁ କେଉଁ ରୋଗରେ ମୃତ୍ୟୁବରଣ କରିଥିବା ଲୋକ ଚକ୍ଷୁଦାନ କରିପାରିବେ ନାହିଁ ।

a. ମଧୁମେହ  b. ଉଚ୍ଚ ରକ୍ତଚାପ  c. ଶ୍ୱାସ ରୋଗ  d. ଏଡ୍ସ

୧୫. ସୋଡ଼ିୟମ୍ ଥାୟୋସଲ୍ଫେଟ୍ ଓ ଗାଢ଼ ଗନ୍ଧକାମ୍ଳ ମଧ୍ୟରେ ରାସାୟିନକ ପ୍ରତିକ୍ରିୟାରୁ କ'ଣ ସୃଷ୍ଟି ହୁଏ ?

a. ଅଙ୍ଗାର କଣିକା  b. କ୍ଷୁଦ୍ର ଧୂଳିକଣା  c. ସୋଡ଼ିୟମ୍  d. ସଲଫର୍

୧୬. 1C ଚାର୍ଜ କେତୋଟି ଇଲେକ୍ଟ୍ରନ୍‌କୁ ବୁଝାଏ ?

a. $6.25 \times 10^{18}$  b. $1.6 \times 10^{-19}$  c. $6.023 \times 10^{23}$  d. $2.6 \times 10^{18}$

୧୭. ବିଦ୍ୟୁତ୍ ପରିପଥରେ ସଙ୍କେତ କାହାକୁ ସୂଚାଇଥାଏ ?

a. ବ୍ୟାଟେରୀ  b. ପ୍ରତିରୋଧି  c. ପ୍ଲଗ୍ କି  d. କୌଣସିଟି ନୁହେଁ

୧୮. ବିଦ୍ୟୁତ୍ ଲାଇନ୍‌ରେ ଓମ୍ ପ୍ରତିରୋଧର ଗୋଟିଏ ହିଟର ଲାଗିଲେ ପ୍ରବାହିତ ବିଦ୍ୟୁତ୍ ସ୍ରୋତର ପରିମାଣ ହେଉଛି-

a. 220 A  b. 110 A  c. 200 A  d. 2 A

୧୯. ବିଶିଷ୍ଟ ପ୍ରତିରୋଧର ଏକକ ହେଉଛି ।

a. ଓମ୍ ମିଟର  b. ଓମ୍$^{-1}$ ମିଟର  c. ଓମ୍ ମିଟର$^{-1}$  d. ଓମ୍ ମିଟର$^{2}$

୨୦. ଚିତ୍ରିତ ପରିପଥର ସମୂହ ପ୍ରତିରୋଧ ନିର୍ଣ୍ଣୟ କର ?




a. 1Ω  b. 2Ω

c. 3Ω  d. 4Ω

୨୧. ବିଦ୍ୟୁତ୍ ପରିପଥରେ ଫ୍ୟୁଜ୍‌କୁ କିପରି ସଂଯୋଗ କରାଯାଏ ?

a. ସମାନ୍ତର  b. ପଙ୍କ୍ତି  c. ଏକାନ୍ତର  d. ସ୍ତମ୍ଭ

୨୨. ଭାରତରେ ମିଳୁଥିବା ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ୍ ସ୍ରୋତ ପ୍ରତି କେତେ ସେକେଣ୍ଡର ତା'ର ଦିଗ ବଦଳାଇ ଥାଏ ?

a. 0.1  b. 0.01  c. 0.001  d. 1

୨୩. ଏକ ସରଳ ପରିବାହୀରେ ବିଦ୍ୟୁତ୍ ପ୍ରବାହ ଯୋଗୁ ସୃଷ୍ଟି ହେଉଥିବା ଚୁମ୍ବକ କ୍ଷେତ୍ରର ଦିଗ ନିୟମ ଦ୍ୱାରା ଜଣାଯାଏ ?

a. ଫ୍ଲେମିଂଙ୍କ ବାମହସ୍ତ ନିୟମ  b. ଦକ୍ଷିଣ ହସ୍ତ ବୃଦ୍ଧାଙ୍ଗୁଳି ନିୟମ

c. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମ  d. ଓମ୍ ଙ୍କ ନିୟମ

୨୪. ବିଦ୍ୟୁତ୍ ପ୍ରବାହୀ ସଲେନଏଡ୍ ମଧ୍ୟରେ କୋମଳ ଲୁହା ଖଣ୍ଡ ପ୍ରବେଶ କରାଇଲେ ।

a. ଚୁମ୍ବକ କ୍ଷେତ୍ରର ତୀବ୍ରତା ବୃଦ୍ଧି ପାଏ  b. ଚୁମ୍ବକ କ୍ଷେତ୍ରର ତୀବ୍ରତା ହ୍ରାସ ପାଏ

c. ଚୁମ୍ବକ କ୍ଷେତ୍ରର ତୀବ୍ରତା ସମାନ ରହେ  d. କହିହେବ ନାହିଁ

୨୫. ମୋଟରର ଘୂର୍ଣ୍ଣନ ବେଗ କାହା ଉପର ନିର୍ଭର କରେ ନାହିଁ ?

a. ବିଦ୍ୟୁତ୍ ପ୍ରବାହ  b. ବିଦ୍ୟୁତ୍ ପ୍ରବାହର ଦିଗ

c. ଆର୍ମେଚରର ତାର ଘେର ସଂଖ୍ୟା  d. ଚୁମ୍ବକ କ୍ଷେତ୍ରର ତୀବ୍ରତା

୨୬. ପ୍ରେରିତ ବିଦ୍ୟୁତ୍ ପ୍ରବାହର ଦିଗ ପରିବର୍ତ୍ତନର ବ୍ୟବଧାନ କେତେ ?

a. ପ୍ରତି ଅର୍ଦ୍ଧ ଘୂର୍ଣ୍ଣନ  b. ପ୍ରତି ପୂର୍ଣ୍ଣ ଘୂର୍ଣ୍ଣନ  c. ପ୍ରତି ଦୁଇଟି ପୂର୍ଣ୍ଣ ଘୂର୍ଣ୍ଣନ  d. କୌଣସିଟି ନୁହେଁ

୨୭. ପରିପଥ ବିଚ୍ଛିନ୍ନ ପାଇଁ ଫ୍ୟୁଜ୍ ବଦଳରେ କ'ଣ ବ୍ୟବହାର କରାଯାଏ ?

a. DCB  b. MCD  c. MCB  d. BMD

## SUBJECTIVE PART

**1.** (i) ନାମାଙ୍କିତ ଚିତ୍ର ସହ ବିଦ୍ୟୁତ୍ ଜେନେରେଟର୍‌ର ଗଠନ ଓ କାର୍ଯ୍ୟପ୍ରଣାଳୀ ବର୍ଣ୍ଣନା କର ।

କିମ୍ବା, ବିଦ୍ୟୁତ୍ ପ୍ରତିରୋଧଗୁଡ଼ିକର ପଂକ୍ତି ସଂଯୋଗ ଓ ସମାନ୍ତର ସଂଯୋଗ- ପ୍ରତ୍ୟେକ କ୍ଷେତ୍ରରେ ସମତୁଲ୍ୟ ପ୍ରତିରୋଧ ନିର୍ଣ୍ଣୟ କରିବା ପାଇଁ ସୂତ୍ର ନିଗମନ କର ।

(ii) ସମୀପ ଦୃଷ୍ଟି କ'ଣ ? କେଉଁ ଲେନ୍ସର ଚଷମା ବ୍ୟବହାର କଲେ ଏହାକୁ ଦୂରୀଭୂତ କରାଯାଇପାରିବ, ଚିତ୍ର ସହ ଆଲୋଚନା କର । [2

କିମ୍ବା, ଆଲୋକର ପ୍ରତିସରଣର ନିୟମ ଦ୍ୱୟ ଲେଖ । ପରମ ପ୍ରତିସରଣାଙ୍କ କ'ଣ ବୁଝାଅ ।

**2.** (i) ଉତ୍ତଳ ଦର୍ପଣ ଓ ଅବତଳ ଦର୍ପଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । [3

କିମ୍ବା, ସଲନଏଡ୍ କ'ଣ ? ଏହାଦ୍ୱାରା ସୃଷ୍ଟ ଚୁମ୍ବକୀୟ କ୍ଷେତ୍ରର ବୈଶିଷ୍ଟ୍ୟଗୁଡ଼ିକ ଲେଖ ।

(ii) ଆଲୋକର ପ୍ରକୀର୍ଣ୍ଣନ କ'ଣ ? ଏକ ଚିତ୍ର ସାହାଯ୍ୟରେ ବୁଝାଅ । ଏଥିରୁ କ'ଣ ତଥ୍ୟ ମିଳେ ଲେଖ । [3

କିମ୍ବା, ଚାରୋଟି ରେଜିଷ୍ଟରର ପ୍ରତିରୋଧ ଯଥାକ୍ରମେ $0.5\Omega$, $1.5\Omega$, $2.5\Omega$ ଓ $3.5\Omega$। ଏଗୁଡ଼ିକ ଏକ ବିଦ୍ୟୁତ୍ ପରିପଥରେ 4V ବ୍ୟାଟେରୀ ସହ ସଂଯୁକ୍ତ । ସେଲ୍‌ରୁ ନେଉଥିବା ବିଦ୍ୟୁତ୍ ସ୍ରୋତର ପରିମାଣ କଳନା କର ।

(iii) ଲେନ୍ସର ପାୱାର କ'ଣ ? ଏହାର ଏକକ କ'ଣ ? ଲେନ୍ସ ସମୂହର ମୋଟ ପାୱାର ସୂତ୍ରଟି ଲେଖ । [2

କିମ୍ବା, AC ଜେନେରେଟର ଠାରୁ DC ଜେନେରେଟର ପୃଥକ୍ କିପରି ବୁଝାଅ ?

# MODEL SET - 2

**୧. ଚକ୍ଷୁ ଦ୍ୱାରା ସୃଷ୍ଟି ଓଲଟା ପ୍ରତିବିମ୍ବକୁ ସଳଖ ଭାବରେ ଦେଖିବା ପାଇଁ କିଏ ସହାୟକ ହୁଏ ?**

a. ମୁକୁରିକା b. ମସ୍ତିଷ୍କ c. କନୀନିକା d. କାଚଭରସ

**୨. ପ୍ରିଜିମ୍ କେଉଁ ପ୍ରକ୍ରିୟାଦ୍ୱାରା ବର୍ଣ୍ଣାଳୀ ସୃଷ୍ଟି କରେ ?**

a. ପୂର୍ଣ୍ଣଗଠନ b. ପ୍ରତିସରଣ c. ପ୍ରକୀର୍ଣ୍ଣନ d. ପ୍ରତିଫଳନ

**୩. କେଉଁ ବାୟୁ ସବୁଠାରୁ କମ୍ ସାନ୍ଦ୍ରତା ବିଶିଷ୍ଟ ?**

a. ଉତ୍ତପ୍ତ b. ଥଣ୍ଡା c. ନିର୍ମଳ d. ଦୂଷିତ

**୪. ପ୍ରତିରୋଧିତାକୁ କେଉଁ ଅକ୍ଷର ଦ୍ୱାରା ଲେଖାଯାଏ ?**

a. b. A c. A d. ∫

**୫. ଲଘୁପଥନରେ ବିଦ୍ୟୁତ୍ ପ୍ରବାହର ପରିମାଣ କିପରି ବଢିଥାଏ ?**

a. ଧିରେ ଧିରେ b. ପ୍ରଥମେ ଧୀର ତା'ପରେ ଦ୍ରୁତ

c. ହଠାତ୍ d. ପ୍ରଥମେ ଦ୍ରୁତ ତା'ପରେ ଧୀର

**୬. ବାୟୁ ଶୀତଳ କରେ କେତେ ରେଟିଂର ପରିପଥ ବ୍ୟବହାର କରାଯାଏ ?**

a. 5A b. 25A c. 10A d. 15A

**୭. ଚାର୍ଜର ଆନ୍ତର୍ଜାତିକ ମାନକ ଏକକ ହେଉଛି -**

a. V b. A c. t d. C

**୮. ଦକ୍ଷିଣ ହସ୍ତ ବୃଦ୍ଧାଙ୍ଗୁଳି ନିୟମ ସାହାଯ୍ୟରେ କେଉଁ ବିଷୟରେ ସହଜରେ ଜାଣିହୁଏ ?**

a. ବିଦ୍ୟୁତ୍ ସ୍ରୋତର ପରିମାଣ b. ଚୁମ୍ବକୀୟ କ୍ଷେତ୍ରର ଦିଗ

c. ଚୁମ୍ବକ କ୍ଷେତ୍ରର ତୀବ୍ରତା d. ବିଦ୍ୟୁତ ସ୍ରୋତର ଦିଗ

**୯. ଫ୍ଲେମିଂଙ୍କ ବାମ ହସ୍ତ ନିୟମରୁ ପରିବାହୀର ଗତିର ଦିଗ କେଉଁ ଅଙ୍ଗୁଳିରୁ ଜାଣିହୁଏ ?**

a. ମଧ୍ୟମା b. ବୃଦ୍ଧାଙ୍ଗୁଳି c. ତର୍ଜନୀ d. କାଣି ଆଙ୍ଗୁଳି

**୧୦. ବିଦ୍ୟୁତ୍ ଯୋଗାଣ ତାର କେଉଁଠାରୁ ଆସିଥାଏ ?**

a. ଖୁଣ୍ଟିରୁ b. ମାଟିତଳୁ c. ମିଟରଠାରୁ d. ପ୍ଲଗ୍‌ଠାରୁ

**୧୧. ଦୁଇଟି ତାର ମଧ୍ୟରେ ବିଭବାନ୍ତର ହେଉଛି :**

a. 110V b. 2200V c. 22V d. 220V

**୧୨. କେଉଁ ବାୟୁ ସବୁଠାରୁ କମ୍ ସାନ୍ଦ୍ରତା ବିଶିଷ୍ଟ ?**

a. ଚୁମ୍ବକୀୟ କ୍ଷେତ୍ର b. ବିଦ୍ୟୁତ୍ ବିରବାନୁର c. ବିଦ୍ୟୁତ୍ ସ୍ରୋତ d. ପ୍ରତିରୋଧର ମାପ

**୧୩.** $R_1=1\Omega$, $R_2=1\Omega$, $R_3=1\Omega$ **ହେଲେ ସମାନ୍ତର ସଂଯୋଗରେ ଏହାର ମୋଟ ପ୍ରତିରୋଧ କେତେ ?**

a. $3\Omega$ b. $1\Omega$ c. $^1/_3\,\Omega$ d. $0\Omega$

**୧୪. ନିକ୍ରୋମ ମିଶ୍ର ଧାତୁଟିରେ ନିକେଲ, କ୍ରୋମିୟମ୍, ଲୌହ ସହ ଆଉ କେଉଁ ଧାତୁ ମିଶି ରହିଛି ?**

a. ବୋରନ୍ b. ମ୍ୟାନ୍‌ନେସିୟମ୍ c. କପର୍ d. ମାଙ୍ଗାନିଜ୍

**୧୫. ମୁକ୍ତ ସ୍ୱିଚ୍ ପାଇଁ କେଉଁ ସଂକେତ ବ୍ୟବହାର କରାଯାଏ ?**

a. –( )– b. –( · )– c.  d. 

**୧୬. ପରିବାହୀର ପ୍ରତିରୋଧ କାହା ଉପରେ ନିର୍ଭର କରେ ନାହିଁ ?**

a. ପରିବାହୀର ଦୈର୍ଘ୍ୟ b. ପରିବାହୀର ପ୍ରସ୍ଥ ଛେଦ c. ପଦାର୍ଥର ପ୍ରକୃତି d. କୌଣସଟି ନୁହେଁ

**୧୭. ଓ ଲେଖା ଥିବା ବଲ୍‌ବକୁ ଲାଇନ୍‌ରେ ସଂଯୁକ୍ତ କଲେ ପାୱାର କେତେ ହେବ ?**

a. 100 W b. 75 W c. 50 W d. 25 W

**୧୮. (ଏମ୍ପିୟର୍) 2x ଓମ୍ ର ମୂଲ୍ୟ ନିମ୍ନୋକ୍ତ ମଧ୍ୟରୁ କେଉଁଟି ।**

a. ୱାଟ୍ b. ଜୁଲ୍ c. ଭୋଲଟ୍ d. କୁଲମ୍

**୧୯. ଓମ୍‌ଙ୍କ ନିୟମ ଅନୁସାରେ ବିଦ୍ୟୁତ୍ ବିଭବାନ୍ତର କାହା ସହ ସମାନୁପାତୀ ?**

a. ବିଦ୍ୟୁତ୍ ସ୍ରୋତ b. ପ୍ରତିରୋଧ c. ଚର୍ଜ d. ବିଦ୍ୟୁତ୍ ଶକ୍ତି

**୨୦ ଫେମ୍ଲିଂଙ୍କ ବାମହସ୍ତ ନିୟମରେ ବୃଦ୍ଧାଙ୍ଗୁଳି କାହାର ଦିଗ ସୂଚିତ କରେ ?**

a. ବିଦ୍ୟୁତ୍ ସ୍ରୋତ b. ଚୁମ୍ବକୀୟ କ୍ଷେତ୍ର c. ପରିବାହୀର ଗତି d. ବିଦ୍ୟୁତ୍ କ୍ଷେତ୍ର

**୨୧. ମୋଟରରେ କମ୍ୟୁଟେଟରର କାର୍ଯ୍ୟ ହେଉଛି ।**

a. ବିଦ୍ୟୁତ୍ ସ୍ରୋତର ଦିଗ ପରିବର୍ତ୍ତନ b. ଚୁମ୍ବକୀୟ କ୍ଷେତ୍ରର ଦିଗ ପରିବର୍ତ୍ତନ

c. ବିଦ୍ୟୁତ୍ କ୍ଷେତ୍ରର ଦିଗ ସମାନ ରଖିବା d. ଚୁମ୍ବକୀୟ କ୍ଷେତ୍ରର ଦିଗ ସମାନ ରଖିବା

**୨୨. ପରିବାହୀ ଓ ଚୁମ୍ବକୀୟ କ୍ଷେତ୍ର ମଧ୍ୟସ୍ଥ କୋଣର ପରିମାଣ ନିମ୍ନୋକ୍ତ ମଧ୍ୟରୁ କେତେ ହେଲେ ଚୁମ୍ବକୀୟ କ୍ଷେତ୍ରରେ ଥିବା ପରିମାଣ ଶୂନ ହେବ ?**

a. $90^0$ b. $120^0$ c. $160^0$ d. $180^0$

**୨୩. ଏ.ସି. ଜେନେରେଟରରେ କେଉଁଟି ବ୍ୟବହୃତ ହୁଏ ନାହିଁ ?**

a. ବ୍ରସ୍ b. ଆର୍ମେଚର c. ସ୍ଲିପାରିଙ୍ଗ୍ d. ବିଖଣ୍ଡିତ ବଳୟ

**୨୪. ବିଦ୍ୟୁତ୍ ଖୁଣ୍ଟରୁ ଘରକୁ ଆସିଥିବା ତାରକୁ କ'ଣ କୁହାଯାଏ ?**

a. ଯୋଗାଣ ତାର b. ସଂଗ୍ରହ c. ଫ୍ୟୁଜ୍ ତାର d. ନି ଉଟ୍ରାଲ୍

**୨୫. ତାରକୁଣ୍ଡଳୀ ଓ ଚୁମ୍ବକରେ କେଉଁ ଅବସ୍ଥା ପାଇଁ ପ୍ରେରିତ ବିଦ୍ୟୁତ୍ ବିଭବାନ୍ତର ସୃଷ୍ଟି ହୁଏ ?**

a. ଆପେକ୍ଷିକ ଗତି b. ଆପେକ୍ଷିକ ସ୍ଥିରତା c. ଆପେକ୍ଷିକ ଦୂରତା d. ଆପେକ୍ଷିକ ବସ୍ତୁତ୍ୱ

## SUBJECTIVE PART

**1.** ଅବତଳ ଦର୍ପଣରେ ବସ୍ତୁର ଭିନ୍ନ ଭିନ୍ନ ଅବସ୍ଥାନ ପାଇଁ ପ୍ରତିବିମ୍ବ ଗଠନ ରଶ୍ମି ଚିତ୍ର ସାହାଯ୍ୟରେ ବର୍ଣ୍ଣନା କର । [4

(i) ଗଠନ ରଶ୍ମି ଚିତ୍ର ସାହାଯ୍ୟରେ ବର୍ଣ୍ଣନା କର ।

କିମ୍ବା

ଜୁଲ୍‌ଙ୍କ ତାପନ ନିୟମ ସୂତ୍ର ନିଗମନ କର । ବିଦ୍ୟୁତ୍ ସ୍ରୋତର ତାପନ କ୍ଷମତାର ଦୁଇଟି ଉପଯୋଗ ଲେଖ ।

(ii) ସମାୟୋଜନ କ'ଣ ? ଚକ୍ଷୁଲେନ୍ସ କିପରି ଆବଶ୍ୟକତା ଅନୁଯାୟୀ ଫୋକସ ଦୂରତା ବଦଳାଏ, ବର୍ଣ୍ଣନା କର । [3

କିମ୍ବା

ଏକ ସାଧାରଣ ମୋଟର ଓ ବ୍ୟବସାୟିକ ମୋଟର ମଧ୍ୟରେ କ'ଣ ପାର୍ଥକ୍ୟ ଅଛି ?

(iii) କେତୋଟି ଇଲେକ୍ଟ୍ରୋନ୍‌ର ଚାର୍ଜ I.C ହେବ ନିର୍ଣ୍ଣୟ କର । [2

କିମ୍ବା

ସୂର୍ଯ୍ୟୋଦୟ ହେବାର ୨ ମିନିଟ୍ ଆଗରୁ କାହିଁକି ଆମେ ସୂର୍ଯ୍ୟକୁ ଦେଖିପାରୁ ?

**2.** (i) ସମତଳ ଦର୍ପଣରେ ସୃଷ୍ଟ ପ୍ରତିବିମ୍ବର ପ୍ରକୃତି ଲେଖ । [ 3

କିମ୍ବା

ପ୍ରତିରୋଧ କ'ଣ ? ଓମ୍ କହିଲେ କ'ଣ ବୁଝ ? ଓମ୍‌ଙ୍କ ନିୟମ ଉଲ୍ଲେଖ କର ।

(ii) ଏକ ସମତଳ ଦର୍ପଣରେ ସୃଷ୍ଟି ପ୍ରତିବିମ୍ବର ପରିବର୍ଦ୍ଧନ +1, ଏହାର ଅର୍ଥ କ'ଣ ? [ 2

କିମ୍ବା

ଚୁମ୍ବକୀୟ କ୍ଷେତ୍ରରେଖାର ଧର୍ମଗୁଡ଼ିକ ଲେଖ ।

# MODEL SET - 3

**୧. କ୍ରାଉନ୍ କାଚର ପରମ ପ୍ରତିସରଣାଙ୍କ କେତେ ?**

a. 1.52 b. 1.33 c. 1.65 d. 1.46

**୨. ପ୍ରତିବିମ୍ବର ପରିବର୍ଦ୍ଧନ ରଣାତ୍ମକ ହେଲେ, ଏହାର ପ୍ରକୃତି କିପରି ହେବ ?**

a. ବାସ୍ତବ b. ଆଭାସୀ c. ଆଭାସୀ ଓ ପାର୍ଶ୍ୱପରିବର୍ତ୍ତନ d. ବାସ୍ତବ ଓ ପାର୍ଶ୍ୱପରିବର୍ତ୍ତନ

**୩.** **$n_{21}$ ଓ $n_{12}$ ମଧ୍ୟରେ ଥିବା ସମ୍ପର୍କଟି କ'ଣ ?**

a. $n_{21} = n_{12}$ b. $n_{12} = {}^{1}/n_{21}$ c. $n_{12} = 2n_{21}$ d. $n_{12} = n_{21}$

**୪. କେଉଁ ମାଧ୍ୟମରେ ଆଲୋକର ବେଗ ଶୂନ୍ୟରେ ଆଲୋକର ବେଗ ସହ ପ୍ରାୟ ସମାନ ?**

a. ବାୟୁ b. କାଚ c. ଜଳ d. କିରୋସିନି

**୫. ଏକ ଅବତଳ ଦର୍ପଣରେ ପ୍ରତିବିମ୍ବର ପରିବର୍ଦ୍ଧନ > 1 ହେଲେ, ବସ୍ତୁଟି କେଉଁଠାରେ ରହିବ ?**

a. P ଓ F ମଧ୍ୟରେ b. F ଠାରେ c. C ଓ F ମଧ୍ୟରେ d. C ଠାରେ

**୬. ପାର୍ଶ୍ୱବିସ୍ଥାପନ ନିମ୍ନୋକ୍ତ କେଉଁକାରକ ଉପରେ ନିର୍ଭର କରେ ?**

a. ଆପତନ କୋଣ b. କାଚ ସ୍ଲାବ୍‌ର ପ୍ରତିସରଣାଙ୍କ

c. କାଚସ୍ଲାବ୍‌ର ମୋଟେଇ d. ଉପରୋକ୍ତ ସମସ୍ତ

**୭. 20 ସେ.ମି. ଫୋକସ୍ ଦୂରତା ବିଶିଷ୍ଟ ଏକ ଉତ୍ତଳ ଲେନ୍ସଠାରୁ କେତେ ଦୂରରେ ବସ୍ତୁ ରଖିଲେ ପ୍ରତିବିମ୍ବଟି ବାସ୍ତବ ଓ ପରିବର୍ଦ୍ଧିତ ହେବ ?**

a. 20 cm b. 30 cm c. 40 cm d. 60 cm

**୮. ଆଲୋକ ବାୟୁ ମଧ୍ୟରେ ଏହାର ବେଗ କେତେ ?**
**(ଶୂନ୍ୟରେ ଆଲୋକ ବେଗ $3 \times 10^8$ m/s)**

a. $10^8$ m/s b. $2 \times 10^8$ m/s c. $3 \times 10^8$ m/s d. $1.5 \times 10^8$ m/s

**୯. S.I ପଦ୍ଧତିରେ ପରମ ପ୍ରତିସରଣାଙ୍କର ଏକକ କ'ଣ ଅଟେ ?**

a. ମି/ସେ b. ସେ.ମି./ସେ c. କି.ମି./ଘ. d. ଏକକବିହୀନ ରାଶି

**୧୦. କାହାକୁ ପରିପଥରେ ପଙ୍‌କ୍ତି ସଂଯୋଗ କରାଯାଏ ନାହିଁ** 1? 1
R 1 — + —

a. ଫ୍ୟୁଜ୍ b. ରିଓଷ୍ଟାଟ୍ c. ଭୋଲ୍ଟମିଟର d. ଏମିଟର୍

**୧୧. 2Ω, 3Ω ଓ 6Ω ପ୍ରତିରୋଧର ସଂଯୋଗର ସର୍ବନିମ୍ନ ସମତୁଲ୍ୟ ପ୍ରତିରୋଧ କେତେ ହେବ ?**

a. 2Ω b. 1Ω c. ${}^{1}/_{2}\Omega$ d. 2

**୧୨. କେଉଁଥିରେ ବିଦ୍ୟୁତ୍ ସ୍ରୋତର ତାପନ କ୍ଷମତାର ଉପଯୋଗ ହୁଏ ନାହିଁ ?**

a. ବିଦ୍ୟୁତ୍ ଇସ୍ତ୍ରୀ b. ବିଦ୍ୟୁତ୍ ମୋଟର c. ବିଦ୍ୟୁତ୍ ବଲ୍‌ବ d. ବିଦ୍ୟୁତ୍ ଚୁଲ୍ଲୀ

**୧୩. ଯଦି P ଓ Q ଦୁଇଟି ପ୍ରତିରୋଧକୁ ପଙ୍‌କ୍ତି ସଂଯୋଗରେ ସଂଯୁକ୍ତ କରାଯାଏ ଏବଂ ତାହାର ସମୂହ ପ୍ରତିରୋଧ ହୁଏ, ତେବେ କେଉଁଟି ସତ୍ୟ ?**

a. R = P – Q b. R = PQ c. R = P + Q d.

**୧୪. 10Ω ପ୍ରତିରୋଧ ବିଶିଷ୍ଟ ତା'ର କୁଣ୍ଡଳୀରେ 10 ମିନିଟ୍ ଧରି 2A ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେଲେ କେତେ ତାପ ଉତ୍ପନ୍ନ ହେବ ?**

a. $2.4 \times 10^2$J b. $2.4 \times 10^3$J c. $2.4 \times 10^4$J d. $2.4 \times 10^5$J

**୧୫. ଭୋଲଟ୍ × ଏମ୍ପିୟର କାହାର ଏକକ ଅଟେ ?**

a. ବିଦ୍ୟୁତ୍ b. ବିଦ୍ୟୁତ୍ ବିଭବାନ୍ତର c. ବିଦ୍ୟୁତ୍ ପାୱାର d. ଏଗୁଡ଼ିକ ସମସ୍ତେ

**୧୬. ଓମ୍‌ଙ୍କ ନିୟମ ଅନୁସାରେ ବିଦ୍ୟୁତ୍ ବିଭବାନ୍ତର କାହା ସହ ସମାନୁପାତୀ ?**

a. ବିଦ୍ୟୁତ୍ ସ୍ରୋତ b. ବିଦ୍ୟୁତ୍ ପ୍ରତିରୋଧ c. ଚାର୍ଜ d. ବିଦ୍ୟୁତ୍ ଶକ୍ତି

**୧୭. କୁଲମ୍ / ସେକେଣ୍ଡ଼ର ମୂଲ୍ୟ କାହା ସହ ସମାନ ?**

a. ଓମ୍ b. ଭୋଲ୍ଟ c. ଏମ୍ପିୟର d. ଜୁଲ୍

**୧୮. କେଉଁଟି ଚୁମ୍ବକୀୟ କ୍ଷେତ୍ରରୁ ଉତ୍ସ ନୁହେଁ ?**

a. ସ୍ଥାୟୀ ଚୁମ୍ବକ b. ବିଦ୍ୟୁତ୍ ପ୍ରବାହୀ ପରିବାହୀ c. ପୃଥିବୀ d. ବ୍ୟାଟେରୀ

**୧୯. ଫ୍ଲେମିଂଙ୍କ ଦକ୍ଷିଣ ହସ୍ତ ନିୟମରେ ବୃଦ୍ଧାଙ୍ଗୁଳି କ'ଣ ସୂଚାଏ ?**

a. ପରିବାହୀର ଗତି b. ଚୁମ୍ବକୀୟ କ୍ଷେତ୍ର c. ବିଦ୍ୟୁତ୍ ପ୍ରବାହର ଦିଗ d. ପରିବାହୀର ଘୂର୍ଣ୍ଣରେ ଦିଗ

**୨୦. ବୈଦ୍ୟୁତିକ ମୋଟରରେ କେଉଁ ଶକ୍ତିରୁ କେଉଁ ଶକ୍ତି ମିଳେ ?**

a. ଯାନ୍ତ୍ରିକରୁ ବିଦ୍ୟୁତ୍ ଶକ୍ତି b. ବିଦ୍ୟୁତ୍‌ରୁ ଯାନ୍ତ୍ରିକ ଶକ୍ତି

c. ବିଦ୍ୟୁତ୍‌ରୁ ଗତିଜ ଶକ୍ତି d. ଯାନ୍ତ୍ରିକରୁ ଗତିଜ ଶକ୍ତି

**୨୧. ଲାଲ ଆଲୋକର ତରଙ୍ଗ ଦୈର୍ଘ୍ୟ କେଉଁ ଆଲୋକର ତରଙ୍ଗ ଦୈର୍ଘ୍ୟର ପ୍ରାୟ 1.8 ଗୁଣ ।**

a. ହଳଦିଆ b. ନୀଳ c. ସବୁଜ d. ବାଇଗଣୀ

**୨୨. ଚକ୍ଷୁ ଲେନ୍‌ସର ବକ୍ରତା କାହା ଦ୍ୱାରା ନିୟନ୍ତ୍ରିତ ହୁଏ ?**

a. କନୀନିକା b. ମୁକୁରିକା c. ସିଲିଆରୀ ମାଂସପେଶୀ d. ନେତ୍ରପିତୁଳା

**୨୩. 50 ସେ.ମି. ପରେ ଥିବା ଏକ ବସ୍ତୁକୁ ଜଣେ ବ୍ୟକ୍ତି ସ୍ପଷ୍ଟ ଦେଖି ନ ପାରିଲେ କେତେ ପାୱାରର ଲେନ୍‌ସ ପିନ୍ଧିବା ଆବଶ୍ୟକ ।**

a. 2D b. –2D c. 1D d. –1D

**୨୪. ସମୀପ ଦୃଷ୍ଟିଯୁକ୍ତ ଚକ୍ଷୁର ଫୋକସ୍ ଦୂରତା କ'ଣ ହୁଏ ?**

a. $\frac{1}{16}S$ b. $\frac{1}{15}S$ c. $\frac{1}{20}S$ d. $\frac{1}{12}S$

**୨୫. ସମୀପ ଦୃଷ୍ଟିଯୁକ୍ତ ଚକ୍ଷୁର ଫୋକସ୍ ଦୂରତା କ'ଣ ହୁଏ ?**

a. ବୃଦ୍ଧିପାଏ b. ହ୍ରାସପାଏ c. ସମାନ ରହେ d. କୌଣସିଟି ନୁହେଁ

## SUBJECTIVE PART

1. (i) ଏକ ବୈଦ୍ୟୁତିକ ମୋଟରର ମୂଳତତ୍ତ୍ୱ, ଗଠନ ଓ କାର୍ଯ୍ୟପ୍ରଣାଳୀ ବର୍ଣ୍ଣନା କର ।

କିମ୍ବା ମାନବ ଚକ୍ଷୁର ନାମାଙ୍କିତ ଚିତ୍ର ସହ ଗଠନ କର ।

(ii) ଦୂରଦୃଷ୍ଟିଯୁକ୍ତ ଚକ୍ଷୁର ନିକଟବିନ୍ଦୁ 1m ହେଲେ ଏହି ଦୃଷ୍ଟିଦୋଷର ସଂଶୋଧନ ପାଇଁ ଲେନ୍‌ସର ପାୱାର କେତେ ହେବା ଆବଶ୍ୟକ ?

କିମ୍ବା ଅବତଳ ଦର୍ପଣ ଓ ଉତ୍ତଳ ଦର୍ପଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

2. (i) ଫ୍ଲେମିଂଙ୍କ ଦକ୍ଷିଣହସ୍ତ ନିୟମ ବୁଝାଅ । ଏହାର ଉପଯୋଗିତା ଉଲ୍ଲେଖ କର ।

କିମ୍ବା ଲେନ୍‌ସ ସୂତ୍ର ଓ ଲହାର ପରିବର୍ଦ୍ଧନର ସୂତ୍ର ଲେଖ । ଏକ 10 ସେ.ମି. ଫୋକସ୍ ଦୂରତା ବିଶିଷ୍ଟ ଉତ୍ତଳ ଲେନ୍‌ସର 15 ସେ.ମି. ଦୂରରେ ଏକ ବସ୍ତୁ ରଖିଲେ, ତାହାର ପ୍ରତିବିମ୍ବର ଅବସ୍ଥିତ ଓ ପ୍ରକୃତି ଲେଖ ।

(ii) ନିର୍ମଳ ଆକାଶର ବର୍ଣ୍ଣ ନୀଳ ଦେଖାଯାଏ କାହିଁକି ?

କିମ୍ବା ଗୋଟିଏ 500w ରେଫ୍ରିଜେରେଟର ଦିନକୁ 6 ଘଣ୍ଟା ଚାଲେ । ବିଦ୍ୟୁତ୍ ଶୁଳ୍କ ଯଦି Kwh ପିଛା 3 ଟଙ୍କା ପଇସା ହୁଏ ତେବେ 30 ଦିନ ପାଇଁ କେତେ ଟଙ୍କାର ବିଦ୍ୟୁତ୍ ଖର୍ଚ୍ଚ ହେବ ?

(iii) ଲେନ୍‌ସର ପାୱାର କାହାକୁ କୁହାଯାଏ ? ଆନ୍ତର୍ଜାତିକ ଏକକ ପଦ୍ଧତିରେ ଲେନ୍‌ସର ପାୱାରର ଏକକ କ'ଣ ?

କିମ୍ବା ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ୍ ସ୍ରୋତର ସୁବିଧାଗୁଡ଼ିକ ଲେଖ ?

ASHOK DAS
FOUNDATION

# ଅଶୋକ ଦାସ ଫାଉଣ୍ଡେସନ୍

ଜନବଗିରୁ, ଯାଜପୁର
E-mail : ashokdasfoundation0990@gmail.com
Ph. No.- 9937233933